R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୪
ତିଥି : ଏକାଦଶୀ
୧୯ ଏପ୍ରିଲ ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 194
19 April 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଆଜି ପ୍ରଥମ ପର୍ଯ୍ୟାୟ ଭୋଟ୍

ନୂଆଦିଲ୍ଲୀ, ୧୮।୪ : ଆସନ୍ତାକାଲି ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ ଲାଗି ପ୍ରଥମ ପର୍ଯ୍ୟାୟ ମତଦାନ ହେବ । ପ୍ରଥମ ପର୍ଯ୍ୟାୟରେ ୧୦୨ ଲୋଗସଭା ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ । ତାମିଲନାଡୁର ସମସ୍ତ ୩୯ ଲୋକସଭା ଆସନ ଲାଗି ଭୋଟ୍ ଗ୍ରହଣ ହେବାକୁ ଥିବାବେଳେ ଉତ୍ତରାଖଣ୍ଡର ୫, ଅରୁଣାଚଳର ୨, ମେଘାଳୟ ୨, ଆଣ୍ଡାମାନନିକୋବର ୧, ମିଜୋରାମ ୧, ନାଗାଲାଣ୍ଡ ୧, ପୁଡୁଚେରୀ ୧, ସିକିମ୍ ୧ ଓ ଲାକ୍ଷାଦୀପର ୧ ଆସନ ଲାଗି ଭୋଟ୍ ଗ୍ରହଣ କରାଯିବ ।



ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରଚାର ଶେଷ ହୋଇଛି । ୨୧ ରାଜ୍ୟର ଏହି ୧୦୨ ବିଧାନସଭା ଆସନରେ ଭୋଟ୍ ଗ୍ରହଣ କରାଯାଉଛି । ଏଥିରେ ୧୮ ଲକ୍ଷ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ପାଇଁ ନିଯୁକ୍ତି ଦିଆଯାଇଛି । ୧.୮୭ ଲକ୍ଷ ପୁଲିଂ ବୁଥ୍‌ରେ ୧୬.୬୩ କୋଟି ମତଦାତା ତାଙ୍କର ମତାଧିକାର ସାବ୍ୟସ୍ତ କରିବେ । ପ୍ରଥମ ପର୍ଯ୍ୟାୟରେ ୯ କେନ୍ଦ୍ରମନ୍ତ୍ରୀ, ୨ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜଣେ ପୂର୍ବତନ ରାଜ୍ୟପାଳଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ । ସପ୍ତମ ପର୍ଯ୍ୟାୟରେ ଦେଶରେ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି । ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ଭୋଟ୍ କରାଯିବ । ଜୁନ୍ ୪ରେ ଗଣତି ହେବ । ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗର କେତେକ ଆସନରେ ଭୋଟ୍ ଗ୍ରହଣ କରାଯାଉଛି । ପୂର୍ବାହ୍ନ ୭ଟାରୁ ସନ୍ଧ୍ୟା ୬ଟା ଯାଏ ଭୋଟ୍ ଗ୍ରହଣ କରାଯିବ । କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡକରୀଙ୍କ ଭାଗ୍ୟ ମଧ୍ୟ ଆସନ୍ତାକାଲି ନିର୍ଦ୍ଧାରିତ ହେବ । ସେ ନାଗପୁର ପଶ୍ଚିମ ନିର୍ବାଚନ ମଣ୍ଡଳିରୁ ନିର୍ବାଚନ ଲଢୁଛନ୍ତି । ସେହିଭଳି କେନ୍ଦ୍ରମନ୍ତ୍ରୀ କିରନ୍ ରିଜ୍ଜୁ, ଜିତେନ୍ଦ୍ର ସିଂ, ଭୁପେନ୍ଦର ଯାଦବ, ନୀତିଶ ପରିମାଣିକଙ୍କର ଭାଗ୍ୟ ମଧ୍ୟ ନିର୍ଦ୍ଧାରଣ ହେବ ।

**୨୧ ରାଜ୍ୟର ୧୦୨ ଲୋକସଭା ଆସନ ଲାଗି ମତଦାନ**

**୯ କେନ୍ଦ୍ରମନ୍ତ୍ରୀ, ୨ ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ**

**୧୬.୬୩ କୋଟି ଭୋଟର ମତ ସାବ୍ୟସ୍ତ କରିବେ**

## ଆଇଟିସିଏମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର, ୧୮।୪ (ସବ୍ୟୁ) : ଗୁରୁବାର ଅପରାହ୍ନ ସମୟରେ ଚାନ୍ଦିପୁରସ୍ଥିତ ଡିଆରଡିଓ ଲଞ୍ଚିଂ ପେଡରୁ ଆଇଟିସିଏମ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଫଳରେ ଭାରତର ପ୍ରତିକ୍ଷା ମନ୍ତ୍ରଣାଳୟ ଆଜି ଏକ ନୂତନ ଧରଣର କ୍ଷେପଣାସ୍ତ୍ର ପରୀକ୍ଷା କରି କ୍ଷେପଣାସ୍ତ୍ର କ୍ଷେତ୍ରରେ ନୂତନ ଇତିହାସ ସୃଷ୍ଟି କରିଛି । ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଏସମ୍ପର୍କରେ ସୂଚନା ଦିଆଯାଇଛି । ଚାନ୍ଦିପୁରସ୍ଥିତ ଇଣ୍ଟିଗ୍ରେଟେଡ ଟେଷ୍ଟରେଞ୍ଜରେ ସ୍ୱଦେଶ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷପଣାସ୍ତ୍ର ପରୀକ୍ଷଣ ସମୟରେ ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପରୀକ୍ଷଣ ସମୟରେ ପୃଥକ (୯ ପୃଷ୍ଠାରେ)



## ଏନ୍‌ଏଚ୍-୫୫କୁ ନେଇ ଧର୍ମେନ୍ଦ୍ରଙ୍କୁ ଘେରିଲେ ପ୍ରଣବ

ଭୁବନେଶ୍ୱର, ୧୮।୪ (ସବ୍ୟୁ) : ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜେଡି, ବିଜେପି ମଧ୍ୟରେ ବାକ୍ ଯୁଦ୍ଧ ବା ସୋସିଆଲ ମିଡିଆରେ ଆକ୍ଷେପ, ପ୍ରତିଆକ୍ଷେପ ବଢ଼ିବାରେ ଲାଗିଛି । ସମ୍ବଲପୁର ବିଜେପି ଲୋକସଭା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୁଣି ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏନ୍‌ଏଚ୍-୫୫କୁ ନେଇ ଘେରିଛନ୍ତି । ସୋସିଆଲ ମିଡିଆରେ ବିଜୁ ଏକ୍ସପ୍ରେସ୍ ୱେ ଓ ଏନ୍‌ଏଚ୍୫୫ର




ଫଟୋକୁ ପୋଷ୍ଟ କରି ସେ ଧର୍ମେନ୍ଦ୍ରଙ୍କୁ ପ୍ରଶ୍ନ ପଚାରିଛନ୍ତି । ଜାତିୟ ରାଜପଥର ଦୂରାବସ୍ଥା ନେଇ ସେ ପ୍ରଶ୍ନ କରିଛନ୍ତି । କେନ୍ଦ୍ର ସରକାର ୧୦ ବର୍ଷରେ ଓଡ଼ିଶାର ବିକାଶ କ୍ଷେତ୍ରରେ କି ପଦକ୍ଷେପ ନେଇଛନ୍ତି ବୋଲି ପ୍ରଶ୍ନ ପଚାରିଛନ୍ତି ।

ଗୋଟିଏ ଫଟୋରେ ବିଜୁ ଏକ୍ସପ୍ରେସ୍ ୱେକୁ ଦେଖାଇ ରାଜ୍ୟ ସରକାରଙ୍କ ଦ୍ୱାରା (୯ ପୃଷ୍ଠାରେ)

## ଓଡ଼ିଶାରେ ମେ' ୧୩ରେ ପ୍ରଥମ ପର୍ଯ୍ୟାୟ ଭୋଟ୍

ଭୁବନେଶ୍ୱର, ୧୮।୪ (ସବ୍ୟୁ) : ଦେଶର ଚତୁର୍ଥ ଓ ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଜିଠୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ନାମାଙ୍କନପତ୍ର ଦାଖଲ ହେବାପରେ ନବରଙ୍ଗପୁର ଲୋକସଭା ଆସନ ଲାଗି କଂଗ୍ରେସ ପ୍ରାର୍ଥୀ ଭୁଜବଳ ମାଝୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସମ୍ପର୍କରେ ମୁଖ୍ୟ




**ପ୍ରକାଶ ପାଇଲା ବିଜ୍ଞପ୍ତି, ନାମାଙ୍କନ ଆରମ୍ଭ**

**ଏପ୍ରିଲ ୨୫ ଯାଏ ଦାଖଲ ହେବ ପ୍ରାର୍ଥିପତ୍ର**

**୬୨ ଲକ୍ଷରୁ ଅଧିକ ମତଦାତା ଭୋଟ୍ ଦେବେ**

**୪ ଲୋକସଭା, ୨୮ ବିଧାନସଭା ଆସନ ଲାଗି ହେବ ଭୋଟ୍**

ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଦଳ ସୂଚନା ଦେଇଛନ୍ତି । ଏପ୍ରିଲ ୨୫ ଯାଏ ନାମାଙ୍କନପତ୍ର ଦାଖଲର ଶେଷ (୯ ପୃଷ୍ଠାରେ)

# ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

ଭୁବନେଶ୍ୱର, ୧୮।୪ (ସବ୍ୟୁ) : ସକାଳ ହେଉକି ରାତି ତାତି କମୁନି । ଦିନ ତମାମ ଗ୍ରୀଷ୍ମ ଲହରୀରେ କାନ୍ଥ ବାଡ଼ ତତେଇ ଦେଉଥିବା ବେଳେ ରାତିରେ ତାତି କମିବା ବେଳକୁ ପୁଣି ସକାଳୁ ସୂର୍ଯ୍ୟଙ୍କ ଉତ୍ତାପ ବୃଦ୍ଧି ପାଉଛି । ଫଳରେ ଦିନ କି ରାତି ସବୁ ସମୟରେ ଗରମ କମିବାରେ ନାଁ ଧରୁନି । ଗୁରୁବାର ଭୁବନେଶ୍ୱର ପାଲଟିଛି ସବୁଠୁ ଉତ୍ତପ୍ତ ସହର । ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ରହିଥିଲା । ଚଳିତ ମାସ ୫ ତାରିଖରେ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ ହୋଇଥିଲା । ରାଜ୍ୟରେ ଆଜି ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି ।

ପାଣିପାଗ ବିଭାଗର କହିବାନୁସାରେ, ଆଉ ଦୁଇଦିନ ତାତି କଲବଲ କରିବ । କେତେକ ସ୍ଥାନରେ ଭୀଷଣ ତାତି ଅନୁଭୂତ ହୋଇପାରେ । ୨୧ ତାରିଖ ଯାଏଁ ତାତିରୁ ନିସ୍ତାର ମିଳବ ନାହିଁ । ୨୨ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ । ଉତ୍ତର ଓଡ଼ିଶା, ଦକ୍ଷିଣ ଉପକୂଳ ଓଡ଼ିଶାର (୯ ପୃଷ୍ଠାରେ)



ଜାତୀୟ ରାଜପଥ-୧୬ ଶୂନ୍‌ଶାନ୍ (ଫଟୋ-ଅତୁଲ୍ୟ)

**୩୨ ସହରରେ ୪୦° ଉପରେ**

**ଭୁବନେଶ୍ୱରରେ ସର୍ବାଧିକ ୪୩.୬°**

**ଆଉ ଦୁଇଦିନ କଲବଲ ତାତି**

**୨୨ରୁ କାଳବୈଶାଖୀ ତାତିକୁ ଦେବ ବ୍ରେକ**

## ବିଟ୍ ରାସ୍ତାରେ ଛୁରା ମାଡ, ଯୁବକ ମୃତ

କେନ୍ଦ୍ରାପଡ଼ା, ୧୮।୪ (ସବ୍ୟୁ) : କେନ୍ଦ୍ରାପଡା ଟାଉନ ଥାନା ଅଧିନ ଟାଉନ ବଳରାମପୁର ଗ୍ରାମରେ ଏକ ଛୁରା ମାଡ ଘଟିଯାଇଛି । ଜଣେ ଯୁବକଙ୍କ ଛୁରା ମାଡରେ ଅନ୍ୟ ଜଣେ ଯୁବକ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ଭଳି ଏକ ଚାଂଚଲ୍ୟକର ଘଟଣା ଗୁରୁବାର ଅପରାହ୍ନରେ ଘଟିଯାଇଛି । ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଆକ୍ରମଣକାରୀ ଯୁବକକୁ ଗିରଫ କରିବା ସହ ମୃତ୍ୟୁବରଣ କରିଥିବା ଯୁବକର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି ।

ଘଟଣା ମୁତାବକ ସଦର ଥାନା ଅଧିନ ଓସ୍ତପୁର ପଞ୍ଚାୟତ ସାରଙ୍ଗ ଗ୍ରାମର ଅକ୍ଷୟ କୁମାର ଖଟୁଆ (୩୫) ଏସି ମେକାନିକ ଭାବେ କାମ ସାରି ଟାଉନ ବଳରାମପୁର ହନୁମାନ ମନ୍ଦିର ନିକଟରେ ରାସ୍ତା କଡରେ ବସିଥିଲେ । କଂସାର ପଞ୍ଚାୟତର ଚଣ୍ଡିଆ ପଲେଇ ଗ୍ରାମରେ ଆଦିକନ୍ଦ ବେହେରାଙ୍କ ପୁଅ ଆଦିତ୍ୟ ପ୍ରସାଦ ବେହେରା ଟାଉନ ବଳରାମପୁର ରେ ଗତ କିଛିବର୍ଷ ହେବ ବସବାସ କରୁଛନ୍ତି । ଗୁରୁବାର ପ୍ରାୟ ୫ ଟା ସମୟରେ ଅକ୍ଷୟକୁ ହଠାତ୍ ଛୁରୀରେ ୮ ରୁ ୧୦ ଜାଗା ଭୁସିବାରେ ଲାଗିଥିଲା । ଅତର୍କିତ ଆକ୍ରମଣରେ ଅକ୍ଷୟ ତଳେ ପଡି ଛଟପଟ (୯ ପୃଷ୍ଠାରେ)

## ଉଧାର ଟଙ୍କା ଲାଗି ପିଟିପିଟି ହତ୍ୟା

ଭାପୁର, ୧୮।୪ (ସବ୍ୟୁ) : ଗୁରୁବାର କରଜ ଟଙ୍କାକୁ ନେଇ ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ଏହି ଅଭାବନୀୟ ଘଟଣା ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଥାନା ଅନ୍ତର୍ଗତ ଶାଳପଡ଼ା ଗ୍ରାମରେ ଘଟିଛି।

ପୁଲିସ ସୁତ୍ରରୁ ପ୍ରକାଶ ଫତେଗଡ଼ ଥାନା ଅନ୍ତର୍ଗତ ପଦ୍ମାବତୀ ଗ୍ରାମର ଯଦୁନାଥ ରାଉତ ଙ୍କ ପୁଅ ଅରୁଣ ରାଉତ (୫୦) ଶାଳପଡ଼ା ଛକରେ ପଦ୍ମନାଭ ଶତପଥୀଙ୍କ ଘର ଭଡ଼ା ନେଇ ହାର୍ଡଓୟାର ଷ୍ଟୋର କରି ବ୍ୟବସାୟ କରି ଆସୁଥିଲେ। ଅରୁଣ ରାଉତଙ୍କ ସାନ ଭାଇ ପୂର୍ବରୁ ବ୍ୟବସାୟ ପାଇଁ ପଦ୍ମନାଭଙ୍କ ଠାରୁ ଅଢେଇ ଲକ୍ଷ ଟଙ୍କା ଧାର ଆଣିଥିଲେ। ମାତ୍ର ତାଙ୍କ ସାନ ଭାଇର ମହାମାରୀ କୋଭିଡ୍ ରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିବା ପରେ ଉକ୍ତ ବ୍ୟବସାୟୀ ସଂସ୍ଥାକୁ ବଡ ଭାଇ ଅରୁଣ ବ୍ୟବସାୟ କରୁଥିଲେ। ଅରୁଣ ପଦ୍ମନାଭଙ୍କ ଘରେ ଭଡ଼ା ବ୍ୟବସାୟ କରିବା ସହ ନିଜ ପରିବାରକୁ ନେଇ ରହି ଆସୁଥିଲେ। ମାତ୍ର କିଛି ମାସ ପୂର୍ବରୁ ସେ ପରିବାର ନେଇ ଭାପୁରରେ ରହୁଥିବା ବେଳେ ବ୍ୟବସାୟ ପୂର୍ବ ପରି ଶାଳପଡ଼ା ଛକରେ ପଦ୍ମନାଭ ଘରେ ଚଳାଇ ଆସୁଥିଲେ। ସାନ (୯ ପୃଷ୍ଠାରେ)

### ରେବନ୍ତ ରେଡ୍ଡୀଙ୍କ ଦମ୍ଭୋକ୍ତି

## ଦକ୍ଷିଣ ଭାରତରେ ବିଜେପି ୧୫ ଆସନ ଜିତିପାରେ



ନୂଆଦିଲ୍ଲୀ, ୧୮।୪ : ଆସନ୍ତାକାଲି ସାଧାରଣ ନିର୍ବାଚନ ଲାଗି ପ୍ରଥମ ପର୍ଯ୍ୟାୟ ମତଦାନ ହେବ । ବିଜେପି ପକ୍ଷରୁ ୪୦୦ ପାର୍ ନାରା ଦିଆଯାଇଥିବାବେଳେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ବୟାନ ବିଜେପିର ଏହି ସ୍ଲୋଗାନକୁ ଏକ ଧୂଆଁବାଣ ବୋଲି ପ୍ରମାଣିତ କରୁଛି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦକ୍ଷିଣ ଭାରତ ରାଜ୍ୟଗୁଡିକରୁ ବିଜେପି ମାତ୍ର ୧୨ ରୁ ୧୫ ଆସନ ଜିତିବାରେ ସକ୍ଷମ ହେବ । କେରଳର ଆଟ୍ଟିଙ୍ଗଲ ଠାରେ ଏକ ରାଲିକୁ ସମ୍ବୋଧିତ କରି ସେ କହିଥିଲେ ଯେ କେରଳରେ କଂଗ୍ରେସ ୨୦ ଆସନ ଜିତିବାକୁ ଥିବାବେଳେ ତେଲେଙ୍ଗାନାରେ ୧୭ ଆସନରୁ ୧୪ ଆସନ ଜିତିବ । ବିଜେପି ୪୦୦ ଆସନ ପାର୍ କରିବ ବୋଲି ଯେଉଁ ଦମ୍ଭୋକ୍ତି ଦେଖାଉଛି ତାହା ଉପରେ ସେ କହିଛନ୍ତି ଯେ ତେଲେଙ୍ଗାନା ପୂର୍ବ ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଗତବର୍ଷ ନିର୍ବାଚନ ସମୟରେ ପ୍ରଚାର କରିଥିଲେ ଯେ ଏଥର ସେ ୧୦୦ ଆସନରେ ଜିତିବେ । ମାତ୍ର ୩୯ ଆସନ ପାଇଥିଲେ । ସେହିଭଳି ଭାବେ ବିଜେପି ଏବେ ଲୋକଙ୍କୁ ବିଭ୍ରାନ୍ତ କରିବାରେ ଚେଷ୍ଟା କରୁଛି । କିନ୍ତୁ ଲୋକମାନେ ବୁଦ୍ଧିମାନ । ସେମାନେ ଏଥର (୯ ପୃଷ୍ଠାରେ)

### ସୁପ୍ରିମ୍‌କୋର୍ଟଙ୍କ ପ୍ରଶ୍ନ ------------------------------

## ଭିଭିପାଟ୍ ସ୍ଲିପ୍ ଭୋଟରଙ୍କୁ ଦେଲେ ଅସୁବିଧା କ'ଣ

ନୂଆଦିଲ୍ଲୀ, ୧୮।୪ : ନିର୍ବାଚନ ପ୍ରକ୍ରିୟାରେ ପବିତ୍ରତା ରହିବା ଦରକାର । ନିର୍ବାଚନ କମିଶନ ବୁଝାଇବା ଦରକାର ଯେ ମୁକ୍ତ ଓ ଅବାଧ ନିର୍ବାଚନ ଲାଗି ସେ ପଦକ୍ଷେପ ନେଉଛନ୍ତି । ଏହା ଏକ ନିର୍ବାଚନ ପ୍ରକ୍ରିୟା । ଏଥିରେ ପବିତ୍ରତା ଜରୁରୀ । କେହି କେବେ ଏହା ଉପରେ ସନ୍ଦେହ ପ୍ରକାଶ ନକରନ୍ତୁ । ଯାହା ଆଶା କରାଯାଉଛି ତାହା ନଘଟୁ ବୋଲି । ସୁପ୍ରିମ୍‌କୋର୍ଟ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଦୀପାଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ କହିଛନ୍ତି । ଏହାଛଡା ଭୋଟରମାନଙ୍କୁ ଭିଭିପାଟ୍ ସ୍ଲିପ୍ ଯଦି ଦିଆଯାଏ ତେବେ କ'ଣ ଅସୁବିଧା ଅଛି ବୋଲି ପ୍ରଶ୍ନ କରିଛନ୍ତି ।

ସୁପ୍ରିମ୍‌କୋର୍ଟ ଆଜି ଇଭିଏମ୍ ମେସିନ୍ ସହ ଭିଭିପାଟ୍‌ର ପେପର ସ୍ଲିପ୍‌କୁ ମେଳାଇବା ପାଇଁ ହୋଇଥିବା ଆବେଦନର ଶୁଣାଣି କରିଥିଲେ । ବରିଷ୍ଠ ଆଇନ୍‌ଜୀବୀ ମହେନ୍ଦ୍ର ସିଂ ନିର୍ବାଚନ କମିଶନଙ୍କ ପକ୍ଷରୁ ପକ୍ଷ ରଖିଥିଲେ । ଜଣେ ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ନିଜମ୍ ପାଶା କହିଥିଲେ ଯେ ଭୋଟରମାନଙ୍କୁ ଭୋଟ୍ ଦେବାପରେ ଭିଭିପାଟ୍ ସ୍ଲିପ୍‌କୁ ବାଲାଟ୍ ବାକ୍ସରେ ଜମା କରିବା ପାଇଁ ଅନୁମତି ଦିଆଯାଉ । ତେବେ ଜଷ୍ଟିସ୍ ଖାନ୍ନା ପଚାରିଥିଲେ ଯେ ଏହି ପ୍ରକ୍ରିୟା ଭୋଟରମାନଙ୍କର ବ୍ୟକ୍ତିଗତ ସ୍ୱାଧୀନତାକୁ ପ୍ରଭାବିତ କରିବନାହିଁ କି । ଏହାର ଜବାବରେ ଆଇନ୍‌ଜୀବୀ




କହିଥିଲେ ଯେ ଭୋଟରଙ୍କ ଗୋପନୀୟତା ଭୋଟରଙ୍କ ଅଧିକାରକୁ ପରାସ୍ତ ଲାଗି ବ୍ୟବହାର କରାଯାଇପାରେ ନାହିଁ । ଆଡ୍‌ଭୋକେଟ୍ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ଭିଭିପାଟ୍ ମେସିନ୍‌ରେ ଥିବା ଲାଇଟ୍ ସବୁ ସମୟ ପାଇଁ ଜଳେନାହିଁ । ମାତ୍ର ୭ ସେକେଣ୍ଡ ପାଇଁ ରହୁଛି । ଯଦି ସେମାନେ ଏଥିରେ ପରିବର୍ତ୍ତନ ଆଣନ୍ତି ତେବେ ଏହି ସମସ୍ୟାର ସମାଧାନ ହୋଇପାରେ । ଆମେ ଭାବୁଛୁ ଭିଭିପାଟ୍ ସ୍ଲିପ୍ ପଡିବା ଓ ଭୋଟର ପାଇବାରେ କୌଣସି ଗୋପନୀୟତା ଅଧିକାର ସହ ବୁଝାମଣା ହେଉନାହିଁ । ଆଇନ୍‌ଜୀବୀ ସଞ୍ଜୟ ହେଗ୍‌ଡେ କହିଥିଲେ ଯେ ଏଥିପାଇଁ ଏକ ପୃଥକ୍ ଅଡିଟ୍ ବ୍ୟବସ୍ଥା କରାଯାଉ । ଗଣତି ପ୍ରକ୍ରିୟାର ବିଶ୍ୱସନୀୟତା ବଜାୟ ରହୁ । ଶ୍ରୀ ଭୂଷଣ ମଧ୍ୟ କେରଳର ମଗ୍‌ପୋଲ୍ ଫଳାଫଳକୁ ନେଇ ପ୍ରଶ୍ନ ଉଠାଇଥିଲେ । କୋର୍ଟ ପଚାରିଥିଲେ ଭିଭିପାଟ୍ ପ୍ରିଣ୍ଟରରେ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ବେଳେବେଳେ ଆମକୁ ୪୮ ଘଣ୍ଟା କାମ କରିବାକୁ ପଡିଥାଏ । ଏହି ସମୟରେ ଶୋଇବାକୁ ସମୟ ମିଳିନଥାଏ । ହେଲେ କେହି କାଷ୍ଟ ମେମ୍ବର କେବେ ବି କୌଣସି ଅଭିଯୋଗ କରିନାହାନ୍ତି ।

**ଜିମି ସେରଗିଲ୍, ଅଭିନେତା**



ଉଲଝାର ଟିଜର ଖୁବ ଭଲ ହୋଇଛି । ଏଥିରେ ଜାହ୍ନବୀଙ୍କ ଅଭିନୟ ପ୍ରଶଂସା ଯୋଗ୍ୟ । ଟିଜରଟି ଯଦି ଏତେ ଭଲ ହୋଇଛି, ତେବେ ଫିଲ୍ମ କେତେ ଭଲ ହୋଇଥିବ ।

**ଅର୍ଜୁନ କପୁର, ଅଭିନେତା**



ମୁଁ ଦୀପିକା ଓ ଭୂମିଙ୍କ ସହିତ କ୍ୟାରିୟରର ପ୍ରଥମରୁ କାମ କରିବାର ସୁଯୋଗ ପାଇଛି, ଯାହା ମୋତେ ଅନେକ କଥା ଶିଖାଇଛି । ସେମାନଙ୍କ ସହିତ କାମ କରି ମୁଁ ଅଭିନୟ ସମ୍ପର୍କରେ ଅନେକ କିଛି ଶିଖିଛି । ଆମେମାନେ ଖୁବ ଭଲ ସାଙ୍ଗ ।

**ଅନନ୍ୟା ପାଣ୍ଡେ, ଅଭିନେତ୍ରୀ**

## ଇତିହାସ

୧୪୫୧– ବହଲୋଲ୍ ଲୋଦିଙ୍କ ଦିଲ୍ଲୀ ଉପରେ କବ୍‌ଜା

୧୭୭୦– ପ୍ରଥମ ୟୁରୋପୀୟ ଭାବେ କ୍ୟାପ୍ଟେନ ଜେମ୍ସ କୁକ୍ ଅଷ୍ଟ୍ରେଲିଆରେ ପହଞ୍ଚିଥିଲେ ।

୧୭୭୫– ଆମେରିକା କ୍ରାନ୍ତିର ଆରମ୍ଭ ।

୧୮୮୨– ପ୍ରସିଦ୍ଧ ଜୀବବିଜ୍ଞାନୀ ଚାର୍ଲସ୍ ଡାରଉଇନ୍‌ଙ୍କ ନିଧନ ।

୧୯୧୦– ହାଲି ପୁଚ୍ଛଲ ତାରା ପ୍ରଥମ ଥର ପାଇଁ ଖାଲି ଆଖିରେ ଦେଖାଯାଇଥିଲା ।

୧୯୩୬– ପିଲିସ୍ତିନିରେ ଇହୁଦୀ ବିରୋଧୀ ଦଙ୍ଗା ଆରମ୍ଭ ହୋଇଥିଲା ।

୧୯୫୦– ପ୍ରଥମ ମନ୍ତ୍ରୀ ଭାବେ ଶ୍ୟାମ ପ୍ରସାଦ ମୁଖାର୍ଜୀ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ ।

୧୯୭୨– ବାଙ୍ଗଲାଦେଶ ରାଷ୍ଟ୍ରମଣ୍ଡଳର ସଦସ୍ୟ ହୋଇଥିଲା ।

୧୯୭୭– ପ୍ରସିଦ୍ଧ ଆଥେଲେଟିକ୍ ଅଞ୍ଜୁ ବାବି ଜର୍ଜଙ୍କ ଜନ୍ମ ।

## ହାଃ ହାଃ

ପିଣ୍ଟୁ – ତୁ ଯଦି କେବେ ଭୁଲ କରୁ କ'ଣ କରୁ ତା' ପରେ ।

ଚିଣ୍ଟୁ – କିଛି ନାହିଁ କଣ କରେ, ଗାଳି ଶୁଣିବାକୁ ରେଡି ହୁଏ ।



ପିଣ୍ଟୁ – ନା, ଭୁଲ କରିବା ପରେ ଗୋଟିଏ କଥା କରିବାର ଆବଶ୍ୟକତା ରହିଛି ।

ଚିଣ୍ଟୁ – କଣ ?

ପିଣ୍ଟୁ – କାହା ନାଁ ନେଇ ସେଥିରୁ ପାର ପାଇବା ସେକଥା ଚିନ୍ତା କରିବାର ଅଛି ।

## ଡିମାଣ୍ଡିଂ ୱାର୍କପ୍ଲେସ୍‌କୁ କରନ୍ତୁ ବାଲାନ୍ସ



ଆଜିକାଲିର ଡିମାଣ୍ଡିଂ ୱାର୍କପ୍ଲେସ୍ ପାଇଁ ଲୋକଙ୍କର ଷ୍ଟ୍ରେସ୍ ବଢିଚାଲିଛି । ଏହି ଷ୍ଟ୍ରେସ୍ କାରଣରୁ ଅଫିସ୍‌ର ବାତାବରଣ ମଧ୍ୟ ବିଗୁଡୁଛି । ଏହି ୱାର୍କ ଲାଇଫ୍ ଷ୍ଟ୍ରେସ୍ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଉଛି । ତେଣୁ ୱାର୍କପ୍ଲେସ୍‌ରେ ମେଣ୍ଟାଲ୍ ହେଲ୍‌ଥର ଖୁବ ଧ୍ୟାନ ରଖିବାର ଆବଶ୍ୟକତା ରହିଛି । ଏଭଳି କିଛି ଟ୍ରିକ୍ ରହିଛି ଯାହାକୁ ଅନୁସରଣ କରି ଆମେ ୱାର୍କ ଲାଇଫକୁ ବାଲାନ୍ସ କରିପାରିବା । ଯେଉଁଠି କାମ କରୁଛନ୍ତି ସେଠାରେ ଏକ ସକରାତ୍ମକ ବାତାବରଣ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତୁ । ଏଥିପାଇଁ ସୋସିଆଲ ନେଟୱାର୍କକୁ ଷ୍ଟ୍ରଙ୍ଗ୍ କରନ୍ତୁ । ନିଜ ସହକର୍ମୀଙ୍କ ସହିତ ଭଲ ରିଲେସନ୍ ଡେଭଲପ୍ କରନ୍ତୁ । ଏହାଦ୍ୱାରା ଟିମ୍ ବଣ୍ଡିଂ ଭଲ ଭାବେ ହୋଇଥାଏ ଏବଂ କାମର ପ୍ରେସର କମିଥାଏ । ସେହିଭଳି ସବୁବେଳେ ଚେଷ୍ଟା କରନ୍ତୁ ନିଜ ମୁଣ୍ଡକୁ ଥଣ୍ଡା ରଖିବା ପାଇଁ । ତେଣୁ କାମ କରିବା ସମୟରେ ଛୋଟଛୋଟ ବ୍ରେକ ନିଅନ୍ତୁ । ଏହା ଦ୍ୱାରା ଆପଣଙ୍କର କାମ କରିବାକୁ ଇଚ୍ଛା ହେବାସହ ଉପାଦେୟତା ମଧ୍ୟ ବଢିବ । ଏହି ବ୍ରେକରେ ଆପଣ ଚା କଫି ପି ପାରିବେ, କିମ୍ୱା ସାଙ୍ଗଙ୍କ ସହିତ କୌଣସି ଗ୍ରୁପ୍ ଡିସ୍କସନ୍ ମଧ୍ୟ କରିପାରିବେ । ଏହା ପ୍ରଡକ୍ଟିଭିଟି ବଢାଇଥାଏ । ସବୁବେଳେ ନିଜର ସଫଳତାକୁ ସେଲିବ୍ରେଟ୍ କରନ୍ତୁ, ଏହା ଦ୍ୱାରା ଆତ୍ମ ବିଶ୍ୱାସ ବଢିବା ସହିତ ଆହୁରି ସଫଳତା ମିଳିବ ।

## ବିଶ୍ୱ ଯକୃତ ଦିବସ

ଯୁରୋପିଆନ ଆସୋସିଏସ୍ ଫର ଦି ଷ୍ଟଡି ଅଫ ଲିଭର (ଇଏଏସ୍‌ଏଲ୍) ପକ୍ଷରୁ ୨୦୧୦ରେ ବିଶ୍ୱ ଯକୃତ ଦିବସ ବା ୱାର୍ଲ୍ଡ ଲିଭର ଡେ' ପାଳନ କରାଯିବା ଆରମ୍ଭ ହୋଇଥିଲା । ୧୯୬୬ ଏପ୍ରିଲ ୧୯ରେ ଏହି ଅନୁଷ୍ଠାନ ଇଏଏସ୍‌ଏଲର ପ୍ରତିଷ୍ଠା କରାଯାଇଥିଲା । ଆମ ଶରୀରରେ ଯକୃତର କାର୍ଯ୍ୟ କାରିତା ଢେର ଅଧିକ । ଏହା ଆମ ଶରୀରର ପ୍ରାଥମିକ ଅଙ୍ଗ ଯାହା ଡିଟକ୍ସିଫିକେସନରେ ସାହାଯ୍ୟ କରିଥାଏ । ତେଣୁ ଏହାର ଯତ୍ନ ନେବାର ଅଧିକ ଆବଶ୍ୟକତା ରହିଛି । ଯକୃତକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ଆମକୁ ଆମର ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ହେବ । ସବୁବେଳେ ଏକ ସୁସ୍ଥ ଜୀବନ ଶୈଳୀ ବଞ୍ଚିବା ପାଇଁ ଚେଷ୍ଟା କରନ୍ତୁ । ସହିଭଳି ନିଶାଦ୍ରବ୍ୟ ବିଶେଷ ଭାବେ ଧୂମପାନ ଠାରୁ ଦୂରରେ ରୁହନ୍ତୁ , ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ । ମଝିରେ ମଝିରେ ଯକୃତର ଯାଞ୍ଚ କରାନ୍ତୁ । ପ୍ରତିବର୍ଷ ଏହାକୁ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଥାଏ । ଲୋକମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଯକୃତକୁ କିଭଳି ସୁସ୍ଥ ରଖିବେ ସେନେଇ ସଚେତନ କରାଯାଇଥାଏ ।



## ଶାହରୁଖଙ୍କ ସହ କାମ କରିବାକୁ ଇଚ୍ଛା



କମେଡ଼ି ଫିଲ୍ମ 'ହେ ବେବି'ରେ ବିଦ୍ୟାବାଲାନଙ୍କ ସହିତ ଶାହରୁଖ ଖାନଙ୍କୁ ଖୁବ କମ ସମୟ ପାଇଁ ଦେଖିବାକୁ ମିଳିଥିଲା । ସେହିଭଳି ଶାହରୁଖଙ୍କ ଫିଲ୍ମ 'ଓମ୍ ଶାନ୍ତି ଓମ୍'ର ଏକ ଗୀତରେ ବିଦ୍ୟାଙ୍କୁ କିଛି ସମୟ ପାଇଁ ଦେଖିବାକୁ ମିଳିଥିଲା । ତେବେ ଉଭୟ ବିଦ୍ୟା ଓ ଶାହରୁଖଙ୍କୁ କୌଣସି ଫିଲ୍ମରେ ଏକାଠି ଅଭିନୟ କରୁଥିବାର ଦେଖିବାକୁ ମିଳିନଥିଲେ ମଧ୍ୟ ଫ୍ୟାନମାନେ ଏହି ଛୋଟଛୋଟ ରୋଲକୁ ଖୁବ ଭଲ ପାଇବା ଦେଇଥିଲେ । ଦର୍ଶକମାନେ ଏହି ଦୁଇ ଷ୍ଟାରଙ୍କୁ ଏକାଠି ଦେଖିବାକୁ ଚାହୁଁଥିବାନେଇ ଅନେକ ସମୟରେ ସୋସିଆଲ ମିଡିଆରେ ପୋଷ୍ଟ କରିଥାଆନ୍ତି । ତେବେ କେବଳ ଦର୍ଶକ ନୁହେଁ ନିଜେ ବିଦ୍ୟା ମଧ୍ୟ ଶାହରୁଖଙ୍କ ସହିତ ଏକ ଲଭ୍ ଷ୍ଟୋରୀରେ ଅଭିନୟ କରିବାକୁ ଚାହୁଁଥିବା ପ୍ରକାଶ କରିଛନ୍ତି । ବିଦ୍ୟାଙ୍କର ଏହି ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଦର୍ଶକମାନଙ୍କ ଇଚ୍ଛା ଏବେ ପୂରା ହେଲାବୋଲି ଆକଳନ କରାଯାଉଛି । ତେବେ ଦେଖିବାକୁ ବାକି ରହିଲା ବିଦ୍ୟାଙ୍କ ନିଖୁଣ ଅଭିନୟ ଓ ଶାହରୁଖଙ୍କ ରୋମାଣ୍ଟିକ ଅନ୍ଦାଜକୁ ନେଇ କେବେ ଏକ ଫିଲ୍ମ ସ୍କ୍ରିନ୍‌କୁ ଆସିବ ।

## ପାର୍କ ଯିବାକୁ ୧୫୦୦ ଟଙ୍କା !

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଟିକିଏ ଖାଲି ସମୟ ବାହାର କରି ପାର୍କକୁ ଯାଇ ବୁଲିବା ଲୋକଙ୍କ ପାଇଁ କଷ୍ଟ ସାଧ୍ୟ । ହେଲେ ଏହା ଲାଇଫ୍‌ର ଷ୍ଟ୍ରେସ ଦୂର କରିବା ପାଇଁ ବିଶେଷଭାବେ ଆବଶ୍ୟକ । ତେବେ ବର୍ତ୍ତମାନ ଦେଖିବାକୁ ମିଳୁଛି ଲୋକମାନେ ଏହାକୁ ଏକ ବ୍ୟବସାୟରେ ପରିବର୍ତ୍ତନ କରିଛନ୍ତି । ସୋସିଆଲ ମିଡିଆରେ ଏକ ଟିକେଟ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଫରେଷ୍ଟ ବାଥିଂ ଏକ୍ସପେରିଏନ୍ସ ପାଇଁ ୧୫୦୦ ଟଙ୍କା ନିଆଯାଉଛି । ଏହାର ଅର୍ଥ ଆପଣ ଏହି ଟିକେଟ କିଣି ଗୋଟିଏ ପାର୍କରେ ବୁଲିବା ସହିତ ବିଭିନ୍ନ ମାଇଣ୍ଡ୍‌ଫୁଲ୍ ଆକ୍ଟିଭିଟି କରିପାରିବେ, ଯାହା ଆପଣଙ୍କ ରିଲାକ୍ସ କରିବ । ଫରେଷ୍ଟ ବାଥିଂ ଜାପାନ୍‌ରେ ଖୁବ ଅଧିକ ମାତ୍ରାରେ ବ୍ୟବହାର କରନ୍ତି । ଏହାର ଅର୍ଥ ଏକ ପ୍ରକାର ଥେରାପି ଯାହାକୁ ବ୍ୟବହାର କରି ଲୋକମାନେ ରିଲାକ୍ସ ହୋଇଥାଆନ୍ତି । ଏଥିରେ ବିଭିନ୍ନ ଆକ୍ଟିଭିଟି କରାଯାଇଥାଏ, ଯାହା ଆପଣଙ୍କ ଷ୍ଟ୍ରେସ କମାଇବ । ତେବେ ଏହି ଟ୍ରେଣ୍ଡକୁ ବାଙ୍ଗାଲୁରରେ ଆରମ୍ଭ କରିବାକୁ ଚେଷ୍ଟା କରାଯାଇଛି, ହେଲେ ସେଠିକାର ଲୋକମାନେ ଏହାକୁ ଗ୍ରହଣ କରିନାହାନ୍ତି । କାରଣ ଏହି ପୋଷ୍ଟରେ ସୋସିଆଲ ମିଡିଆରେ ନକରାତ୍ମକ କମେଣ୍ଟ ଦେଖିବାକୁ ମିଳୁଛି । ଯେଉଁ କାମକୁ ଫ୍ରିରେ କରିହେବ ସେଥିପାଇଁ ପଇସା ଦେବାକୁ ସେମାନେ ଅମଙ୍ଗ ହୋଇଛନ୍ତି ।




## ୩ହଜାର କୋଟିର ଘର

ସୋସିଆଲ ମିଡିଆରେ ଗୋଟିଏ ଘର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଘରଟି ନିଜର ଦାମ ପାଇଁ ଭାଇରାଲ ହେଉଛି । ସୂଚନା ଅନୁସାରେ ପ୍ୟାରିସ୍ ପାଖରେ ମୋରୋକ୍କୋ ରାଜାଙ୍କର ଏକ ଘରର ମୂଲ୍ୟ ୪୨୫ ମିଲିଅନ ଡଲାର ଅର୍ଥାତ ୩,୭୭୫ ହଜାର କୋଟି ରହିଛି । ଏହି ଘରଟିରେ ୧୦୦ଟି ରୁମ୍ ରହିଥିବାବେଳେ ୩ଟି ଫ୍ଲୋର ରହିଛି । ତିନୋଟି ଫ୍ଲୋରରେ ଯିବା ଆସିବା ପାଇଁ ତିନୋଟି ଏଲିଭେଟର ବ୍ୟବସ୍ଥା ମଧ୍ୟ କରାଯାଇଛି । ସେହିଭଳି ଏଥିରେ ପାଞ୍ଚଟି ସେଲୁନ୍, ୧୭ଟି ବେଡ୍ ରୁମ୍ ଓ ଗୋଟିଏ ବଡ ରୋଷେଇଘର ରହିଛି । ଏହି ପ୍ରପଟିରେ ସମସ୍ତ ପ୍ରକାର ସୁବିଧା ରହିଛି । ଏହି ସ୍ଥାନର ନିଜର ପ୍ରାଇଭେଟ୍ ପାର୍କିଂ ରହିଛି, ଏହାସହ ୫୦ଟି ଘୋଡା ରହିପାରିବା ଭଳି ଗୁହାଳ ଅଛି, ଏଠାରେ କାମ କରୁଥିବା କର୍ମଚାରୀଙ୍କ ରହିବା ପାଇଁ ଅଲଗା କ୍ୱାଟର ମଧ୍ୟ ରହିଛି । ତେବେ ଏହି ପ୍ରପଟି ବିକ୍ରି ହେଉଛି ଜାଣିବା ପରେ ବିଶ୍ୱର ବିଭିନ୍ନ ଦେଶର ଲୋକ ଏହାକୁ କିଣିବା ପାଇଁ ଆଗ୍ରହ ଦେଖାଇଥିବା ଜଣା ପଡିଛି ।



## ବାଇଗଣୀ ରଙ୍ଗର ଏଲିଅନ !



ବିଭିନ୍ନ ସମୟରେ ଏଲିଅନକୁ ନେଇ ଅନେକ ତଥ୍ୟ ଭାଇରାଲ ହୋଇଥାଏ । ଅନେକ ଏଭଳି ଗବେଷଣା ରହିଛି, ଯାହା ଏଲିଅନଙ୍କ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲୋକଙ୍କ ସାମନାକୁ ଆଣିଛି । ଏମାନଙ୍କର ରଙ୍ଗ, ଏମାନଙ୍କ ଆକାର, ମୁହଁର ଗଠନ ଓ ବ୍ୟବହାରକୁ ନେଇ ଅନେକ ତଥ୍ୟ ରହିଛି । ଏଗୁଡିକୁ ନେଇ ଅନେକ ଫିଲ୍ମ ମଧ୍ୟ ତିଆରି କରାଯାଇଛି, ଯେଉଁଥିରେ ସେମାନଙ୍କୁ ଚିତ୍ରଣ କରାଯାଇଥାଏ । ତେବେ ନିକଟରେ ଆଉ ଏକ ତଥ୍ୟ ସାମନାକୁ ଆସିଛି, ଯଦି ଏଲିଅନ ଅଛନ୍ତି ତେବେ ସେମାନଙ୍କ ରଙ୍ଗ କିଭଳି ହେବ । ବର୍ତ୍ତମାନର ଗବେଷଣା ଅନୁସାରେ ଏଲିଅନଙ୍କର ରଙ୍ଗ ବାଇଗଣୀ ହୋଇଥାଇପାରେ । ପୂର୍ବରୁ ଏମାନଙ୍କ ରଙ୍ଗ ସବୁଜ ବୋଲି ବିଭିନ୍ନ ବୈଜ୍ଞାନିକମାନେ ତଥ୍ୟ ପ୍ରଦାନ କରିଥିଲେ । ହେଲେ କୋରନେଲ୍ ୟୁନିଭର୍ସିଟିର ସଦ୍ୟତମ ତଥ୍ୟ ଅନୁସାରେ ଏମାନଙ୍କ ରଙ୍ଗ ନୀଳ ହୋଇ ନପାରେ । ଗ୍ରୀନ ସବୁବେଳେ ଆମ ପୃଥିବୀକୁ ରିପ୍ରେଜେଣ୍ଟ କରିଥାଏ । ହେଲେ ଏଲିଅନ ସମସ୍ତଙ୍କଠାରୁ ଭିନ୍ନ ହୋଇ ଥାଆନ୍ତି । ସଦ୍ୟତମ ପ୍ରକାଶିତ ତଥ୍ୟ ଅନୁସାରେ ଏଲିଅନମାନେ ଗୋଟିଏ ଗ୍ରହରେ ରହୁଥାଇ ପାରନ୍ତି, ହେଲେ ସେହି ଗ୍ରହର ରଙ୍ଗ ପୃଥିବୀ ଭଳି ନୀଳ ହୋଇ ପାରିବ ନାହିଁ । ତେଣୁ ଏମାନଙ୍କ ରଙ୍ଗ ଭିନ୍ନ ହୋଇଥାଇ ପାରେ ବୋଲି ବୈଜ୍ଞାନିକମାନେ ସୂଚାଇଛନ୍ତି । ସେହିଭଳି ଏଲିଅନଙ୍କ ଶରୀର ବ୍ୟାକ୍ଟେରିଆମାନଙ୍କ ଦ୍ୱାରା କଭର ହୋଇଥାଏ, ତେଣୁ ସେମାନଙ୍କ ରଙ୍ଗ ବାଇଗେଣୀ ହୋଇପାରେ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି ।

# ବିଜେଡ଼ିରେ ଯୋଗଦେଲେ ବିଜେପି ନେତା କମଳା କାନ୍ତ ପାଣ୍ଡେ




ଭୁବନେଶ୍ୱର (ସବ୍ୟୁ): କନ୍ଧମାଳର ରାଜ୍ୟ ବିଜେପି କାର୍ଯ୍ୟକାରୀ ସଦସ୍ୟ କମଳା କାନ୍ତ ପାଣ୍ଡେଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଗୁରୁବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, କନ୍ଧମାଳ ଲୋକସଭା ସାଂସଦ ଅଚ୍ୟୁତ ସାମନ୍ତ ଓ କନ୍ଧମାଳ ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା କମଳା କାନ୍ତ ପାଣ୍ଡେଙ୍କ ସହ ଶତାଧିକ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀ ସାମନ୍ତ ଓ ଶ୍ରୀ ନାୟକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀ ସାମନ୍ତ ଓ ଶ୍ରୀ ନାୟକ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା କମଳାକାନ୍ତ ପାଣ୍ଡେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତାଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ କଂଗ୍ରେସ ନେତ୍ରୀ ବିଳାସିନୀ ନାୟକ, ରାଧାମୋହନ ମହାପାତ୍ର, ସମିତି ସଭ୍ୟକାଳି ପ୍ରସାଦ ନାୟକ, ରଂଜିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ଜେରୁ ନାୟକ, ବୁଲୁ ନାୟକ, ମେରୁ ନାୟକ, ତୁମ୍ପ କାର୍ଜୀ ପ୍ରଧାନ, ସୋନାଲି ପ୍ରଧାନ, ଲୁସିମା ପ୍ରଧାନ, ଗୁରୁମଣି ନାୟକ, ସଂଗୀତା ପ୍ରଧାନ, ଲିଲିମା ପ୍ରଧାନ, ମିନତୀ ପ୍ରଧାନ, ନମନ୍ତୀ ପ୍ରଧାନ, ରେବିକା ପ୍ରଧାନ, ରିଙ୍କିନା ପ୍ରଧାନ, ପ୍ରଦୀପ ବେହେରା ଓ ନିରାକାର ବେହେରାଙ୍କ ସହଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ କର୍ମୀ ତ୍ରିଲୋଚନ ଆଚାର୍ଯ୍ୟଙ୍କର ପରଲୋକ



ଭୁବନେଶ୍ୱର (ସବ୍ୟୁ): ବାରିପଦା ସହର ବାଘଡା ରୋଡ ଅଞ୍ଚଳର ସାମାଜିକ କର୍ମୀ ତ୍ରିଲୋଚନ ଆଚାର୍ଯ୍ୟଙ୍କର ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୫ବର୍ଷ ହୋଇଥିଲା । ଜଣେ ସାମାଜିକ କର୍ମୀ ଓ ଉତ୍ତମ ଚାଷୀଭାବେ ଜଣାଶୁଣା । ମୃତ୍ୟୁ ଖବର ପାଇବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ତାଙ୍କ ସାନ ପୁଅ ସଞ୍ଜିବ ଆଚାର୍ଯ୍ୟ ଦୈନିକ ଖବରକାଗଜ 'ସମୟ'ର ନୂଆଦିଲ୍ଲୀ ପ୍ରତିନିଧି ଅଛନ୍ତି । ମଧୁବନସ୍ଥିତ ବାରୁଣୀଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି ।

## ଯୋଡା ମ୍ୟୁନିସିପାଲଟିର ପ୍ରଥମ ଅଧ୍ୟକ୍ଷ

# ବିଜେଡିର ପୂର୍ବତନ କେନ୍ଦୁଝର ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଦାସ ବିଜେପିରେ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଖଣି ମାଫିଆଙ୍କ ପ୍ରାଦୁର୍ଭାବ, ଦୁର୍ନୀତିଗ୍ରସ୍ତ ବିଜେଡି ନେତା, ମନ୍ତ୍ରୀ ଓ ସରକାରୀ କର୍ମଚାରୀଙ୍କ ମିଳିତ ସହଯୋଗରେ ଖଣିରୁ ଉତ୍ପନ୍ନ ହେଉଥିବା ଲୁହାପଥର, ମାଙ୍ଗାନିଜ, ଆଲୁମିନିୟମ, ବକ୍ସାଇଟ୍ ଇତ୍ୟାଦି ଖଣିଜ ପଦାର୍ଥରୁ ବ୍ୟାପକ ମାତ୍ରାରେ ଅର୍ଥ ଆଦାୟ ବେଆଇନ ଭାବେ କରାଯାଉଛି । ଦୁର୍ନୀତି, ଭ୍ରଷ୍ଟାଚାରର ଗନ୍ତାଘର ସାଜିଛି ଓଡ଼ିଶା ଏବଂ ଏହାର ନେତୃତ୍ୱ ନେଉଛି ବିଜେଡି ସରକାର । ବିଜେଡିର ନେତା ଓ ମନ୍ତ୍ରୀଙ୍କ ଦ୍ୱାରା ଏଭଳି ହରିଲୁଟ୍‌କୁ ସହ୍ୟ ନକରିପାରି ବିଜେଡିର ସ୍ୱାଭିମାନୀ ନେତା ଓ କର୍ମୀ ବିଜେପିରେ ଯୋଗଦାନ କରୁଛନ୍ତି । ଏଥର ଓଡ଼ିଶାବାସୀ ବିଜେପି ସରକାର ଗଠନ କରିବେ। ବିଜେପି ସରକାର ହେଲେ ରାଜ୍ୟର ଖଣି ଅଂଚଳର ସାମୁହିକ ବିକାଶ ହେବ ବୋଲି ପୂର୍ବତନ ରାଜ୍ୟ ସଭାପିତ ସମୀର ମହାନ୍ତି କହିଛନ୍ତି । କେନ୍ଦୁଝର ଜିଲ୍ଲା ଯୋଡା ମ୍ୟୁନିସିପାଲଟିର ପ୍ରଥମ ଅଧ୍ୟକ୍ଷ, ବିଜେଡିର ପୂର୍ବତନ କେନ୍ଦୁଝର ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଦାସ ନିଜର ଶତାଧିକ ସମର୍ଥକଙ୍କ ସହ ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ଦାସଙ୍କ ସମେତ ବିଜେଡି ଜିଲ୍ଲା ଉପସଭାପତି ମହେନ୍ଦ୍ର କୁମାର ମହାପାତ୍ର, ସପନ ଦାସ ଗୁପ୍ତା, ପୂର୍ବତନ କାଉନସିଲର ଶୈଳେନ୍ଦ୍ର ଜୋରା, ମହମ୍ମଦ ବାବୁ ଖାଁ, ରତିକାନ୍ତ ଦାସ, ସାତ୍ୟକି ବେହେରା, ରୁଦ୍ର ପ୍ରସାଦ ମହାରଣା, ବିକ୍ରମ ପୃଷ୍ଟି, ସୁରଜ ମହାକୁଡ, ଗଙ୍ଗାଧର ନାଏକ, ବିଜେନ୍ଦ୍ର ମହାକୁଡ, ଲକ୍ଷ୍ମଣ ମୁଣ୍ଡା, ଅଫତବ୍ ଆଲମ୍, ହରବିନ୍ଦର୍ ସିଂହ, କିଶୋର ମହାନ୍ତି ପ୍ରମୁଖ ବିଜେପିରେ ଯୋଗ ଦେଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ପାର୍ଟୀରେ ସାମିଲ ହୋଇଥିବା ନୂତନ ସଦସ୍ୟଙ୍କୁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରାଇ ଶ୍ରୀ ମହାନ୍ତି ସଦସ୍ୟତା କରାଇଥିଲେ।




## ପୁରୀ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ

ପୁରୀ (ସବ୍ୟୁ): ଆସନ୍ତା ମେ ୨୫ ତାରିଖରେ ପୁରୀ ଜିଲ୍ଲାର ୬ ଟି ଯାକ ବିଧାନ ସଭା ଆସନ ଓ ପୁରୀ ଲୋକ ସଭା ସଂସଦୀୟ ଆସନ ନିମନ୍ତେ ଅନୁଷ୍ଠିତ ହେବ ନିର୍ବାଚନ । ବିଜୁ ଜନତା ଦଳ ପକ୍ଷରୁ ପୁରୀ ସଦର ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁତ୍ର ସୁନିଲ କୁମାର ମହାନ୍ତି ଓ ପୁରୀ ଲୋକ ସଭା ସାଂସଦ ପ୍ରାର୍ଥୀ ଭାବେ ପୂର୍ବତନ ମୁମ୍ବାଇ ପୋଲିସ କମିଶନର ଅରୂପ କୁମାର ପଟ୍ଟନାୟକଙ୍କୁ ପ୍ରାର୍ଥୀ କରା ଯାଇଛି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଗୁରୁବାର ସଂଧ୍ୟାରେ ବଗଲା ଧର୍ମଶାଳା ଠାରେ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଥିଲା । ବିଜେଡ଼ି ନେତା ନାରାୟଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ ତାଙ୍କ ଅଭିଭାଷଣରେ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀର ବିକାଶ କରିବା ପାଇଁ ତାଙ୍କୁ ରାଜ୍ୟସଭା ସାଂସଦ ରୂପେ ଦାୟିତ୍ୱ ଅର୍ପଣ କରିଛନ୍ତି । ସେ ବିଧାୟକ କିମ୍ବା ଲୋକ ସଭା ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ଦୌଡରେ ନାହାନ୍ତି । ଓଡ଼ିଶାର ସମସ୍ତ ବିଧାନ ସଭା ଓ ଲୋକ ସଭା ସଂସଦୀୟ ଆସନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛିଡା ହୋଇ ନିର୍ବାଚନ ଲଢୁଛନ୍ତି ବୋଲି ଭାବି ବିଜେଡିକୁ ଭୋଟ ଦେବାକୁ ନିବେଦନ କରିଥିଲେ । ପୁରୀ ସଦର ବିଧାନ ସଭା ପ୍ରାର୍ଥୀ ସୁନିଲ କୁମାର ମହାନ୍ତି, ଲୋକ ସଭା ସାଂସଦ ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ଏହି ସଭାରେ ପୂର୍ବତନ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଯୋଗ ଦେଇଥିଲେ ।

ଏହି ପ୍ରସ୍ତୁତି ବୈଠକ ରେ ମଞ୍ଚାସିନ ଥିବା ନେତୃ ବୃନ୍ଦ ମାନେ ହେଲେ ବିଜେଡ଼ି ଜିଲ୍ଲା ସଭାପତି ଦିବାକର ପାତ୍ର, ବିଧାୟକ ପ୍ରାର୍ଥୀ ସୁନିଲ କୁମାର ମହାନ୍ତି, ପୁରୀ ଲୋକସଭା ସାଂସଦ ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକ, ବିଜେଡ଼ି ନେତା ରାମକୃଷ୍ଣ ଦାସ ମହାପାତ୍ର, ଗୌରହରି ପ୍ରଧାନ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ । ଆଜିର ଏହି ବୈଠକରେ ୧ ହଜାରରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ମାନେ ଯୋଗ ଦେଇଥିଲାବେଳେ ରବିନ୍ଦ୍ର କୁମାର ପଢ଼ିଆରି ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ବିଶ୍ୱ ସ୍ୱର ଦିବସ




ଭୁବନେଶ୍ୱର (ସବ୍ୟୁ) : ବିଶ୍ୱ ସ୍ୱର ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଫୁଲନଖରା କ୍ୟାମ୍ପସରେ ମଙ୍ଗଳବାର ସ୍ୱର ଜନିତ ସମସ୍ୟା ଥିବା ରୋଗୀମାନଙ୍କର ମାଗଣାରେ ସ୍ୱରଯନ୍ତ୍ରର ପରୀକ୍ଷା କରାଯାଇଛି। ହସ୍ପିଟାଲ୍‌ର କର୍ଣ୍ଣ, ନାସା ଓ ଗଳା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ସ୍ୱର ପେଟିକା ଏଣ୍ଡୋସ୍କୋପି ମାଧ୍ୟମରେ ରୋଗୀମାନଙ୍କର ମାଗଣା ଚିକିତ୍ସା କରାଯାଇ କେତେକଙ୍କ କ୍ଷେତ୍ରରେ ସ୍ୱରନଳୀରେ କ୍ୟାନ୍ସରର ଲକ୍ଷଣ ଆଗୁଆ ଚିହ୍ନଟ ହୋଇଥିବା କହିଛନ୍ତି ବିଭାଗୀୟ ମୁଖ୍ୟ ପ୍ରଫେସର (ଡାକ୍ତର) ଖଗେଶ୍ୱର ରାଉତ ।

ସ୍ୱରରେ କୌଣସି ପରିବର୍ତ୍ତନ ଆସିଲେ ଏହା ଯେ ସ୍ୱରଯନ୍ତ୍ରରେ କ୍ୟାନ୍ସରର ସମ୍ଭାବନା ହୋଇପାରେ ଏହି ସୂଚନା ପ୍ରଦାନ କରେ। ବିଶ୍ୱ ସ୍ୱର ଦିବସ ପାଳନ ଦ୍ୱାରା ଏହି ବାର୍ତ୍ତା ଲୋକଙ୍କୁ ପ୍ରଦାନ କରିବା ମୁଖ୍ୟ ଉଦ୍ଦେଶ୍ୟ। ବିଶେଷ କରି ଧୂମ୍ରପାନ, ଗୁଟ୍‌କା ସେବନ ଓ ମଦ୍ୟପାନ କରୁଥିବା ଲୋକଙ୍କ କ୍ଷେତ୍ରରେ ଏହାର ସମ୍ଭାବନା ଅଧିକ ବୋଲି ଡାକ୍ତର ରାଉତ କହିଛନ୍ତି । ବୃଦ୍ଧାବସ୍ଥାରେ ଥିବା ଲୋକମାନଙ୍କ କ୍ଷେତ୍ରରେ ଏହି କ୍ୟାନ୍ସରର ସମ୍ଭାବନା ରହିଥିବା ବେଳେ ନିଜ ସ୍ୱର ପେଟିକାକୁ ଅଧିକ ମାତ୍ରାରେ ବ୍ୟବହାର କରୁଥିବା ଶିକ୍ଷକ, ଆଇନଜୀବି, ଗାୟକ ଏବଂ ବୁଲା ବିକାଳୀମାନଙ୍କ କ୍ଷେତ୍ରରେ ଏହି କ୍ୟାନ୍ସରର ଅଧିକ ବିପଦ ରହିଛି ବୋଲି ସେ କହିଛନ୍ତି । ତେବେ ଏହି ରୋଗର ଆଗୁଆ ଚିହ୍ନଟ ଦ୍ୱାରା ଉପଯୁକ୍ତ ଚିକିତ୍ସା ହୋଇପାରିବା ସହ ଏହାର ଚିକିତ୍ସା ଓ ପରୀକ୍ଷଣ ପାଇଁ ହସ୍ପିଟାଲ୍‌ରେ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ବୋଲି ଡାକ୍ତର ରାଉତ କହିଛନ୍ତି । କାର୍ଯ୍ୟକ୍ରମରେ ଡାକ୍ତର ରାଉତଙ୍କ ସମେତ ଡାକ୍ତର ସ୍ମୃତି ରନ, ଡାକ୍ତର ବିବେକାନନ୍ଦ ଆଚାର୍ଯ୍ୟ, ଡାକ୍ତର ଶୁଭ୍ରା ପ୍ରଧାନ, ଡାକ୍ତର ଅରୋଦୀପ ଲୁଥାର ଓ ଡାକ୍ତର ପରେଶ ଗିରି ଉପସ୍ଥିତ ଥିଲେ ।

## ବୋଲଗଡ଼-ବେଗୁନିଆରେ ପୃଥ୍ୱୀବଲ୍ଲଭଙ୍କୁ ବିପୁଳ ସମର୍ଥନ

ବୋଲଗଡ଼,(ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନ ପାଇଁ ବେଗୁନିଆ-୧୧୬ ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ତାର ସେନାପତି ବାଛି ସାରିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲବ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କୁ ଟିକେଟ ଦେଇ କଂଗ୍ରେସ ତାର ପତିଆରା ଜାହିର କରିଛି । ଏହି ଅବସରରେ ବୁଧବାର ଦିନ ବେଗୁନିଆ ବ୍ଲକର ବରମୂଳେଇପୀଠ ଓ ବୋଲଗଡ ବ୍ଲକର ନନ୍ଦିଘୋଷ ଭବନଠାରେ ଏକ ବିଶାଳ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । କଂଗ୍ରେସପାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କ ପାଇଁ ବ୍ୟାପକ ସମ୍ବର୍ଦ୍ଧନା ଆୟୋଜନ କରାଯାଇଥିଲା। ବେଗୁନିଆ ବ୍ଲକରେ ସଭାପତି କାଳନ୍ଦୀ ଚରଣ ମହାପାତ୍ର ଓ ବୋଲଗଡ ବ୍ଲକରେ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଏହିସଭାରେ କଂଗ୍ରେସର ବହୁ ପୁରୁଖା କର୍ମୀ ଯଥା ପ୍ୟାରୀମୋହନ ଦାସ, ରଘୁନାଥ ସାହୁ, ସୀମାଞ୍ଚଳ ଖଣ୍ଡେଇ, ସନ୍ତୋଷ କୁମାର ପୃଷ୍ଟି, ଶ୍ରୀଧର ଦତ୍ତ, ବିଜୟ ପ୍ରଧାନ, ବିଜୟ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦଳେଇ, ନବକିଶୋର ପଣ୍ଡା, ଦିବାକର ରାଉତ, ଧୀରେଶ ମହାପାତ୍ର, ଗଙ୍ଗାଧର ଦାଶଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ। ଆଗାମୀ ୧୯ ତାରିଖ ଦିନ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ୟାସିର ନୱାଜ ଓ ବିଧାନ ସଭାପ୍ରାର୍ଥୀ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକଙ୍କୁ ଏକ ବିଶାଳ ବାଇକ ଶୋଭଯାତ୍ରାରେ ନିର୍ବାଚନ ମଣ୍ଡଳୀ ଆରମ୍ଭ ସ୍ଥାନ ସାରୁଅ ଠାରୁ ଶେଷ ଗ୍ରାମ ବିଜିପୁର ଗେଟ ପର୍ଯ୍ୟନ୍ତ ଶୋଭାଯାତ୍ରା କରିବାପାଇଁ ନିଷ୍ପତ୍ତି ନିଆଯାଇଛି ।

## ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି



ଭୁବନେଶ୍ୱର (ସବ୍ୟୁ): ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ପୁଣି ଥରେ ଫେରାଦ ହୋଇଛି ବିଜେଡି । ପ୍ରଶାନ୍ତ ଜଗଦେବ ଖୋର୍ଦ୍ଧା ଜିଲ୍ଲାରେ ନିର୍ବାଚନ ସଭା ଗୁଡ଼ିକରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଦାବିପତ୍ର ଦେଇଛି ବିଜେଡି । ଗତ ୧୭ତାରିଖରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଟାଙ୍ଗି କଲେଜ ନିକଟରେ କଣ୍ଠ ନୟାଗଡ ସାଂସ୍କୃତିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ ବିଜେପି ନେତା ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ସେଠାରେ ହଠାତ୍ ପହଞ୍ଚି ଅପରାଧିକ କାର୍ଯ୍ୟକଳାପ ଘଟାଇଥିଲେ । ଜୋର ଜବରଦସ୍ତ ତାଙ୍କ ସମର୍ଥକଙ୍କ ସହ ଏହି ଶୋଭାଯାତ୍ରାରେ ପସିବା ଯୋଗୁ ମୁହାଁମୁହିଁ ହୋଇଥିଲେ ଉଭୟ ଗୋଷ୍ଠୀ । ପୂର୍ବରୁ ଶ୍ରୀ ଜଗଦେବଙ୍କ ନାଁରେ ଅପରାଧିକ ମାମଲା ରହିବା ସହ ସେ ଏବେ ବେଲରେ ଆସିଛନ୍ତି । ଶ୍ରୀ ଜଗଦେବ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏଭଳି ଅପରାଧିକ କାର୍ଯ୍ୟକଳାପ ଘଟାଉଛନ୍ତି । ତେଣୁ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ପ୍ରତିନିଧି ଦଳ ଦାବି କରିଛନ୍ତି । ସାଂସଦ ସୁଲତା ଦେଓ ଏବଂ ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ଫେରାର ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ



ଜଟଣୀ(ସବ୍ୟୁ):ଜଟଣୀସ୍ଥିତ ଖଣ୍ଡୁଆଳ ମନ୍ଦିର ନିକଟରେ ଡକାୟତି ନିମନ୍ତେ ଯୋଜନା କରୁଥିବା ଏକ ଡକାୟତ ଦଳର ୪ ଜଣଙ୍କୁ ଜଟଣୀ ଥାନାର ପାଟ୍ରୋଲିଂ ଟିମ୍ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ଘଟଣାର ତଦନ୍ତ ଚାଲିଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଫେରାରଥିବା ଅଭିଯୁକ୍ତ ଜଟଣୀ ବାଲିଛକ ମୁଣ୍ଡିଆ ସାହି ଅଂଚଳର ଏସ୍.କେ. ସାହାବୁଦ୍ଦିନ ଓରଫ ବାବୁ ୩୮କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅଭିଯୁକ୍ତ ନାମରେ ଜଟଣୀ ଥାନାରେ ୨୮ଟି ଅପରାଧିକ ମାମଲା ଥିବା ଏବଂ ସେ ଜଣେ ଅଭ୍ୟାସଗତ ଅପରାଧି ହୋଇଥିବାରୁ ଜଟଣୀ ପୁଲିସ ପକ୍ଷରୁ ତା ବିରୁଦ୍ଧରେ ୧୧୦ ଧାରାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂହ ପ୍ରକାଶ କରିଛନ୍ତି ।

## ଅନନ୍ତବିହାର ୱେଲଫେୟାର ସୋସାଇଟି ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ




ଭୁବନେଶ୍ୱର (ସବ୍ୟୁ): ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଉପଲକ୍ଷେ ପୋଖରୀପୁଟ ସ୍ଥିତ ଅନନ୍ତବିହାର ୱେଲଫେୟାର ସୋସାଇଟି ଓ ଯୋଗକମିଟି ଦ୍ୱାରା ସ୍ଥାନୀୟ ଅନନ୍ତବିହାର ବିଡିଏ ପାର୍କରେ ଓଡ଼ିଆ ନବ ବର୍ଷ ପାଳନ କରାଯାଇଛି । ଏହି ଅବସରରେ ପୋଖରୀପୁଟର କଳା ସାଧନା ଆର୍ଟ ଆଣ୍ଡ କଲଚରର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସୁରତାଲ ପରିବେଷିତ ହୋଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବେ ସାଧନା ର ଅଧକ୍ଷ ସୁଧାଂଶୁ ବିଶ୍ୱାଳ,ଅନନ୍ତବିହାର ୱେଲଫେୟାର ସୋସାଇଟି ର ସଭାପତି ଅମଳେନ୍ଦୁ ଶତପଥି, ଉପ ସଭାପତି ଦିଲ୍ଲୀପ କୁମାର ସାହୁ , ସମ୍ପାଦକ ଦିଗମ୍ବର ସାହୁ, କୋଷାଧକ୍ଷ ହର୍ଷବର୍ଦ୍ଧନ ସର ଯୋଗ ଦେଇ ଓଡିଶା ମାଟିର ଜୟଗାନ କରିବା ସହିତ ଓଡ଼ିଆ ନବ ବର୍ଷ ପାଳନ ପ୍ରତିଟି ଓଡ଼ିଆଙ୍କ ମନରେ ମାତୃଭୂମି ଓ ମାତୃଭାଷା ପ୍ରୀତି ଜାଗ୍ରତ ହେବ ବୋଲି ମତ ରଖିଥିଲେ । ରଙ୍ଗାରଙ୍ଗ କାର୍ଯ୍ୟକ୍ରମଟିରେ ସାଧନା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ମନଛୁଆଁ ସଙ୍ଗୀତ ଓ ନୃତ୍ୟ ସହିତ ପୋଖରୀପୁଟ ଯୋଗକମିଟି ର କର୍ମକର୍ତ୍ତା ମାନଙ୍କ ଦ୍ୱାରା ବିଭିନ୍ନ ଯୋଗ ର ଝଲକ ମଞ୍ଚରେ ପରିବେଷିତ ହୋଇଥିଲା । ଏହି ସାଂସ୍କୃତିକ ସନ୍ଧ୍ୟାର ଶେଷ ଭାଗରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଯୁବ ସମାଜସେବୀ ହୃଦୟ ବଲ୍ଲବ ସାମନ୍ତରାୟ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମଟିକୁ ଯୁବ ଗୀତିକାର କୁମାର ଲିଟନ ପରିଚାଳନା କରିଥିଲେ ଓ ସ୍ଥାନୀୟ ବହୁତ କଳାପ୍ରେମୀ ଦର୍ଶକ ମାନେ ଏହାକୁ ଉପଭୋଗ କରିଥିଲେ । ଶେଷରେ ଯୋଗ କମିଟି ଓ ୱେଲଫେୟାର ସୋସାଇଟି ଦ୍ୱାରା ମହା ବିଷୁବ ସଂକ୍ରାନ୍ତି ଉପଲକ୍ଷେ ସୁସ୍ୱାଦୁ ପଣା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଟିକୁ ସାଧନା ଆର୍ଟ ଆଣ୍ଡ କଲଚର ପରିବାରର କର୍ମକର୍ତ୍ତା ଶୁଭେନ୍ଦୁ ବିଶ୍ୱାଳ, ସରୋଜ ମିଶ୍ର, ସସ୍ମିତା ପଟ୍ଟନାୟକ , କାଦମ୍ବିନୀ ବିଶ୍ୱାଳ, ଶାଳିନୀ ବିଶ୍ୱାଳ, ମନସ୍ୱିନୀ ମିଶ୍ର, ତନୁଶ୍ରୀ ନାୟକ,ସୁଲୋଚନା ଜେନା, ଲକ୍ଷ୍ମୀପ୍ରିୟା ସେଠୀ ଓ ମୋନାଲିଶା ରଥ ପରିଚାଳନା କରିଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ



ଭୁବନେଶ୍ୱର (ସବ୍ୟୁ): ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ କୁ ଉତ୍ସାହର ସହ ପାଳନ କରାଯିବା ସହ ସମୃଦ୍ଧ ରେଳ ଐତିହ୍ୟର ସଂରକ୍ଷଣ ଓ ସମ୍ମାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଆଲୋଚନା, କଳାତ୍ମକ ଅଭିବ୍ୟକ୍ତି ଓ ମିଳିତ ପ୍ରତିବଦ୍ଧତାର ମିଶ୍ରଣ ଦେଖିବାକୁ ମିଳିଥିଲା । ଅନୁଗୁଳ ସୁକିନ୍ଦା ରେଲୱେ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ବକ୍ତବ୍ୟରେ ରେଳଐତିହ୍ୟ ଓ ଏହାର ସଂରକ୍ଷଣ ଉପରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ ରେଳଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟକ୍ରମର ସାମୂହିକ ଭାବନାକୁ ପ୍ରୋତ୍ସାହିତ କରିଥିଲେ ।

ଏହି ଅବସରରେ ଆୟୋଜିତ ଏକ କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ଓ ପୂର୍ବତଟ ରେଳପଥ ମହିଳା ସଂଗଠନର ଅଧ୍ୟକ୍ଷା ଶ୍ରୀମତୀ ଶର୍ମିଳା ବେହେରା ପୁରସ୍କାର ପ୍ରଦାନ କରିଥିଲେ । ରେଳ ସଂଗ୍ରହାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୂର୍ବତଟ ରେଳପଥ ଉପ ମହାପ୍ରବନ୍ଧକ କେ.କେ.ଖଡଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଳବାଇର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## କର୍ମୀ ସମ୍ମିଳନୀରେ ପ୍ରଣବ ଓ ନଳିନୀକାନ୍ତ

# ଅନ୍ୟଦଳର ୩ ଶହ ସକ୍ରିୟ କର୍ମୀ ବିଜେଡିରେ ସାମିଲ

ଅନୁଗୁଳ, (ସବ୍ୟୁ ): ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଅନୁଗୋଳ ବ୍ଲକ ଅନ୍ତର୍ଗତ ଜିଲ୍ଲାପରିଷଦ ଜୋନ୍ ୧ର ଏକ କର୍ମୀ ସମ୍ମିଳନୀ ଅନ୍ତୁଳିଆରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ୯ଟି ପଞ୍ଚାୟତର ୧୦ ହଜାରରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ । ଏକ ବିରାଟ ଶୋଭାଯାତ୍ରାରେ ସମ୍ବଲପୁର ଲୋକସଭା ଓ ବିଧାନସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ନଳିନୀକାନ୍ତ ପ୍ରଧାନଙ୍କୁ ହଜାର ହଜାର କର୍ମୀ ବାଦ୍ୟଯନ୍ତ୍ର ବଜାଇ ସଂକୀର୍ତ୍ତନ କରି ପାଛୋଟି ନେଇଥିଲେ । ଏହି ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ସାଂସ୍କୃତିକ ସଂଗଠନଗୁଡ଼ିକ ନିଜର କଳା ପ୍ରଦର୍ଶନ କରି ପରିବେଶକୁ ଏକ ଆକର୍ଷଣ କରିଥିଲେ । କର୍ମୀ ସମ୍ମିଳନୀରେ ୯ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ, ୱାର୍ଡ ସଭ୍ୟ ଏବଂ ଅନେକ ପଞ୍ଚାୟତ ସଭ୍ୟ/ସଭ୍ୟା ଯୋଗଦାନ କରିଥିଲେ । ପ୍ରାୟଃ ୩୦ ହଜାର ଭୋଟର ଥିବା ଏହି ଜୋନ୍‌ରେ ୧୦ ହଜାର କର୍ମୀଙ୍କ ଯୋଗଦାନ ଅଞ୍ଚଳର ଲୋକମାନଙ୍କୁ ବିଜେଡି ମୁହାଁଥିବା ଜଣାଯାଇଛି । ଗତ ୨୦୧୯ ବର୍ଷ ସାଧାରଣ ନିର୍ବାଚନରେ ଏହି ଅଞ୍ଚଳରେ ବିଜେଡି ୬ ହଜାର ଭୋଟରେ ବିଜେପି ଠାରୁ ଆଗୁଆଥିଲା । ଅନୁରୂପ ଭାବରେ ୨୦୨୨ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାପରିଷଦ ମଧ୍ୟ ୬ ହଜାର ଭୋଟରେ ଆଗୁଆ ଥିଲେ ।

ଏହି ସାଧାରଣ ନିର୍ବାଚନରେ ବିଜେଡିର ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ନଳିନୀ ପ୍ରଧାନଙ୍କୁ ମଧ୍ୟ ଭୋଟ ବ୍ୟବଧାନ ୧୦ ହଜାରରୁ ଅଧିକ ରହିବ ବୋଲି ଆଲୋଚନା ହୋଇଥିଲା । ଏହି ଅଞ୍ଚଳର ରାସ୍ତା, ପୋଲ, ଓ ଅନ୍ୟାନ୍ୟ ଉନ୍ନତି ନଳିନୀ ବାବୁଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ସମ୍ଭବ ହୋଇଛି ବୋଲି ଆଲୋଚନା ହୋଇଥିଲା । ଏହି କର୍ମୀ ସମ୍ମିଳନୀରେ ବିଜେପି ଓ କଂଗ୍ରେସ ଦଳର ପୂର୍ବତନ ସରପଞ୍ଚ ଓ ଅନ୍ୟାନ୍ୟ କର୍ମକର୍ତ୍ତା ୨୫୦ରୁ ଅଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ସାଂସଦ ପ୍ରାର୍ଥୀ ଶ୍ରୀ ଦାସ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନ ଅନ୍ୟଦଳର କର୍ମୀମାନଙ୍କୁ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଅନ୍ତୁଳିଆ ଠାରୁ ଟାଇଁସି ଯାଏ ଥିବା ସମସ୍ତ ରାସ୍ତା ଜନଗହଳିରେ ପରିପୂର୍ଣ୍ଣ ଥିଲା । ଏକଶହରୁ ଅଧିକ ବସ, ୨ ଶହ ବୋଲେରୋ ଟାଟା ମ୍ୟାଜିକ ସହିତ ୫ ଶହ ମଟର ସାଇକେଲରେ କର୍ମୀ ଅଂଶଗ୍ରହଣ କରିଥିଲେ । ଜାତୀୟ ରାଜପଥ ଓ ଅନ୍ୟାନ୍ୟ ବିକାଶ କ୍ଷେତ୍ରରେ ବିଜେପି ନିଜର ଅପାରଗତା ଦେଖାଇଥିବା ଏବଂ ବିଜେଡିର ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କୁ ସୁଫଳ ଆଣିଥିବା ଆଲୋଚନା କରାଯାଇଥିଲା ।

## କଂଗ୍ରେସରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ୍, ବିଜେଡ଼ି ନେତ୍ରୀ ମନୋରମା ଅଚାର୍ଯ୍ୟ




ଭୁବନେଶ୍ୱର (ସବ୍ୟୁ): କଂଗ୍ରେସରେ ଯୋଗଦେଇଛନ୍ତି ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ଓ ବରିଷ୍ଠ ବିଜେଡି ନେତ୍ରୀ ମନୋରମା ଆଚାର୍ଯ୍ୟ । ଗୁରୁବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ କଂଗ୍ରେସ ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଏବଂ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନ୍‌ଗୋଙ୍କ ଉପସ୍ଥିତିରେ ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ାର ବିଧାୟିକା ହୋଇଥିବା ସିପ୍ରା ମଲ୍ଲିକ ଓ ବିଜୁ ମହିଳା ଦଳତା ଦଳର ପୂର୍ବତନ ସାଧାରଣ ସମ୍ପାଦିକା ତଥା ବଡ଼ଚଣାର ଜଣାଶୁଣା ସମାଜସେବୀ ମନୋରମା ଆଚାର୍ଯ୍ୟ ବିଧିବଦ୍ଧ ଭାବରେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । ଯୋଗଦାନ ପରେ ନିଜ ପ୍ରତିକ୍ରିୟାରେ ଶ୍ରୀ ମଲ୍ଲିକ କହିଛନ୍ତି ଆଜି ମୋ ପାଇଁ ଏକ ବଡ଼ ଦିନ, ମୋ ବାପା କଂଗ୍ରେସ ଦଳରେ ଥିଲେ । ମୁଁ ମଧ୍ୟ ଏହି ଦଳକୁ ଫେରିଛି ତେଣୁ ଅତ୍ୟନ୍ତ ଖୁସି ବୋଲି ନିଜ ପ୍ରତିକ୍ରିୟାରେ ଶ୍ରୀମତୀ ମଲ୍ଲିକ କହିଥିଲେ । କଂଗ୍ରେସ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ ନ୍ୟାୟ ଯାତ୍ରାରେ ପ୍ରଭାବିତ ହୋଇ ତାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଛନ୍ତି ବୋଲି ଶ୍ରୀମତୀ ମନୋରମା ଆଚାର୍ଯ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି । ଆଜିର ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ କଂଗ୍ରେସର ମୁଖପାତ୍ର ମନୋରଞ୍ଜନ ଦାଶ, ସଂଗ୍ରାମ କିଶୋର ଓ ଝୁନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବଳାଙ୍ଗୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ଝୁମର ନୃତ୍ୟରେ ଝୁମିଲେ ଦର୍ଶକ



ବାରିପଦା, (ସବ୍ୟୁ) : ବାରିପଦା ଠାରେ ଆରମ୍ଭ ହୋଇଥିବା ମୟୂରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବର ଆଜି ଚତୁର୍ଥ ସନ୍ଧ୍ୟାରେ ବଳାଙ୍ଗୀ ଟେଲେଣ୍ଟ ହଣ୍ଟ ନୃତ୍ୟ ପ୍ରତିଯୋଗିତାର ଗ୍ରୁପ ବିଭାଗର ଫାଇନାଲ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଡିସନ ରାଉଣ୍ଡରେ ଉତୀର୍ଣ୍ଣ ପ୍ରତିଯୋଗୀ ମାନେ ଫାଇନାଲ ରାଉଣ୍ଡରେ ନୃତ୍ୟ ପ୍ରଦର୍ଶନ କରିଥିବାବେଳେ, ବିଚାରକ ଭାବରେ ଭୁବନେଶ୍ୱରରୁ ବିଶିଷ୍ଟ କରିଓଗ୍ରାଫର ମାଷ୍ଟର ସିମନ ଏବଂ ମୁମ୍ବାଇରୁ କରିଓଗ୍ରାଫର ମାଷ୍ଟର ଅଜିତ ଯୋଗଦେଇ ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଆଜିର ସନ୍ଧ୍ୟାରେ ଅତିଥି ଭାବରେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ କୈଳାସ ଚନ୍ଦ୍ର ମହାନ୍ତି, ସମାଜସେବୀ ଦୁର୍ଗାପ୍ରସାଦ ମୋଦୀ ଯୋଗ ଦେଇଥିବାବେଳେ, କମିଟି ତରଫରୁ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଓ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସୀମାନ୍ତ ଯୁବ ସମିତି ଝାରପୋଖରିଆ, ସାମ୍ବାଦିକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଡାଃ କୈଳାସ ଚନ୍ଦ୍ର ମହାନ୍ତି, ବିଷ୍ଣୁଚରଣ ନାଏକ, ଦୁର୍ଗା ପ୍ରସାଦ ମୋଦୀ, ବଳାଙ୍ଗୀ ଟେଲେଣ୍ଟ ହଣ୍ଟର ବିଚାରକ ସିମନ ଜେନା ଏବଂ ଅଜିତ ମୁଖିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ପରେ ମୟୂରଭଞ୍ଜର ପ୍ରସିଦ୍ଧ ଲୋକନୃତ୍ୟ ଝୁମର ନୃତ୍ୟ ସହ ଅନ୍ୟାନ୍ୟ ନୃତ୍ୟ ପରିବେଷିତ ହୋଇଥିଲା । ମହୋତ୍ସବ କମିଟିର ସାଂସ୍କୃତିକ ସଚିବ ବଳରାମ ବେହେରା, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ସମ୍ପାଦକ ମିଥୁନ ବାରିକ, ପଦ୍ମନାଭ ମହାପାତ୍ର, କିଶୋର ମହାନ୍ତି ଓ ଦିଲ୍ଲୀପ ପାତ୍ର ପ୍ରମୁଖ ଯୋଗଦେଇ କଳାକାର ମାନଙ୍କୁ ସମ୍ମାନିତ କରିଥିଲେ ।

## ଡକାୟତି ଯୋଜନା ପଣ୍ଡ, ୪ ଅପରାଧୀ ଗିରଫ

# ବନ୍ଧୁକ, ଗୁଳି, ମାଗାଜିନ ଓ ୫ ମୋବାଇଲ ଜବତ



ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଶ୍ରୀକ୍ଷେତ୍ରବିହାର ଅଞ୍ଚଳର ଏକ ପଡ଼ିଆରେ ବସି ଡକାୟତି ପାଇଁ ଯୋଜନା କରୁଥିବା ୪ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ୪ ଜଣହେଲେ ଗଞ୍ଜାମ ଜିଲ୍ଲା ବଡଗଡ ଥାନା ଅନ୍ତର୍ଗତ ଗଙ୍ଗାପୁର ଗ୍ରାମର ତୋଫାନ ସାହୁ(୨୯) , ନିମଖଣ୍ଡି ଥାନା ଅନ୍ତର୍ଗତ ପଦ୍ମପୁର ବଡଦାଣ୍ଡ ସାହିର ନିମେଇ ଚରଣ ନାୟକ (୩୯),ବଡଗଡ ଥାନା ତେନ୍ତୁଳିଖୁଣ୍ଟି ଗ୍ରାମର ଦେବାନନ୍ଦ ଗୌଡ଼(୩୪) ଓ ଆସ୍କାର କେ.ସୂର୍ଯ୍ୟ ରାଓ(୪୦)। ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ, ୫ଟି ଗୁଳି, ୨ଟି ମାଗାଜିନ ଓ ୫ଟି ମୋବାଇଲ ଜବତ କରିଛି ପୋଲିସ । ସୂଚନାଯୋଗ୍ୟ ଯେ, ନିମଖଣ୍ଡି ଥାନା ପୁଲିସ ବୁଧବାର ବିଳମ୍ବିତ ରାତିରେ ଶ୍ରୀକ୍ଷେତ୍ରବିହାର ଅଞ୍ଚଳର ପେଟ୍ରୋଲିଂ କରୁଥିବା ବେଳେ ନିକଟରେ ଥିବା ଏକ ବାଲିଗଦା ନିକଟରେ ୬ଜଣ ଦୁର୍ବୃତ୍ତ ବସିଥିବା ଖବର ମିଳିଥିଲା । ଖବର ପାଇଁ ପୁଲିସ ସେଠାରେ ପହଞ୍ଚି ଅର୍ତ୍କିତ ଚଢଉ କରିଥିଲା। ସେଠାରୁ ୪ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଦୁଇ ଜଣ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ।

## ଲଣ୍ଡନ ନିବାସୀ ଲେଖକଙ୍କ ଗାଁରେ ଅଭିନବ ଆର୍ଟ ଗ୍ୟାଲେରି ଉଦ୍‌ଘାଟିତ

# ଜୀବନ ପାଇଁ ପ୍ରେରଣାଦାୟୀ ହୋଇଥାଏ ଆମ ଗାଁ : ଚିତ୍ରଶିଳ୍ପୀ ପ୍ରଫୁଲ୍ଲ ମହାନ୍ତି



ବାଲିଚନ୍ଦ୍ରପୁର, (ସବ୍ୟୁ): ନାନପୁର ଗାଁରେ ଗ୍ରାମୀଣ କଳା, ସଂସ୍କୃତି ଓ ପରମ୍ପରା ଆଧାରିତ ବିବିଧ କଳାକୃତିକୁ ନେଇ ଲଣ୍ଡନ ନିବାସୀ ବିଶିଷ୍ଟ ଲେଖକ ତଥା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପ୍ରଫୁଲ୍ଲ ମହାନ୍ତିଙ୍କ ଦ୍ୱାରା ଦି କ୍ରିଏଟିଭ ହ୍ୟାଣ୍ଡସ ଗ୍ରାମୀଣ ଆର୍ଟ ଗ୍ୟାଲେରି ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ବିରୂପା କୂଳରେ ଥିବା ଚିତ୍ରଶିଳ୍ପୀଙ୍କ ବାସଭବନଠାରେ ଆୟୋଜିତ ଏହି ଗ୍ୟାଲେରିରେ ଚିତ୍ରଶିଳ୍ପୀଙ୍କ ବିବିଧ କଳାକୃତି ସହିତ ସ୍ଥାନୀୟ ଚିତ୍ରଶିଳ୍ପୀମାନଙ୍କ ବିଭିନ୍ନ କଳାକୃତି ମଧ୍ୟ ସ୍ଥାନ ପାଇଛି । ଚଉଷଠି ବର୍ଷ ଧରି ଲଣ୍ଡନରେ ରହୁଥିଲେ ମଧ୍ୟ ମୋ ଗାଁ ହିଁ ମୋ ସୃଜନ ଜୀବନର ବଡ଼ ପ୍ରେରଣା ଏବଂ ଗ୍ରାମୀଣ ଜନଜୀବନର ଛନ୍ଦପତନ ହିଁ ମୋ ପାଇଁ ସବୁଠାରୁ ବଡ଼ ସ୍ମରଣୀୟ ପରିଚୟ ବୋଲି ଏହି ଅବସରରେ କହିଥିଲେ ବିଶିଷ୍ଟ ଲେଖକ ତଥା ଚିତ୍ରଶିଳ୍ପୀ ଡ. ପ୍ରଫୁଲ୍ଲ ମହାନ୍ତି । ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କସ୍ତୁରବା ଗାନ୍ଧୀ ମେମୋରିଆଲ ଟ୍ରଷ୍ଟର ରାଷ୍ଟ୍ରୀୟ ଟ୍ରଷ୍ଟି ଗାୟତ୍ରୀ ଦାସ, ଅବସରପ୍ରାପ୍ତ ପ୍ରଶାସକ ଫଣିଭୂଷଣ ଦାସ, କେନ୍ଦ୍ର ସାହିତ୍ୟ ଏକାଡ଼େମୀର ପୂର୍ବତନ ଆବାହକ ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ଓଡ଼ିଶା ଲଳିତକଳା ଏକାଡ଼େମୀର ପୂର୍ବତନ ସଚିବ ରବି ରଥ, ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ପ୍ରାଧ୍ୟାପକ ବୈଷ୍ଣବ ଚରଣ ମହାନ୍ତି, ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ସାମ୍ବାଦିକ ଆଶିଷ ସେନାପତି, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ନିରଦ ମହାପାତ୍ରଙ୍କ ଧର୍ମପତ୍ନୀ ତଥା ଶିକ୍ଷାବିତ୍ ସବିତା ମହାନ୍ତି ଓ କବି ନିରଞ୍ଜନ ଜେନା ପ୍ରମୁଖ ଡ. ମହାନ୍ତିଙ୍କ ଦ୍ୱାରା ସଂସ୍ଥାପିତ ଗ୍ରାମୀଣ ଆର୍ଟ ଗ୍ୟାଲେରି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ୯୦ ବର୍ଷରେ ପହଞ୍ଚିଥିବା ଡ. ମହାନ୍ତିଙ୍କୁ ବହୁବ୍ୟକ୍ତି ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିଲେ ।

## ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

# ଦେବୀ, ପ୍ରଭାତୀ ଓ ସୌମ୍ୟପ୍ରଭାଙ୍କ ପଦକ ହାସଲ



ବାରିପଦା, (ସବ୍ୟୁ): ଚଳିତ ମାସ ହାଇଦ୍ରାବାଦ ଠାରେ ଅନୁଷ୍ଠିତ ହୋଇଥିବା ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ଦେବୀ ସିଂ, ପ୍ରଭାତୀ ସିଂ ଏବଂ ସୌମ୍ୟ ପ୍ରଭା ଟୁଡୁ ତିନିଜଣ ମହିଳା ପ୍ରତିଯୋଗୀ ଓଡିଶା ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଛନ୍ତି । ୬୩ କେଜି ବର୍ଗରେ ଦେବୀ ସିଂ ବେଞ୍ଚପ୍ରେସରେ ରୌପ୍ୟ ଏବଂ ଡେଡଲିଫ୍ଟ ରେ ବ୍ରୋଞ୍ଜ, ୫୨କେଜି ବର୍ଗରେ ପ୍ରଭାତୀ ସିଂ ମୋଟ ଉପରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ସ୍କାଟ ରେ ସ୍ୱର୍ଣ୍ଣ ଓ ଡେଡଲିଫ୍ଟ ରେ ରୌପ୍ୟ, ୪୭କେଜି ବର୍ଗରେ ସୌମ୍ୟପ୍ରଭା ଟୁଡୁ ବ୍ରୋଞ୍ଜ ପଦକ ପାଇଛନ୍ତି । ସୂଚନା ଯୋଗ୍ୟ କି ଏହି ମହିଳା ଖେଳାଳୀ ମାନେ ପୂର୍ବରୁ ମଧ୍ୟ ରାଜ୍ୟ ଏବଂ ଜାତୀୟସ୍ତରରେ ଅନେକ ଥର ସଫଳତା ହାସଲ କରିଛନ୍ତି । ଜିଲା ଶକ୍ତିଉତ୍ତୋଳନ ସଂଘର ସଂପାଦକ ନବ କୁମାର ସାହୁ, ଉପଦେଷ୍ଟା ଗିରିଶ ଚନ୍ଦ୍ର ଦାସ, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସହ ସଂପାଦକ ପରେଶ ମହାନ୍ତ, ସଂଘର କର୍ମକର୍ତ୍ତା ସତ୍ୟବ୍ରତ ବେହେରା, ରାଜେନ୍ଦ୍ର ପରିଡା, ସୁମିତ କୁମାର ସାହୁ ଓ ନୀତେଶ ବାରିକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କ୍ରୀଡା ପ୍ରେମୀମାନେ ଏହି କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ଏହି ସଫଳତାକୁ ନେଇ ଜିଲ୍ଲା କ୍ରୀଡା ମହଲରେ ଆନନ୍ଦର ଲହରୀ ଖେଳିଯାଇଅଛି ।

## ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ଖଣ୍ଡିଆ ସାହିରେ ଆଗାମୀ ମେ ମାସ ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଆଜି ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ଉମାତନୟ ହୋତା, ବିଭୁତି ହୋତା ଓ ପ୍ରମୋଦ ହୋତା ପ୍ରମୁଖଙ୍କ ଦ୍ୱାରା ଯଥା ରୀତିନୀତି ପ୍ରକାରେ ପୂଜାପାଠ ପୂର୍ବକ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ବେଳେ ଖଲି ସ୍ୱାଇଁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

## ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ରଣନୀତି

# ପର୍ଯ୍ୟଟନ ସ୍ଥଳ ଓ ଧର୍ମାନୁଷ୍ଠାନକୁ ଦିବା ୧୧ରୁ ୩ଟା ଯାଏଁ ଲୋକଙ୍କୁ ମନା

ବାରିପଦା, (ସବ୍ୟୁ): ସାରା ରାଜ୍ୟରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ପାରଦ ବଢ଼ିବାରେ ଲାଗିଛି। ଜିଲ୍ଲା ମୁଖ୍ୟାଳୟ ବାରିପଦା ସମେତ ବିଭିନ୍ନ ଅଂଚଳରେ ଭୀଷଣ ଗରମ ସହିତ ଗୁଳୁଗୁଳି ଅନୁଭୂତ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପ୍ରଶାସନ, ଜନସାଧାରଣଙ୍କ ସହିତ ପଶୁପକ୍ଷୀ ମାନଙ୍କ ସୁବିଧା ପାଇଁ ବିଭିନ୍ନ ବିହିତ ପଦକ୍ଷେପ ନେଇଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଗତକାଲି ପତ୍ର ମାଧ୍ୟମରେ ସମସ୍ତ ଉପଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ମନ୍ଦିର, ମସଜିଦ୍, ଚର୍ଚ୍ଚ ଏବଂ ଧର୍ମୀୟ ସ୍ଥାନ ଗୁଡିକୁ ସକାଳ ୧୧ଟା ଠାରୁ ଦିନ ୩ଟା ଯାଏଁ ସାଧାରଣ ଲୋକଙ୍କ ପାଇଁ ବନ୍ଦ ରଖିବେ। କିନ୍ତୁ ଏଥିସହିତ ସମସ୍ତ ଦେବନୀତି ଯଥାରୀତି ଚାଲିବ। ସେହିପରି ଭାବରେ ଅସହ୍ୟ ଗ୍ରୀଷ୍ମପ୍ରବାହ ଯୋଗୁଁ ଜିଲ୍ଲାର ସମସ୍ତ ପର୍ଯ୍ୟଟନ ସ୍ଥାନ ଗୁଡିକୁ ସକାଳ ୧୧ଟା ଠାରୁ ଦିନ ୩ଟା ଯାଏଁ ପର୍ଯ୍ୟଟକ ମାନଙ୍କ ପାଇଁ ବନ୍ଦ କରାଯିବା ନେଇ ପର୍ଯ୍ୟଟନ ଅଧିକାରିଣୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭାବରେ ପଶୁ ପକ୍ଷୀ ଓ ବଣ ଜଙ୍ଗଲ ଅଂଚଳରେ ଜଳାଶୟ ଏବଂ ପର୍ଯ୍ୟାପ୍ତ ପରିମାଣରେ ଜଳ ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ସୂଚନା ଥାଉକି, ଗ୍ରୀଷ୍ମ ପ୍ରବାହ ସହିତ କାଳ ବୈଶାଖୀ ହେବାର ସମ୍ଭାବନା ଥିବାରୁ, କ୍ଷୁଦ୍ର ମରାମତି ହେଉଥିବା ଆବାସ ଏବଂ ଜରୁରୀକାଳୀନ କାର୍ଯ୍ୟପାଇଁ ସମସ୍ତ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ଆଦେଶ ଦେଇଥିଲେ।

# ବୃଦ୍ଧଙ୍କ ଗଳିତ ମୃତଦେହ ଜବତ

ମୋରଡା, (ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା ରସଗୋବିନ୍ଦୟପୁର ଥାନା ଅଧୀନ ଦୁଆରଶୁଣୀ ଜଙ୍ଗଲରୁ ଜୈନିକ ବୃଦ୍ଧଙ୍କ ଗଳିତ ମୃତ୍ୟୁ ଦେହ ଜବତ କରିଛି ପୋଲିସ। ରସଗୋବିନ୍ଦପୁର ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କ ସୂଚନା ଅନୁଯାୟୀ ମୃତକ ଜଣକ ଝାଟିଗଡା ଗ୍ରାମର ରୁବେନ ସରେନ। ରୁବେନ ତିନିଦିନ ତଳେ ନିଖୋଜ ଥିବା ବେଳେ ଆଜି କେତେଜଣ ଗ୍ରାମବସୀ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲରେ ପଡ଼ିଥିବା ଗଳିତ ମୃତ ଦେହକୁ ଦେଖିଥିଲେ । ପରେ ପୋଲିସକୁ ସୂଚନା ଦେବାସହିତ ବନବିଭାଗକୁ ଖବର ଦେଇଥିଲେ। ଖବର ପାଇଁ ବନପାଳ ଅଶୋକ ମାଝୀ ଓ ପଲିସ ଘଟଣା ସ୍ଥଳରେ ପହଂଚି ମୃତ ଦେହକୁ ଜବଦ କରି ବାରିପଦା ଜିଲ୍ଲା ହସ୍ପିଟାଲ କୁ ଶବ ପାଞ୍ଚନାମା ନିମନ୍ତେ ପଠାଇଛି ।

## ୨୪ ପ୍ରହର ନାମଯଜ୍ଞ

ରମ୍ଭା, (ସବ୍ୟୁ): ଆଧାତ୍ମିକ ପରିବେଶ ମଧ୍ୟରେ ରମ୍ଭା ନିକଟସ୍ଥ ଜହମି ଗ୍ରାମର ଚୈତନ୍ୟ ମଠ ନିକଟରେ ଶ୍ରୀ ରାମ ନବମୀ ତିଥି ଠାରୁ ୨୪ ପ୍ରହର ନାମଯଜ୍ଞ ମହନ୍ତ ପ୍ରେମାନନ୍ଦ ଦାସ (ବେଗୁନିଆପଡା ) ଓ ଦ୍ୱୟ ସହଯୋଗୀ ପ୍ରଫୁଲ କୁମାର ପାଢ଼ି, ନୀଳରଥଙ୍କ ପୌରହିତରେ କାର୍ଯ୍ୟକ୍ରମ ଚାଲୁ ରହିଛି। ପୁରହିତ ବିଜୟ ଚନ୍ଦ୍ର ତ୍ରିପାଠୀ ଓ କର୍ତ୍ତାରୂପେ ପ୍ରମୋଦ ନାହାକ, ଦମୟନ୍ତୀ ନାହାକ ରହିଛନ୍ତି। ଦିବାରାତ୍ର ସଂକୀର୍ତନ ମଣ୍ଡଳୀ କାର୍ଯ୍ୟକ୍ରମରେ ଜହମି, ଡିଆଁଡେଇଁ, ମଧୁରଚୁଆ -୧, ବୁରୁଡି, କଣ୍ଟାପଡା, ଝରେଡି, ବିଟି ନୂଆଁ ଗାଁ, ସିପକୁଦା, ମଧୁରଚୁଆ -୨, ପଣସଡିହ, ସାନ ରାମଚନ୍ଦ୍ରପୁର, ସୁବିଳୟା, ମିଞ୍ଚିଣୀପାଟଣା ଏଯାବତ ସାମିଲ ହୋଇଛନ୍ତି। ଉପଦେଷ୍ଟା ଚନ୍ଦ୍ରଶେଖର ନାୟକ, ମା ଭବାନୀ କ୍ଲବ ସଦସ୍ୟ ବୃନ୍ଦ ସତ୍ୟବାନ ମହାପାତ୍ର, ରାମଚନ୍ଦ୍ର ନାହାକ, ପ୍ରମୁଖ ଶତାଧିକ ଯୁବଗୋଷ୍ଠି କାର୍ଯ୍ୟକ୍ରମରେ ସାମିଲ ହୋଇ ଆଗାମୀ ୧୭ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ଯୁବଗୋଷ୍ଠି ମଧ୍ୟରେ ଆଲୋଚନା ହୋଇଥିବା ଖବର ମିଳିଛି।

## ବିଜେଡିର ୪୧ନଂ ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ବ୍ଲକର ବାଲିପଦର ଗ୍ରାମସ୍ଥିତ ମହୋତ୍ସବ ପଡିଆରେ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ଜୋନ ସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ , ଆସିକା ଲୋକସଭା ସଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ , ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ଓ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ସମିତା ସ୍ୱାଇଁ ଓ ସଦସ୍ୟ ଗଙ୍ଗାପାଣି ଜେନାଙ୍କ ସମେତ ଜୋନ୍ ନଂ–୪୧ ଅନ୍ତର୍ଗତ ଅରଖପୁର, ଅନ୍ତରପଡା, ଆଶ୍ରମ କରଡ଼ାବାଡ଼ି, ପାଙ୍ଗିଡି, ପୋଚାଲୁଣ୍ଡି, ବାଲିପଦର ଓ କଳମ୍ବ ଆଦି ୭ଟି ଗ୍ରାମ ପଞ୍ଚାୟତର ଦଳୀୟ ଜନପ୍ରତିନିଧି, କର୍ମକର୍ତ୍ତା ଓ କର୍ମୀଗଣ ଯୋଗଦାନ କରିଥିଲେ । ଆସିକା ଲୋକସଭା ଏବଂ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପଞ୍ଚମ ପର୍ଯ୍ୟାୟରେ ଆସନ୍ତା ମେ ୨୦ ତାରିଖ ଦିନ ଭୋଟ ଗ୍ରହଣ ହେବାକୁ ଥିବାବେଳେ ବେଳେ ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଏବଂ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ନିମନ୍ତେ ତୃଣମୂଳ ସ୍ତରରେ ଦଳୀୟ ସଂଗଠନକୁ ଆହୁରି ମଜବୁତ୍ କରିବାକୁ ପଡିବ ବୋଲି ଆହ୍ୱାନ ଦିଆଯାଇଥିଲା ।

# ବାରିପଦାରେ ବିଶାଳ ଶ୍ରୀରାମ ନବମୀ ଶୋଭାଯାତ୍ରା



ବାରିପଦା, (ସବ୍ୟୁ) : ପବିତ୍ର ରାମ ନବମୀ ଅବସରରେ ଶ୍ରୀରାମ ନବମୀ ମହୋତ୍ସବ ସମିତି, ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଚିନ୍ମୟ ମିଶନ, ଇସ୍କନ, ରାଧାକୃଷ୍ଣ ସଂଗଠନ ପ୍ରଭୃତି ବିଭିନ୍ନ ସଂସ୍ଥା ତଥା ବାରିପଦା ଜନସାଧାରଣଙ୍କ ମିଳିତ ସହଯୋଗରେ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଉକ୍ତ କାର୍ଯ୍ୟକ୍ରମ ସଂଯୋଜକ କବିବିଷ୍ଣୁ ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିବାବେଳେ ବିଶ୍ୱଜିତ ରଣା, ସରୋଜ ପ୍ରହରାଜ, କୃଷ୍ଣା ରାମ, ମାନସ ସାହୁ, କଳ୍ପ ରାୟବାବୁ, ଅଜିତ ଦଳେଇ, ତୁଷାର ମହାନ୍ତ, ପ୍ରଶାନ୍ତ ଆଚାର୍ଯ୍ୟ, ହରିହର ତ୍ରିପାଠୀ, ଚିନ୍ମୟ ବୋଡ଼େ, ଅଜୟ ପାଳ, ତାପସ ପାଢ଼ୀ, ଫକୀର ସିଂ, ଜ୍ଞାନ ରଞ୍ଜନ ଜେନା, ସରୋଜ ଖୁଣ୍ଟିଆ, ବିନୋଦ ଲୋହାର, ରଞ୍ଜନ ନାଏକ, ଲିଙ୍ଗରାଜ ମିଶ୍ର ଓ ରଘୁନାଥ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ସୁରୁଖୁରୁରେ ସଂଚାଳିତ ହେବା ଦୃଷ୍ଟିରୁ ସକ୍ରିୟ ଥିବାର ଦେଖାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ମୟୂରଭଞ୍ଜ ବିଜେପି ଲୋକସଭା ପ୍ରାର୍ଥୀ ତଥା ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ବାରିପଦା ବିଜେପି ବିଧାୟକ ପ୍ରାର୍ଥୀ ତଥା ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ବିଜେପି ବରିଷ୍ଠ ନେତା ଜୀବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ||||||||||||||||||| ବିଜେପିର ସଂକଳ୍ପ ପତ୍ର–୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି |||||||||||||||||||

# ସର୍ବାଧିକ ଲାଭାନ୍ୱିତ ହେବ ଓଡ଼ିଶା ସମେତ ବ୍ରହ୍ମପୁର ଲୋକସଭା କ୍ଷେତ୍ର: ପ୍ରଦୀପ ପାଣିଗ୍ରାହୀ




ବ୍ରହ୍ମପୁର, (ସବ୍ୟୁ): ୨୦୧୪ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟି କ୍ଷମତାକୁ ଆସିବା ପରେ ଦେଶବାସୀଙ୍କୁ ଦିଆଯାଇଥିବା ଅଧିକାଂଶ ପ୍ରତିଶୃତି ପୂରଣ କରାଯାଇଛି । ଏହା ପରେ ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଦିଆଯାଇଥିବା ସମସ୍ତ ପ୍ରତିଶୃତିକୁ ପାଳନ କରାଯାଇଛି । ଏହି ଦୁଇଟି ନିର୍ବାଚନରେ ୯୫ ପ୍ରତିଶତ ସଫଳତା ସହିତ ସମୁଦାୟ ୨୩୫ଟି ପ୍ରତିଶୃତି ମଧ୍ୟରୁ ୨୨୨ଟି ପ୍ରତିଶୃତିକୁ ପାଳନ କରିଛନ୍ତି ମୋଦି । 'ରିଫର୍ମ–ପରଫର୍ମ– ଟ୍ରାନ୍ସଫର୍ମ'କୁ ମୂଳମନ୍ତ୍ର ଏବଂ ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସକୁ ଆଧାର କରି ମୋଦି ସରକାର ସୁରକ୍ଷିତ ଭାରତ–ସମୃଦ୍ଧ ଭାରତ ଗଠନ ପାଇଁ ସଂକଳ୍ପ ନେଇଛନ୍ତି। ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଉଦ୍ଦେଶ୍ୟରେ ବିଜେପି ତରଫରୁ ବିଜେପିର ସଂକଳ୍ପ ପତ୍ର–୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି ପ୍ରକାଶ ପାଇଛି। ସୋସିଆଲ, ଫିଜିକାଲ୍ ଓ ଡିଜିଟାଲ ଭିତିଭୂମିକୁ ସୁଦୃଢ଼ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର 'ବିକଶିତ ଭାରତ ଗଠନ'ରେ 'ବୁଷ୍ଟର' ସଦୃଶ ହେବ ବୋଲି ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି ଆଜି ବ୍ରହ୍ମପୁର ଜୋନ୍ ମିଡ଼ିଆ ସେଣ୍ଟର୍ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ଼ଃ ପାଣିଗ୍ରାହୀ କହିଛନ୍ତି ଯେ, ଯାହାର କେହି ନାହିଁ, ତା ପାଖରେ ମୋଦି ଗ୍ୟାରେଣ୍ଟି ରହିଛି । ସମଗ୍ର ଦେଶରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ର ତଥା ମୋଦି ଗ୍ୟାରେଣ୍ଟିରୁ ସର୍ବାଧିକ ଲାଭ ପାଇବ ଓଡ଼ିଶା ତଥା ବ୍ରହ୍ମପୁର ଲୋକସଭା କ୍ଷେତ୍ର ବାସୀ । ବିଶେଷ ଭାବେ ଚାଷୀ, ଗରିବ, ମହିଳା ଓ ଯୁବବର୍ଗ ପାଇଁ ଉତ୍ସର୍ଗୀକୃତ ବିଜେପିର ସଂକଳ୍ପ ପତ୍ର–୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି । ବିଶେଷ ଭାବେ ୮୦କୋଟି ଦେଶବାସୀଙ୍କୁ ପ୍ରତି ମାସ ମାଗଣା ରାସନ ପ୍ରଦାନ କରି ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଛି। ଗରୀବ କଲ୍ୟାଣକାରୀ ଯୋଜନା ଅନ୍ତର୍ଗତ ୩ କୋଟି ବାସଗୃହ, ସମସ୍ତଙ୍କୁ ପାନୀୟ ଜଳ ଓ ବିଜୁଳି ଯୋଗାଣ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ, ପାଇପ ଜରିଆରେ ରୋଷେଇ ଗ୍ୟାସ ଯୋଗାଣ ମୁଦ୍ରା, ସ୍ୱନିଧି ଯୋଜନାରେ ଯୁବକଙ୍କୁ ଆତ୍ମନିର୍ଭରତା ଏସଏଚଜି ଜରିଆରେ ମହିଳା ସଶକ୍ତିକରଣ କରାଯିବା ସହିତ କର୍ମଜୀବି ମହିଳାଙ୍କ ପାଇଁ ହଷ୍ଟେଲ ଓ ଶିଶୁ ଗୃହ ନିର୍ମାଣ କରାଯିବ ଖାଦ୍ୟ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ, କୃଷିଭିତିକ ଶିଳ୍ପ ପ୍ରତିଷ୍ଠାନ, ଶ୍ରୀଅନ୍ନର ଗୁରୁତ୍ୱ, ପିଏମକିସାନ ଜରିଆରେ ଆର୍ଥିକ ସହାୟତା ପ୍ରଦାନ ଆଦି ଜରିଆରେ କୃଷକକଲ୍ୟାଣକୁ ପ୍ରାଧାନ୍ୟ ଦେଇଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହା ବ୍ୟତୀତ ପର୍ଯ୍ୟଟନ ଶିଳ୍ପର ବିକାଶକୁ ମଧ୍ୟ ଗରୁତ୍ୱ ଦିଆଯାଇଛି। ଭିତିଭୂମି ଓ ନୂତନ ଶିକ୍ଷାନୀତିକୁ ସଶକ୍ତ କରାଯାଇଛି । ଆକାଶ, ଜଳ, ରେଳ ଓ ସଡ଼କ ଗମନାଗମନ କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ଆସିଛି। ଏକଲବ୍ୟ ବିଦ୍ୟାଳୟଠାରୁ ଆରମ୍ଭ କରି ଆଇଆଇଏମ, ଆଇଆଇଟି, ଆଇଜର୍, ମେଡିକାଲ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ମୋଦି ସରକାର ସଂକଳ୍ପବଦ୍ଧ। ସାହିତ୍ୟ, ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବିଶ୍ୱ ଦରବାରରେ ସମ୍ମାନିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି କାର୍ଯ୍ୟରତ। ଆୟୁଷ୍ମାନ ଭାରତ ଯୋଜନାରେ ୭୦ ବର୍ଷରୁ ଉଦ୍ଧ୍ୱବରିଷ୍ଠ ନାଗରିକଙ୍କୁ ସାମିଲ କରାଯିବା ସମାନ ନାଗରିକତା ସଂହିତା ଲାଗୁ ହେଲେ ପଡୋଶୀ ରାଷ୍ଟ୍ରରୁ ଅତ୍ୟାଚାର ଶିକାର ହୋଇ ଫେରିଥିବା ମୂଳ ଭାରତୀୟଙ୍କୁ ସମ୍ମାନ ମିଳିବ ବୋଲି ପ୍ରଦୀପ ପାଣିଗ୍ରାହୀ କହିଛନ୍ତି ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଦେଶର ସୀମା ଆଜି ସୁରକ୍ଷିତ । ଗଣତନ୍ତ୍ର ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ କାର୍ଯ୍ୟକାରୀ କରାଯିବ । ପ୍ରଦୂଷଣ ହ୍ରାସ କରିବା ପାଇଁ ଇଭି ଗାଡି ଚଳାଚଳକୁ ପ୍ରୋତ୍ସାହିତ କରାଯିବ । ପିଏମ ସୂର୍ଯ୍ୟ ଘର ଯୋଜନାରେ ଗ୍ରୀନ ଏନର୍ଜିକୁ ପ୍ରୋତ୍ସାହନ ମିଳିବ। ବନ୍ଦେ ଭାରତ ଭଳି ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଖୁବ ଶୀଘ୍ର ବୁଲେଟ ଟ୍ରେନ ଚାଲିବ ବୋଲି ସଂକଳ୍ପ ପତ୍ରରେ ପ୍ରକାଶ ପାଇଛି। ମୋଦିଙ୍କ ଗ୍ୟାରେଣ୍ଟି ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ସମେତ ବ୍ରହ୍ମପୁର ଲୋକସଭା କ୍ଷେତ୍ର ସର୍ବାଧିକ ଲାଭାନ୍ୱିତ ହେବ । ତେଣୁ ଏଭଳି ସଂକଳ୍ପ ପତ୍ର ପ୍ରକାଶ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଜେ.ପି.ନଡ୍ଡା, ଇସ୍ତାହାର କମିଟି ସଂଯୋଜକ ତଥା ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହଙ୍କୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ତରଫରୁ ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାର, ଦିଗପହଣ୍ଡି ବିଧାନସଭା ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀକୁ ବ୍ରହ୍ମପୁର ଜୋନ୍ ମିଡ଼ିଆ ସଂଯୋଜକ ସୁନିଲ କୁମାର ସାହୁ ସଂଯୋଜନା କରିଥିବା ବେଳେ ଶେଷରେ ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କାଉଟ୍ସ, ଗାଇଡ୍ସ ପକ୍ଷରୁ ପଣା ବଣ୍ଟନ



ରଙ୍ଗେଇଲୁଣ୍ଡା, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିସି ସ୍ଥିତ ସିଦ୍ଧ ଭୈରବୀ ବିଜ୍ଞାନ ମହାବିଦ୍ୟାଳୟର ସ୍କାଉଟ ଏବଂ ଗାଇଡ଼ ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ଗତ ଏକ ମାସ ଧରି ଚାଲିଥିବା ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଆଜି ସ୍ଥଗିତ ରଖା ଯାଇଛି। ପୁଣି କିଛି ଦିନର ବ୍ୟବଧାନ ପରେ ଏହା ପୁଣି ଆରମ୍ଭ କରାଯିବ ବୋଲି ଅଧ୍ୟାପିକା ତଥା ଟିମ ଲିଡର ମୋନାଲିସା ପଟ୍ଟନାୟକ କହିଛନ୍ତି। ଏଠାରେ ସୂଚନାଯୋଗ୍ୟଯେ, କନିସି ସ୍ଥିତ ସିଦ୍ଧ ଭୈରବୀ ବିଜ୍ଞାନ ମହାବିଦ୍ୟାଳୟର ସ୍କାଉଟ ଓ ଗାଇଡ଼ ଛାତ୍ରଛାତ୍ରୀ ବା ରେଞ୍ଜର୍ସ ଓ ରୋଭେର୍ସ ମାନଙ୍କ ଦ୍ୱାରା ଟିମ ମୁଖ୍ୟ ଅଧ୍ୟାପିକା ମୋନାଲିସା ପଟ୍ଟନାୟକଙ୍କ ପ୍ରେରଣାରେ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟକ୍ରମ ଯଥା ମନ୍ଦିର ସଫେଇ, ପଲିଥିନର ବ୍ୟବହାର ନକରିବା, ସମୁଦ୍ର କୁଳ ସଫା କରିବା, ବୃକ୍ଷ ରୋପଣ କରିବା ଏମିତି ବହୁତ ମହତ କାର୍ଯ୍ୟକ୍ରମ କରି ଓଡିଶାର ମହାମହିମ ରାଜ୍ୟପାଳଙ୍କ ଠାରୁ ଦୁଇ ଦୁଇ ଥର ରାଜ୍ୟପାଳ ପୁରସ୍କାର ପାଇବାର ଗୌରବ ପାଇଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ଦୀର୍ଘ ଏକ ମାସ ଧରି ପଥଚାରି ମାନଙ୍କୁ ଓ.ଆର.ଏସ. ଦହି ପଣା, ଲେମ୍ବୁ, ପଣା ବଣ୍ଟନ କରିବା ଏକ ମହତ କାର୍ଯ୍ୟ କରିଥିବାରୁ ଅଞ୍ଚଳବାସିଙ୍କ ତରଫରୁ ସେମାନଙ୍କୁ ସାଧୁବାଦ ଜ୍ଞାପନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଅଧ୍ୟାପକ ସୁରେନ୍ଦ୍ର ନାଥ ପାଣିଗ୍ରାହୀ, କଲେଜ ଅଧକ୍ଷ ଡା. ଶିବ ପ୍ରସାଦ ନାୟକ ଏବଂ ଅନ୍ୟାନ କଲେଜ ର କର୍ମଚାରୀ ବୃନ୍ଦ।

# ତାଳଚେରରେ ବିଭିନ୍ନ କାର୍ଯ୍ୟ ତଦାରଖ କଲେ ଜିଲ୍ଲାପାଳ



ସାଉଥବଲଣ୍ଡା, (ସବ୍ୟୁ): ଅନୁଗୋଳ ଜିଲ୍ଲାପାଳ ଅବଦୁଲ ଏମ୍ ଅଖତର ଗୁରୁବାର ତାଳଚେର ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି । ଜିଲ୍ଲାପାଳ ତାଳଚେର କଲେଜ ପରିଦର୍ଶନରେ ଯାଇ ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପାଇଁ ତାଳଚେର ମହାବିଦ୍ୟାଳୟରେ ଥିବା ଷ୍ଟ୍ରଙ୍ଗ ରୁମ୍‌ର ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏଥିସହିତ ଶ୍ରୀ ଅଖତର ତାଳଚେର ମହାବିଦ୍ୟାଳୟର ନିର୍ମାଣଧୀନ କାର୍ଯ୍ୟକୁ ତଦାରଖ କରିବା ସହ ଆସନ୍ତା ମଇ ମାସ ୧୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ସେହିପରି ତାଳଚେରରେ ନିର୍ମିତ ହେଉଥିବା କୋଇଲା ମ୍ୟୁଜିୟମ୍‌ର ନିର୍ମାଣଧୀନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ତଦାରଖ କରିବା ସହ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ଏଥିସହିତ ତାଳଚେରର ଗୋପାଳପ୍ରସାଦ ସ୍ଥିତ ମା' ହିଙ୍ଗୁଳା ଠାକୁରାଣୀଙ୍କ ପୀଠ ଗସ୍ତ କରି ଚଳିତ ୨୨ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ସେଠାରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଯାତ୍ରା ଓ ଲୋକ ମହୋତ୍ସବର ସ୍ଥିତି ସମୀକ୍ଷା କରିଛନ୍ତି ।

# ପୋଲିସ ଚଢ଼ାଉ: ମଦ ଜବତ, ୯ ଗିରଫ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଏସପି ଙ୍କ ନିର୍ଦ୍ଦେଶ ପରେ ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ରେ ବୁଧବାର ରାତି ରେ ହଣ୍ଡପା , କିଶୋରନଗର , ଠାକୁରଗଡ଼ , ଆଠମଲ୍ଲିକ ପୋଲିସ ଚଢ଼ଉ କରି ବ୍ୟାପକ ବିଦେଶୀ , ଦେଶୀ ମହୁଲି ମଦ ଜବତ କରିଛି । ଏପରିକି ୯ ଜଣ ଙ୍କୁ ଗିରଫ କରାଯାଇଛି । ଏ ନେଇ ଗୁରୁବାର ଦିନ କିଶୋରନଗର ଥାନା ପରିସର ରେ ଏକ ଖବରଦାତା ସମ୍ମିଳନି ରେ ଅନୁଗୋଳ ଅତିରିକ୍ତ ଏସପି ସତ୍ୟଜିତ ମିଶ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ହଣ୍ଡପା ପୋଲିସ ଲୁହାମୁଣ୍ଡା ଗ୍ରାମରେ ଚଢ଼ଉ କରି ପ୍ରହଲାଦ ସାହୁ ଙ୍କ ଠାରୁ ୫୦ ଟି ପାଉଚ ଜବତ କରିବା ସହ ତାଙ୍କୁ ଗିରଫ କରିଛି । ସେହି ପରି ଇଛାପୁର ବାନାମ୍ବର ପ୍ରଧାନ ଙ୍କ ଠାରୁ ୧୪ ଲିଟର ଦେଶୀ ମହୁଲି ମଦ , ଗାଁ ବଇଣ୍ଡା ଗ୍ରାମର ରଞ୍ଜିତ ପ୍ରଧାନ ଙ୍କ ଠାରୁ ୧୫ ଲିଟର ଦେଶୀ ମଦ , ଜବତ କରିବା ସହ ଏ ମାନଙ୍କୁ ଗିରଫ କରାଯାଇଛି । ସେହି ପରି କିଶୋରନଗର ପୋଲିସ ବଡ ରୋହିଲା ଗ୍ରାମର ବିପିନି ସାହୁ ଙ୍କ ଠାରୁ ୪୦ ଟି ପାଉଚ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି । ପ୍ରଭୁଦତ ସାହୁ ଙ୍କ ଠାରୁ ୧୨୦ ଲିଟର ବିଦେଶୀ ମଦ , ୩୩ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି । ଧଉରାପାଲି ଗ୍ରାମର ପରୀକ୍ଷିତ ସାହୁ ଙ୍କ ଠାରୁ ୬୩ ଲିଟର , ଅରକ୍ଷିତ ସାହୁ ଙ୍କ ଠାରୁ ୩୨ ଲିଟର , ମଦ ଜବତ କରାଯାଇଛି । ଠାକୁରଗଡ଼ ପୋଲିସ ପାଇକସାହି ଅଞ୍ଚଳରୁ ରାମଚନ୍ଦ୍ର ପ୍ରଧାନ ଙ୍କ ଘରୁ ୧୦ ଲିଟର , ଆଠମଲ୍ଲିକ ପୋଲିସ ସରଦ୍ଧାପୁର ଅଞ୍ଚଳ ର ଶାନ୍ତନୁ ମହାକୁଡ ଙ୍କ ଠାରୁ ୮ ଲିଟର ଦେଶୀ ମଦ ଜବତ କରିବା ସହ ଏମାନଙ୍କୁ ଗିରଫ କରାଯାଇଛି । ଆଗକୁ ନିର୍ବାଚନ ଥିବା ବେଳେ କିଭଳି ଆଠମଲ୍ଲିକ ଉପଖଣ୍ଡ ଅଞ୍ଚଳ ରେ ଚୋରା ମଦ କାରବାର ବନ୍ଦ କରାଯିବ ଏ ନେଇ ଅଧିକ ଧ୍ୟାନ ପୋଲିସ ଦେବ ବୋଲି ସୂଚନା ଦେଇଛନ୍ତି । ଏହି ସମ୍ମିଳନି ରେ ଆଠମଲ୍ଲିକ ଏସଡିପିଓ ବାଳକୃଷ୍ଣ କୁଅଁର , ଆଠମଲ୍ଲିକ ଆଇଆଇସି ଚିତ୍ତ ରଞ୍ଜନ ବେହେରା , କିଶୋରନଗର ଆଇଆଇସି ବିଭୁତି ପ୍ରଧାନ , ଠାକୁରଗଡ଼ ଆଇଆଇସି ନଟବର ନନ୍ଦ , ହଣ୍ଡପା ଆଇଆଇସି ନମିତା ନାୟକ ଉପସ୍ଥିତ ଥିଲେ ।

## କରେଣ୍ଟ ଲାଗି ଦନ୍ତା ମୃତ



ବନ୍ତଳା, (ସବ୍ୟୁ): ଆଖୁ ଖାଇବାକୁ ଆସି ବିଦ୍ୟୁତ ତାରରେ ଲାଗି ଅନୁଗୁଳରେ ପୁଣି ଏକ ଦନ୍ତା ହାତୀର ଜୀବନ ଯାଇଛି । ସ୍ଥାନୀୟ ବନ୍ତଳା ବନାଞ୍ଚଳ ବନ୍ଧାଣପଶି ଗାଁରେ ଏହି ଦନ୍ତା ହାତୀର ମୃତ୍ୟୁ ହୋଇଛି । ସୂଚନା ମୁତାବକ, ଗାଁରେ ଥିବା ଆଖୁ କିଆରୀକୁ ଆଖୁ ଖାଇବା ପାଇଁ ଗୋଟିଏ ଦନ୍ତା ହାତୀ ଆସିଥିଲା । କିନ୍ତୁ ଆଖୁ ବିଲରେ ମାଲିକ ବିଦ୍ୟୁତ ସଂଯୋଗ କରିଥିଲେ। ଫଳରେ କରେଣ୍ଟ ଲାଗି ଦନ୍ତା ହାତୀର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି ।

## ଶିରିଡ଼ି ସାଇବାବାଙ୍କ ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହର ଆନନ୍ଦ ବଜାରସ୍ଥିତ ହୀରାସାଗର ପୋଖରୀ ଦକ୍ଷିଣ ପାର୍ଶ୍ୱ ଶ୍ରୀ ଶନିଶ୍ଚର ମନ୍ଦିର ପରିସର ସାଇସାଗର ଧାମରେ ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅଦ୍ୟ ପବିତ୍ର ରାମନବମୀ ଦିବସରେ ପାଳନ କରାଯାଇଅଛି । ଗତକାଲି ୧୬ ତାରିଖରେ ଅପରାହ୍ନ ୪ ଟାରେ ୩୦୦ରୁ ଅଧିକ ଭକ୍ତଙ୍କ ଦ୍ୱାରା ବଳରାମ ମନ୍ଦିର ଠାରୁ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଦ୍ୟ ୧୭ ତାରିଖରେ ସୂର୍ଯ୍ୟପୂଜା, ଗୋ-ପୂଜା, ମଣ୍ଡଳ କଳସ ଅଧିବାସ ପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ପାଲିଙ୍କି ଶୋଭାଯାତ୍ରା, ଅଖଣ୍ଡ ସାଇ ନାମ କୀର୍ତନ, ଭଜନ ସମାରୋହ ଓ ପ୍ରସାଦସେବନ ସହିତ ପରେ ସେଜ ଆରତୀ ହେବ । ପୂଜକ ନିରାକାର ତ୍ରିପାଠୀ, ଅଜୟ କୁମାର ନନ୍ଦ, ଘନଶ୍ୟାମ ଶର୍ମା ସମସ୍ତ ପୂଜାକୁ ସୂଚାରୁ ରୂପେ ସମ୍ପାଦନ କରିଥିଲେ । ମନ୍ଦିର ପୂଜକ ବିରଂଚ ନାରାୟଣ ନନ୍ଦ, କର୍ତା ଗୋପାଳ ଚନ୍ଦ୍ର ପାତ୍ର ଓ କର୍ତୀ ନିରସା ପାତ୍ର ଉପସ୍ଥିତ ଥିଲେ । ଗୋବିନ୍ଦ ପାତ୍ର, ସେବତୀ ପାତ୍ର, ସପନୀ, କୃଷ୍ଣ, ସରୋଜକାନ୍ତ ପ୍ରଧାନ, ପଦିଆ, ସାଇପ୍ରକାଶ ଦାସ, ଗିରିଶ, ବଳିଆ, ସିନୁ, ବିପିନ, ଗିରିଆ, ମାମାଲି, ଲୁସି, ସୁଧା, ପ୍ରୀତମ, ରିପୁ, ପର୍ଶୁରାମ, ବର୍ଷା, ନାଲି ଭାଇ, ମଦନ, ଗୋପୀ, ଥୋପୀ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ବିଜିଗୋଳରେ ଶ୍ରୀରାମନବମୀ ଯାତ୍ରା



କଣିହାଁ, (ସବ୍ୟୁ): କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ଶ୍ରୀରାମ ନବମୀ ମହା ସମାରୋହରେ ପାଳିତ ହୋଇଯାଇଛି । ସେଥିମଧ୍ୟରୁ ବିଜିଗୋଳ ଗ୍ରାମର ଶ୍ରୀରାମନବମୀ ଅଞ୍ଚଳର ପ୍ରସିଦ୍ଧ । ଏଠି ବହୁ ଆଡମ୍ବରରେ ଯାତ୍ରା ପାଳନ କରାଯାଉଥିବାରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଜମିଥାଏ । ଏଠି ରାମନବମୀ ଯାତ୍ରା ୨ଦିନ ଧରି ପାଳନ କରାଯାଉଛି । ଏହି ଅବସରରେ ବୁଧବାର ଦିନ ସକାଳେ ସୂର୍ଯ୍ୟ ପୂଜା, ଶିବପୂଜା ପରେ ଠାକୁରଙ୍କୁ ପହଣ୍ଡି କରାଯାଇ ବିଜୟ ମଣ୍ଡପକୁ ଅଣାଯାଇଥିଲା । ସେଠାରେ ଯଥାରୀତି ପୂଜାର୍ଚ୍ଚନା କରାଯାଇ ହୋମ ଯଜ୍ଞ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ନବ କିଶୋର ଦାଶ ଯଜ୍ଞ କର୍ମ କରିଥିବା ବେଳେ କର୍ତ୍ତା ଭାବରେ ଗ୍ରାମ ସଂପାଦକ ଗଣେଶ୍ୱର ପାଣି ଓ ତାଙ୍କ ସହଧର୍ମିଣୀ ବସି ଯଜ୍ଞ କର୍ମ ସମ୍ପାଦନ କରିଥିଲେ । ପୂଜାର୍ଚ୍ଚନା ପରେ ସର୍ବ ସଧାରଣ ଦର୍ଶନ କରିଥିଲେ ଓ ଉକ୍ତ ଦିନ ଏକ ବିରାଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ଯାତ୍ରା ପାଇଁ ମନ୍ଦିରକୁ ବିଭିନ୍ନ ରଙ୍ଗୀନ ଆଲୋମାଳାରେ ସଜା ଯାଇଥିଲା । ସନ୍ଧ୍ୟାରେ ମନ୍ଦିର ପରିସରରେ ସଂକୀର୍ତ୍ତନ, ପାଲା, ଭଜନ ସଂଧ୍ୟା ଓ ବାଦି ଦଣ୍ଡ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଶେଷ କରି ଭଜନ ସଂଧ୍ୟାରେ କଣ୍ଠଶିଳ୍ପୀ ଶିବ ନନାଙ୍କ ଭଜନରେ ଦର୍ଶକ ବେଶ ଝୁମିଥିଲେ । ଗୁରୁବାର ଯାତ୍ରାର ୨ୟ ଦିନରେ ବିଜୟ ମଣ୍ଡପ ରେ ହୋମ ଯଜ୍ଞ କରଯାଇଥିଲା । ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ଜମିଥିଲା । ଯାତ୍ରାର ୨ୟ ସଂଧ୍ୟାରେ ହାସ୍ୟ ଅଭିନେତା ପପୁ ପମ୍ ପମ୍ ଓ ସାଥିଙ୍କ କମେଡିରେ ଦର୍ଶକ ବିଭୋର ହୋଇଥିଲେ । ଉକ୍ତ ରାତିରେ ମଧ୍ୟ ବାଦି ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା । ଶୁକ୍ରବାର ଭୋର ସକାଳ ୫ଘଟିକା ପୂର୍ବରୁ ପୂଜାର୍ଚ୍ଚନା କରାଯାଇ ପହଣ୍ଡି ମାଧ୍ୟମରେ ଠାକୁର ବିଜୟ ମଣ୍ଡପରୁ ମନ୍ଦିର କୁ ବିଜେ କରିବେ ବୋଲି ମନ୍ଦିର ପୂଜକ ଗଗନ ନନ୍ଦଙ୍କ ଠାରୁ ପ୍ରକାଶ । ଦୁଇ ଦିନ ଧରି ଚାଲିଥିବା ଉକ୍ତ ଯାତ୍ରା ଗ୍ରାମ ସଭାପତି ଶଶାଙ୍କ ଶେଖର ପାଣି, ପ୍ରହଲ୍ଲାଦ ପାଣି, ବାବୁଲା ପାଣି, ମୋହନ ପାଣି ଓ ବିନୟ ଧରଙ୍କ ନେତୃତ୍ୱରେ ଗ୍ରାମବାସୀ ସହଯୋଗ କରିଥିଲେ । ଏତଦବ୍ୟତୀତ ଯାତ୍ରାରେ ପଡିଥିବା ମିନା ବଜାର ରେ ଦର୍ଶକଙ୍କ ଭିଡ଼ ଲାଗିଥିଲା । ଏଥି ସହିତ କଣିହାଁ ବ୍ଲକର ଡେରଙ୍ଗ , ହନୁମାନପୁର, ବିରଭୂଇଁ, ରେଙ୍ଗାଳି ଓ ଅନ୍ୟାନ୍ୟ ସ୍ଥାନରେ ଶ୍ରୀରାମ ନବମୀ ମହା ସମାରୋହରେ ପାଳିତ ହୋଇଯାଇଛି ।

### ମା' ହିଙ୍ଗୁଳାଙ୍କ ବାର୍ଷିକୋତ୍ସବ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହର ଉପକଣ୍ଠ ସିମିଳିଆ ଗ୍ରାମ ୱାର୍ଡ ନଂ-୧୯ ଠାରେ ମା' ହିଙ୍ଗୁଳା ଦେବୀଙ୍କର ନବମ ବାର୍ଷିକ ଉତ୍ସବର ପୂର୍ଣ୍ଣାହୁତ ମହାଆଡମ୍ବର ସହ ପାଳନ କରାଯାଇଅଛି । ଗତ ୧୫ ତାରିଖରୁ ତିନିଦିନ ଧରି ଅଦ୍ୟ ୧୭ ତାରିଖରେ ପୂର୍ଣ୍ଣାହୁତି ସହିତ ପ୍ରସାଦସେବନ ଅୟୋଜନ କରାଯାଇଥିଲା । ପ୍ରତ୍ୟେକ ଦିନ ମା'ଙ୍କର ସୂର୍ଯ୍ୟପୂଜା, ଗୋ-ପୂଜା, ଚଣ୍ଡୀପାଠ, ଷୋଡଶଉପଚାର ପୂଜା, ସପ୍ତଚଣ୍ଡୀ ଆହୁତି, ବିଭିନ୍ନ ଭୋଗ, ଫଳ, ପଣା ଇତ୍ୟାଦି ଲାଗି କରାଯାଉଥିଲା । ପୂଜକ ରୁଦ୍ରନାରାୟଣ କବିଶତପଥୀ, କର୍ତା ପ୍ରଭାତ କୁମାର ବେହେରା ଓ ଲିପିକା ବେହେରା, ସଭାପତି ମୋତିଲାଲ୍ ସାହୁ, ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ, କୋଷାଧକ୍ଷ ରାଧୁଚରଣ ବେହେରା ଏବଂ କର୍ମକର୍ତା ଲିଙ୍ଗରାଜ ପାତ୍ର, କାର୍ତିକ ବେହେରା, ଚନ୍ଦନ ବେହେରା, ବିଷ୍ଣୁଚରଣ ସାହୁ ପ୍ରମୁଖଙ୍କ ସହିତ ସାହିବାସୀନ୍ଦାଙ୍କ ସହଯୋଗରେ ଉକ୍ତ ବାର୍ଷିକ ଉତ୍ସବ ସମାପନ ହୋଇଥିଲା ।

## ପତ୍ନୀକୁ ମାଡ଼ମାରି ଗିରଫ

ତାଳଚେର, (ସବ୍ୟୁ): ତାଳଚେର ଥାନା ପୌରପରିଷଦ ଅନ୍ତର୍ଗତ ବାଘୁଆବୋଲ ଗ୍ରାମର ମାଧବ ଚନ୍ଦ୍ର ବେହେରା (୩୯) ଧର୍ମପତ୍ନୀକୁ ବାରମ୍ବାର ଯୌତୁକ ଦାବିକରି ମାନସିକ ଓ ଶାରିରୀକ ନିର୍ଯ୍ୟାତନା ଦେଇ ଆସୁଥିଲେ। ମାତ୍ର ଗତକାଲି ପ୍ରଚୁର ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଧର୍ମପତ୍ନୀଙ୍କୁ ନିସ୍ଟୁକ ମାଡ଼ ମାରିବାରୁ ପତ୍ନୀ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ଘଟଣାର ତଦନ୍ତକରି ତାଙ୍କ ସ୍ୱାମୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ମହିଳା ମହାବିଦ୍ୟାଳୟ କର୍ମଚାରୀଙ୍କ ଅକାଳ ବିୟୋଗ

କାମାକ୍ଷାନଗର, (ସବ୍ୟୁ): କାମାକ୍ଷାନଗର ମହିଳା ମହାବିଦ୍ୟାଳୟ ର କର୍ମଚାରୀ ସଚଳା ଦେହୁରୀ ଙ୍କ ଅକାଳ ବିୟୋଗ ଘଟିଛି । କାମାକ୍ଷାନଗର ଏନଏସି ଅନ୍ତର୍ଗତ ରେକୁଳା ସ୍ଥିତ ବାସଭବନ ରେ ତାଙ୍କର ବିୟୋଗ ହୋଇଯାଇଛି । ଦୀର୍ଘ ଦିନ ଧରି ସଚଳା କାମାକ୍ଷାନଗର ମହିଳା ମହାବିଦ୍ୟାଳୟ ଠାରେ କାର୍ଯ୍ୟ କରି ଆସୁଥିଲେ । ସେ ଜଣେ ଛାତ୍ର ବତ୍ସଳ, କର୍ମ ତତ୍ପର, ଓ କର୍ମଠ କର୍ମଚାରୀ ଭାବେ ବେଶ ସୁନାମ ଅର୍ଜନ କରିଥିଲେ । ତାଙ୍କର ଅକାଳ ବିୟୋଗ ଖବର ପାଇ କାମାକ୍ଷାନଗର ବିଧାୟକ ପ୍ରଫୁଲ୍ଲ ମଲ୍ଲିକ, ଏନଏସି ଅଧକ୍ଷ ଧର୍ମାନନ୍ଦ ପରିଡା, ମହିଳା ନେତ୍ରୀ ରଞ୍ଜିତା ବେହେରା ପ୍ରମୁଖ ତାଙ୍କ ବାସଭବନ ରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ ।

## ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ସାଉଥବଲଣ୍ଡା, (ସବ୍ୟୁ): ପବିତ୍ର ଶ୍ରୀରାମ ନବମୀ ଅବସରରେ ରାମଦୂତ ୟୁଥ କ୍ଲବର ସଦସ୍ୟଗଣ ସଭାପତି ଆୟୁଷ୍ମାନ ଥମ୍ବଙ୍କ ତତ୍ତ୍ୱାବଧାନରେ ଆଜି ନାଲକୋ ସ୍ଥିତ ନବ ଜୀବନ ବାଳାଶ୍ରମ ଏବଂ ବଳରାମ ପ୍ରସାଦ ସ୍ଥିତ ଅନ୍ଧ ମୁକ ବଧିର ବିଦ୍ୟାଳୟ ପରିଦର୍ଶନ କରି ଦିବ୍ୟାଙ୍ଗ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ପ୍ରଦାନ କରିବା ସହ କିଛି ସମୟ ବିତାଇ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ରାମଦୂତ ୟୁଥ କ୍ଲବର ସଦସ୍ୟ ସାତ୍ତ୍ୱିକ ଅନିରୁଦ୍ଧ,ରିପୁନ ସାହୁ,ସମରେଶ ଦାସ,ସତ୍ୟଜିତ ନାଥ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପିଲାମାନଙ୍କର ଏଭଳି ନିଆରା କାର୍ଯ୍ୟକୁ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

## ବାଇକ ଜବତ, ଜଣେ ଗିରଫ

ଠାକୁରଗଡ଼, (ସବ୍ୟୁ): ଠାକୁରଗଡ଼ ପୋଲିସ ବୁଧବାର ରାତିରେ ଠାକୁରଗଡ଼ ଅଞ୍ଚଳ ରେ ଯାଞ୍ଚ କରୁଥିବା ବେଳେ ମଦ୍ୟ ପାନ କରି ବାଇକ ଚଳାଉଥିବା ଅଭିଯୋଗ ରେ ଠାକୁରଗଡ଼ ଅଞ୍ଚଳ ର ରାଜକିଶୋର ବେହେରାଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ଠାରୁ ବାଇକ ଜବତ କରାଯାଇଛି । ସେ ମଦ୍ୟପାନ କରି ବାଇକ ଚଲାଉଥିବା ବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା । ଏ ନେଇ ନମ୍ବର ୯୫/୨୪ ରେ ଏକ ମାମଲା ରୁଜୁ କରାଯାଇଛି ।

## ଘରେପଶି ମାଡ଼, ମାମଲା ରୁଜୁ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ସୋଲଣ୍ଡା ଗ୍ରାମ ର ପ୍ରମୋଦ ପ୍ରଧାନ ଓ ତାଙ୍କ ୨ ଝିଅ କୁ ଙ୍କୁ ତାଙ୍କ ଭାଇ ପ୍ରଫୁଲ୍ଲ ପ୍ରଧାନ ପଶି ମାଡ଼ ମାରିଥିବା ପ୍ରମୋଦ ବୁଧବାର ଦିନ ହଣ୍ଡପା ଥାନା ରେ ଅଭିଯୋଗ କରିଛନ୍ତି । ଏ ନେଇ ପୋଲିସ ତାଙ୍କ ଅଭିଯୋଗ କୁ ଭିତ୍ତି କରି ନମ୍ବର ୧୫୪/୨୪ ରେ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି ଯେ ସେ ଓ ତାଙ୍କ ସ୍ତ୍ରୀ, ଝିଅ ମାନେ ଘରେ ଥିବା ବେଳେ ପ୍ରଫୁଲ୍ଲ କୌଣସି କାମ ନ ଥାଇ ଘର କୁ ଆସିବା ପରେ ପ୍ରଥମେ ପ୍ରମୋଦଙ୍କ ପତ୍ନୀଙ୍କୁ ଗାଳି ଗୁଜଳ କରିଥିଲେ । ଏଥିରେ ପ୍ରମୋଦ ପ୍ରତିବାଦ କରିବାରୁ ତାଙ୍କୁ ଓ ତାଙ୍କ ଝିଅ ମାନ ଙ୍କୁ ପ୍ରଫୁଲ୍ଲ ମାଡ଼ ମାରିବା ସହ ଗାଳି ଗୁଲଜ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ।

## ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ




ଅନୁଗୁଳ, (ସବ୍ୟୁ): ସ୍ଥାନୀୟ କ୍ରୀକେଟ୍ କେଫେ ଠାରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଅନୁଗୋଳ ଶାଖାର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ଆଗାମୀ ୨୦୨୪-୨୬ବର୍ଷ ପାଇ ନୂତନ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ଙ୍କର ଶପଥ ସମାରୋହ ପାଳନ ହୋଇଯାଇଛି । ଆଗାମୀ ଦୁଇ ବର୍ଷର କାର୍ଯ୍ୟକାଳ ପାଇଁ ଅଧକ୍ଷ ଭାବରେ ରମେଶ ଶାହା , ସଚିବ ଭାବେ ଜିତେନ୍ଦ୍ର ତୁଳସିୟାନ୍ ,ଉପାଧକ୍ଷ ଗୋପାଳ ଅଗ୍ରୱାଲା ଏବଂ କୋଷାଧକ୍ଷ ଭାବେ ରାଜେନ୍ଦ୍ର ଅଗ୍ରୱାଲାଙ୍କୁ ମନୋନୀତ କରାଯାଇଛି । ପ୍ରାନ୍ତୀୟ ଉପାଧକ୍ଷ ପୁରୁଷୋତ୍ତମ ଅଗ୍ରୱାଲା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ନନ୍ଦଲାଲ ଅଗ୍ରୱଲ ସଭାକୁ ପରିଚାଳନା କରିଥିଲେ ଏବଂ ଉକ୍ତ ସଭାରେ ଅନୁଗୋଳ ନଗରର ବୁଦ୍ଧିଜୀବୀ ତଥା ସମ୍ମିଳନୀ ର ସଦସ୍ୟଗଣ ମହାବୀର ଅଗ୍ରାଲ,କିଶୋରୀ ଲାଲ ସରଲିୟା, ଅଶୋକ କୁମାର ମୁରାରକା, ନଟବର ଅଗ୍ରୱାଲ, ଲଡୁକିଶୋର ଅଗ୍ରୱଲ, ମାଲଚନ୍ଦ ରାଠୀ, ପ୍ରମୋଦ ମୋଦୀ, ଚନ୍ଦନ ଅଗ୍ରୱଲା,ଚତ୍ରୁଭୁଜ ଗୋଏଲ୍,ନିର୍ମଳ ଅଗ୍ରୱଲା,ପନ ଅଗ୍ରବାଲ।,ଅଶୋକ ଅଗ୍ରବାଲା,ଅଶୋକ ଗୋଏଲଓ ଭୂରୀୟା ଅଗ୍ରବାଲା ପ୍ରମୁଖ ଉପସ୍ଥିତ ଥିଲେ । ଶପଥ ପାଠ ପରେ ନବ ନିର୍ବାଚିତ ସଭାପତି ରମେଶ ସାହା କହିଥିଲେ କି କୋରୋନା ପାଇଁ ବନ୍ଦ୍ ହୋଇ ଯାଇଥିବା ସାମୁହିକ ବିବାହ କାର୍ଯ୍ୟକ୍ରମ ପୁନଃ ଚାଲୁ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ରହିବ । ତେଣୁ ସବୁ ସଦସ୍ୟ ମାନଙ୍କ ର ସହଯୋଗ ର କାମନା କରିଥିଲେ । ଶେଷରେ ଶ୍ରୀ ରୋହିତ ଲିହାଲା ଧନ୍ୟବାଦ୍ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

### ସାଇଧାମର ବାର୍ଷିକୋତ୍ସବ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହର ମୀନା ବଜାର କୁମ୍ଭାର ସାହି ଠାରେ ପବିତ୍ର ରାମନବମୀ ଉପଲକ୍ଷେ ସାଇଧାମର ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଗତ ୧୬ ତାରିଖରେ ପାଦୁକା ସହ ସହର ପରିକ୍ରମା କରାଯାଇଥିଲା । ୧୭ ତାରିଖ ସକାଳ ୬ ଘଟିକାରେ କଳସଯାତ୍ରା, ୧୧ ଘଟିକାରେ ମହାଯଜ୍ଞ, ସଂଧ୍ୟା ୫ ଘଟିକା ସମୟରେ ପାଲିଙ୍କି ଯାତ୍ରା ସହ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜିତ ହୋଇ ବାଦ୍ୟ ଓ ଗଉଡବାଡି ଖେଳ ଦ୍ୱାରା ସହର ପରିକ୍ରମା ପରେ ପ୍ରସାଦସେବନ କରାଯାଇଥିଲା । କାର୍ଯ୍ୟକ୍ରମର ଉପଦେଷ୍ଟା ବବିତା ବେହେରା, ବସନ୍ତ ସ୍ୱାଇଁ ଓ ମାମୁନୀ ସେଠୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଭୁବନ ବିଜେଡି ପକ୍ଷରୁ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ



ଭୁବନ, (ସବ୍ୟୁ): ଭୁବନ ବିଜେଡି ତରଫରୁ ସ୍ଥାନୀୟ ବାଟ ତାରିଣୀ ମନ୍ଦିର ନିକଟସ୍ଥ ଦଳୀୟ କାର୍ଯ୍ୟାଳୟ ଠାରେ ମହାନ୍ ଜନନାୟକ,ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୨୭ ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ବ୍ଲକ ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ସାହୁ ଏବଂ ଏନ୍ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁ ବାବୁ ଙ୍କ କର୍ମମୟ ଜୀବନ ଏବଂ ଓଡ଼ିଶା ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ, ଏନ୍ ଏ ସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ବକ୍ତବ୍ୟ ରଖି ବିଜୁ ବାବୁ ଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । ପରେ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ମୋଟର ସାଇକେଲରେ ଏକ ବିଶାଳ ରାଲି ସହର ପରିକ୍ରମା କରି ବୁଦ୍ଧେଶ୍ୱର ମନ୍ଦିର ରେ ପହଞ୍ଚି ୧୦୮ ଦୀପ ଜାଳିଥିଲେ । ଏହି ଅବସରରେ ବିଭିନ୍ନ ଦଳରୁ ୫ ଜଣ ବରିଷ୍ଠ ବ୍ୟକ୍ତି ବିଜେଡି ରେ ସାମିଲ ହୋଇଥିଲେ । ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ ।

## ଗାୟତ୍ରୀ ଶକ୍ତିପୀଠରେ ଚୈତ୍ର ନବରାତ୍ର ଉତ୍ସବ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହର କୈବଲ୍ୟ ବଜାର ଶକ୍ତିପୀଠ ଠାରେ ୯ଦିନ ବ୍ୟାପି ଚୈତ୍ର ନବରାତ୍ର ଉତ୍ସବର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଗାୟତ୍ରୀ ପରିବାରର ସମସ୍ତ ପରିବାର ଯୋଗଦାନ କରି ମା'ଙ୍କର ଆଶୀର୍ବାଦନ ଗ୍ରହଣ କରି ପ୍ରସାଦସେବନ କରିଥିଲେ । ଏହି ପୂଜାକୁ ଶିବପ୍ରସାଦ ଶତପଥୀ, ସନ୍ତୋଷ କୁମାର ଅଗ୍ରୱାଲ, ଦେବରାଜ ସାହୁ, ଗୋପୀ ବାବୁ, ବସନ୍ତ ମଞ୍ଜରୀ ମିଶ୍ର ମୁଖ୍ୟ ସହଯୋଗୀ ଥିଲେ ।

## ସାପ୍ତାହିକ ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ରଞ୍ଜାଗୋଳସ୍ଥିତ ସର୍ବପ୍ରାଚୀନ ବ୍ରହ୍ମଚାରୀ ଧ୍ୱନୀଘର ମଠ ପ୍ରାଙ୍ଗଣରେ ମଠାଧୀଶ ମାଧବାନନ୍ଦ ଦାସ ମହାରାଜଙ୍କ ପୌରାହିତ୍ୟରେ ସାପ୍ତାହିକ ଶ୍ରୀମଦ ଭାଗବତ ପାରାୟଣ ଓ ଅଷ୍ଟପ୍ରହର ନାମଯଜ୍ଞ ଆନନ୍ଦ ସହକାରେ ସମ୍ପାଦିତ ହୋଇଛି। କାର୍ଯ୍ୟସୂଚୀ ଅନୁଯାଇ ୯ ତାରିଖ ଦିନ ପ୍ରତ୍ୟୁଷରେ ମଠ ସନ୍ନିକଟ ପଦ୍ମ ପୋଖରୀ ଠାରେ ବୈଦିକ ରୀତିରେ ବ୍ରାହ୍ମଣଙ୍କ ଦ୍ୱାରା ସୂର୍ଯ୍ୟ ପୂଜା, ଗୋ ପୂଜା, କଳସ ଯାତ୍ରା, ଅଙ୍କୁରାରୋପଣ, ଘଟସ୍ଥାପନ ଓ ଯଜ୍ଞାରମ୍ଭ କରାଯାଇଥିଲା ଓ ୧୦ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ କମିଟି ସଦସ୍ୟ ମଙ୍ଗରାଜ ପ୍ରଧାନଙ୍କ ମଞ୍ଚ ସଂଯୋଜନା ଓ ସଦାନନ୍ଦ ଦେହୁରୀ (ପରୀକ୍ଷିତ ମହାରାଜ)ଙ୍କ ଉପସ୍ଥିତିରେ କେନ୍ଦ୍ରାପଡ଼ାର ଭୂପତି ମହାରାଜ ପ୍ରବାଚକ ରୂପେ ଯୋଗଦେଇ ପ୍ରବଚନ ମାଧ୍ୟମରେ ଭାଗବତର ଅମୀୟରସକୁ ପ୍ରଦାନ କରିଥିଲେ । ମଠର ଅନ୍ୟତମ ମହନ୍ତ ବୃନ୍ଦାବନ ଦାସ ଓ ପାରାୟଣ କମିଟିର ସଭାପତି ବାସୁଦେବ ପ୍ରଧାନଙ୍କ ପରିଚାଳନାରେ ୧୭ ତାରିଖ ଦିନ ଅଷ୍ଟପ୍ରହର ନାମଯଜ୍ଞ, କର୍ତ୍ତା ବିଶ୍ୱରଂଜନ (ଜନ୍ମେଜୟ ରାଜା)ଙ୍କ ଉପସ୍ଥିତିରେ ଯଜ୍ଞର ପୂର୍ଣ୍ଣାହୁତି ଓ ଆନନ୍ଦ ବଜାର କରାଯାଇଥିଲା ।

### ଖାଦ୍ୟ ବଣ୍ଟନ

ତାଳଚେର, (ସବ୍ୟୁ): ପବିତ୍ର ଶ୍ରୀରାମ ନବମୀ ଅବସରରେ ରାମଦୂତ ୟୁଥ କ୍ଲବର ସଦସ୍ୟଗଣ ସଭାପତି ଆୟୁଷ୍ମାନ ଥମ୍ବଙ୍କ ତତ୍ତ୍ୱାବଧାନରେ ଆଜି ନାଲକୋ ସ୍ଥିତ ନବ ଜୀବନ ବାଳାଶ୍ରମ ଏବଂ ବଳରାମ ପ୍ରସାଦ ସ୍ଥିତ ଅନ୍ଧ ମୁକ ବଧିର ବିଦ୍ୟାଳୟ ପରିଦର୍ଶନ କରି ଦିବ୍ୟାଙ୍ଗ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ଓ ପାନୀୟ ପ୍ରଦାନ କରିବା ସହ କିଛି ସମୟ ବିତାଇ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଦୂତ ୟୁଥ କ୍ଲବର ସଦସ୍ୟ ସାତ୍ତ୍ୱିକ ଅନିରୁଦ୍ଧ, ସମରେଶ ଦାସ, ସତ୍ୟଜିତ ନାଥ, ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିଜୁବାବୁଙ୍କ ତିରୋଧାନ ଦିବସ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହରରେ ବିଜୁ ବାବୁଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ପ୍ରତିଷ୍ଠାତା ତଥା ସାଂସଦ ମହେଶ ସାହୁ ବିଜୁ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାଂସଦ ଶ୍ରୀ ସାହୁ ଏବଂ କର୍ମକର୍ତାମାନେ ସହରର ରଥଗଡାସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଏହି ଅବସରରେ ଆମ ପ୍ରତିଭା ଆମ ସମ୍ମାନର ସଭାପତି ପ୍ରୟିରଞ୍ଜନ ମାହୁନ୍ତଙ୍କ ଅଧକ୍ଷତାରେ ସଂଗଠନର କାର୍ଯ୍ୟାଳୟରୁ କର୍ମକର୍ତାମାନେ ଏକ ମୋଟର ସାଇକେଲ୍ ଶୋଭାଯାତ୍ରାରେ ପ୍ରତିମୂର୍ତୀ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ବିଜୁ ବାବୁଙ୍କ ଓଡିଶା ପ୍ରତି ଅବଦାନ ସଂପର୍କରେ ସ୍ମୃତିଚାରଣ କରାଯାଇଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ ନେତା ପ୍ରତାପ ଦାସ, ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ, କୋଷାଧକ୍ଷ ରୁଦ୍ରାନ୍ତ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ ।

## ବିଦ୍ୟୁତ୍ ଖୁଣ୍ଟପୋତାକୁ ନେଇ ଅସନ୍ତୋଷ, ରାସ୍ତାକାମ ବିଳମ୍ବ



ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ରାସ୍ତା କାମ ବିଳମ୍ବ କୁ ନେଇ ବଢୁଛି ଅସନ୍ତୋଷ । ମନ୍ଥର ଗତିରେ କାମ କରାଯାଉଥିବା ଯୋଗୁଁ ଅଞ୍ଚଳବାସୀ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି । ବିଶେଷ କରି ବଇଣ୍ଡା ଠାରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ଚାଲିଥିଲେ ମଧ୍ୟ ବହୁ ବିଳମ୍ବ ହେଉଥିବା ରୁ ଅଞ୍ଚଳ ର ବିକାଶ ହୋଇ ପାରୁନାହି । ଓଭର ବ୍ରିଜ ର ଦୁଇ ପାର୍ଶ୍ୱ ରେ ରେ ବିଦ୍ୟୁତ ତାର ପାଇଁ ଖୁଣ୍ଟ ପୋତା ଯାଇଥିବା ବେଳେ ଅନେକ ଖୁଣ୍ଟ ଡ୍ରେନ ମଝିର ପୋତା ଯାଇଥିବା ଯୋଗୁଁ ତାର ଗୁଡିକ ନୂତନ ବିଦ୍ୟୁତ ଖୁଣ୍ଟ କୁ ସ୍ଥାନାନ୍ତର କରାଯାଇପାରୁନାହି । ଯାହା ଫଳରେ ରାସ୍ତା କାମ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି । ଏ ନେଇ ଅଞ୍ଚଳବାସୀ ବୁଧବାର ଦିନ ଅନୁଗୋଳ ଜିଲ୍ଲାପାଳ ଙ୍କ ଠାରେ ଏକ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ କଟକ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ର ୪ ଲେନ ରାସ୍ତା କାମ ଚାଲୁରହିଛି । ଜାମୁନାଳୀ ଠାରୁ ଭାଙ୍ଗମୁଣ୍ଡା ପର୍ଯନ୍ତ ରାସ୍ତା କାମ ୭୦ ପ୍ରତିଶତ ସରଯାଇଥିବା ବେଳେ ଅନେକ ସ୍ଥାନ ରେ ଡ୍ରେନ କାମ ସରିନଥିବା ବେଳେ ବିଦ୍ୟୁତତାର ଟଣା କାମ ସରିନଥିବା ଯୋଗୁଁ ରାସ୍ତା କାମ ବିଳମ୍ବ ହେଉଛି । ବଇଣ୍ଡା ଅଞ୍ଚଳ ରେ ଅନେକ ବିଦ୍ୟୁତ ଖୁଣ୍ଟ ଡ୍ରେନ ରେ ପୋତା ଯାଇଥିବା ବେଳେ ସମସ୍ୟା ଦେଖାଯାଇଥିବା ବେଳେ ରାସ୍ତା ଉପରେ ଥିବା ଖୁଣ୍ଟ ଓ ଟ୍ରାନ୍ସଫର୍ମର ଗୁଡିକ ଅନ୍ୟତ୍ର ସ୍ଥା । ନା । ନ୍ତର କରାଯାଉନଥିବା ରୁ ରାସ୍ତା କାମ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହି । ୨୦୧୮ ମସିହାରୁ ବଇଣ୍ଡା ଅଞ୍ଚଳ ରେ ଉଚ୍ଛେଦ କାମ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା କାମ ସମାପ୍ତ ହୋଇପାରୁନାହି । ବଇଣ୍ଡା ଅଞ୍ଚଳରେ ହେଉଥିବା ଫ୍ଲାଏ ଓଭର ବ୍ରିଜ କାମ ୩୦ ପ୍ରତିଶତ ସରିଥିବା ବେଳେ ବିଳମ୍ବ କୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହୋଇଛି । ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି -ଡ୍ରେନରେ ବିଦୁତ ଖୁଣ୍ଟ ପୋତା ହୋଇଥିବା ବେଳେ ଏହି ଖୁଣ୍ଟ ଗୁଡିକ ରେ ଲାଇନ ସଂଯୋଗ କରିବା ସମ୍ଭବ ପର ନୁହେ । ସମସ୍ତ ଖୁଣ୍ଟ ବଦଳାଇବା ପାଇଁ ଠିକାସଂସ୍ଥା କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

## ଭୁବନରେ ଶ୍ରୀରାମ ନବମୀ ପାଳିତ



ଭୁବନ, (ସବ୍ୟୁ): ଭୁବନ ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ରେ ଥିବା ଶ୍ରୀରାମ ମନ୍ଦିର ରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ନବମୀ ପୂଜା ( ଜନ୍ମୋତ୍ସବ) ଶ୍ରଦ୍ଧା ଭକ୍ତି ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ପ୍ରାତଃ ସମୟରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମାନସିକ ବ୍ରତ ଧାରି ମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଠିଆ ହୋଇ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ଆନୁକୁଲ୍ୟରେ ବଜରଙ୍ଗ ଦଳ,ଆର ଏସ ଏସ ,ବିଶ୍ୱହିନ୍ଦୁ ପରିଷଦ ତରଫରୁ ଏକ ବିଶାଳ ଶୋଭାଯାତ୍ରା ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ରାମ, ଲକ୍ଷ୍ମଣ, ସୀତା ବେଶ ଧାରୀ ଶିଶୁ ମାନେ ମୁଖ୍ୟ ଆକର୍ଷଣ ସାଜିଥିଲେ । ବାଜା, ବାଣ, ସଂକୀର୍ତ୍ତନ ଓ ଡିଜେ ମ୍ୟୁଜିକ ସାଙ୍ଗକୁ ଜୟ ଶ୍ରୀରାମ ନାରାବାଜି ରେ ସହର କମ୍ପିଥିଲା ।

# ନିର୍ଦ୍ଧୁମ ପିଟା ଖାଇଲା ବାଇକ୍ ଚୋର

ବେତନଟୀ , (ସବ୍ୟୁ) : ମିଳିଥିବା ସୂଚନା ଅନୁଯାଇ ବୁଧବାର ବିଳମ୍ବିତ ସନ୍ଧ୍ୟାରେ ପାଇକଯୁଗପୁରା ଗ୍ରାମର ପ୍ରଭାତ ସିଂହ ଦାହିବାଡି ସାପ୍ତାହିକ ହାଟକୁ ପରିବା କିଣିବାକୁ ଆସିଥିବାବେଳେ ରାସ୍ତା ପାର୍ଶ୍ୱରେ ନିଜର ଓଡି୦୧ଏଫ-୨୭୯୩ନଂ ମୋଟରସାଇକେଲଟିକୁ ରଖି ହାଟ ମଧ୍ୟକୁ ଯାଇଥିଲା । ହେଲେ ୧୦ମିନିଟ ପରେ ଆସି ଦେଖିବାକୁ ପାଇଥିଲା କି ରଖିଥିବା ସ୍ଥାନରେ ବାଇକଟି ନାହିଁ । ପରେ ଚାରିଆଡେ ଖୋଜାଖୋଜି କରିବା ସହିତ ନିଜ ସାଙ୍ଗ ସାଥିଙ୍କୁ ଖବର ଦେଇଥିଲା ପ୍ରଭାତ । ଗାଡି ଚୋରି ଖବର ପାଇ ପ୍ରଭାତଙ୍କ ଜଣେ ସମ୍ପର୍କୀୟ ଯତୀଶ ଦତ୍ତ ଦ୍ରୁତ ଗତିରେ ରୁପ୍ସା ପଟକୁ ଯାଉଥିବା ଗୋଟେ ବାଇକରେ ୨ଜଣ ଯୁବକଙ୍କ ପିଛା କରିଥିଲେ । ବାଛୁରୀପଡା ଛକ ନିକଟରେ ପଛ ପଟରୁ ଗାଡି ନମ୍ବର ଦେଖି ଜାଣି ପାରିଥିଲେ କି ସେଇଟା ହିଁ ତାଙ୍କ ଚୋରି ଗାଡି । ପରେ ଯତୀଶ



ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ବି ୨ଯୁବକ ତାଙ୍କୁ ମାଡ଼ ମାରି କ୍ଷତାକ୍ତ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଅନୁରୂପ ଭାବେ କିଛି ସମୟ ଅନ୍ତରାଳେ ଉକ୍ତ ହାଟରେ ରୁପ୍ସା ଅଞ୍ଚଳର ପରିବା ବ୍ୟବସାୟୀ ବିଦ୍ୟାଧର ବିଶ୍ୱାଳଙ୍କ ଓଡି୦୧ଏଟି – ୨୫୦୨ନଂ ବିଶିଷ୍ଟ ବାଇକ ଚୋରି କରୁଥିବାବେଳେ ଚୋରକୁ କାବୁ କରିନେଇଥିଲେ ସ୍ଥାନୀୟ ପରିବା ବ୍ୟବସାୟୀ ଓ ଖୁଣ୍ଟରେ ବାନ୍ଧି ର୍ନିଧୁମ ଛେଚି ଥିଲେ ।ପରେ ବୈଶିଙ୍ଗା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ଉଦ୍ଧାର କରି ଥାନାକୁ ନେଇ ଆସିଥିଲେ ।ପ୍ରାଥମିକ ତଦନ୍ତରୁ ଜଣାପଡିଛି କି ବାଇକ ଚୋରିରେ ଲିପ୍ତ ଯୁବକ ରେମୁଣା ଥାନା ଅଧୀନ ଗଣିପୁର ଅଞ୍ଚଳର ସେକ ସାଜନ । ଦୁଇ ଚୋରୀକୁ ଦେଖିଲେ ଉଭୟ ଚୋରିରେ ସମାନ ଗ୍ୟାଙ୍ଗର ଯୁବକ ସମ୍ପୃକ୍ତ ଥିବା ଆକଳନ କରାଯାଉଛି। ବାଇକ ମାଲିକଙ୍କ ଲିଖିତ ଅଭିଯୋଗ ମୂଳେ ବୈଶିଙ୍ଗା ଥାନାରେ ୧୩୬/୨୪ ର ମାମଲା ମୂଳେ ଆଜି ସମ୍ପୃକ୍ତ ଯୁବକକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି । ଏହି ପରି ବାଇକ ଚୋରି ରେ ଲିପ୍ତ ଥିବା ଗ୍ୟାଙ୍ଗର ଖୁବ ଶୀଘ୍ର ପର୍ଦ୍ଦାଫାସ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

# ବିଭିନ୍ନ ସ୍ଥାନରେ ଚଇତି ଦୁର୍ଗାପୂଜା

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ମା' ବାସନ୍ତୀ ଦୁର୍ଗାଙ୍କ ଚଇତି ମହାନବମୀ ପୂଜା ବୁଧବାର ଅନୁଷ୍ଠିତ ହେଉଛି। ରବିବାର ବିଲ୍ୱାଧିବରଣ ସହ ଅଧିବାସ, ସୋମବାର ମହାସପ୍ତମୀ, ମଙ୍ଗଳବାର ମା'ଙ୍କ ମହାଷ୍ଟମୀ ଓ ବୁଧବାର ମହାନବମୀ ପୂଜା ଭଣ୍ଡାରି ପୋଖରୀ ବଜାର, କହରାପୋଖରୀ ଓ ବାରିକପୁର ଆଦି ସ୍ଥାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେଉଛି। ଭଣ୍ଡାରି ପୋଖରୀ ବସ୍ଷ୍ଟାଣ୍ଡ ମଣ୍ଡପରେ କାରିଗର ମହେନ୍ଦ୍ର ସାହୁଙ୍କ ଦ୍ୱାରା ଗଢାଯାଇଥିବା ମା' ଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ନରନାରାୟଣ ପଣ୍ଡା ଓ ସାଥୀ ବିଧିମତେ ପୂଜାକରୁଛନ୍ତି। ବିଷ୍ଣୁଚରଣ ଦାଶ ଓ ପତ୍ନୀ ମମତା କର୍ତ୍ତା ଓ କର୍ତ୍ତୀ ଭାବେ ସଙ୍କଳ୍ପ କରିଛନ୍ତି। ଗୁରୁବାର ଦଶହରା ପର୍ବ ପାଳନ ସହ ବିସର୍ଜନ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଭସାଣ ଅନୁଷ୍ଠିତ ହେବ। ସଂପୃକ୍ତ ମା'ବାସନ୍ତି ଦୁର୍ଗା କମିଟି ସଭାପତି ଅଖିଳ ବିହାରୀ ସାହୁ, ସମ୍ପାଦକ ସୁଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ପଣ୍ଡା, ପିଣ୍ଟୁ, ସଞ୍ଜୁ, ଲିଟୁ, ରାଜା ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନାରେ ସହାୟତା କରୁଛନ୍ତି। ସେହିପରି ବାରିକପୁର ମା' ବାସନ୍ତୀ ଦୁର୍ଗା ପୂଜା କଲେଜପଡିଆ ସ୍ଥାୟୀ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜକ ପୀତବାସ ପଣ୍ଡା ଓ ସାଥିଙ୍କ ଦ୍ୱାରା ପୂଜା ଅନୁଷ୍ଠିତ ହୋଇଛି। ୧୯୬୮ ମସିହାରୁ ପ୍ରତିବର୍ଷ ଏହି ମଣ୍ଡପରେ ମା' ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ବଜାରକମିଟି ସଭାପତି ପ୍ରଭାକର ପାତ୍ର ଓ ସମ୍ପାଦକ ଦିଲ୍ଲିପ ମହାନ୍ତି ଓ ବ୍ୟବସାୟୀଙ୍କ ପରିଚାଳନାରେ ଓ ସ୍ଥାନୀୟ ବଜାରର ବ୍ୟବସାୟୀ, ଆଖପାଖ ଗ୍ରାମବାସୀ, ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହେଉଛି। ଦଶହରା ପାଳନ ପରେ ମୃଣ୍ମୟୀ ମୂର୍ତ୍ତିକୁ ରେବ ନଦୀରେ ବିସର୍ଜନ ଦିଆଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ। ଶୁକ୍ରବାର ଓ ଶନିବାର ତପସ୍ୱିନୀ ଗଣନାଟ୍ୟ ଅପେରା ପକ୍ଷରୁ ଯାତ୍ରା ପରିବେଷଣ କରାଯିବ। ଅନୁରୂପ ଭାବେ ଭଣ୍ଡାରିପୋଖରୀର ଆଦ୍ୟ ବାସନ୍ତୀ ଦୁର୍ଗା ଭାବେ ପରିଚିତ କହରାପୋଖରୀଠାରେ ଦୀର୍ଘ ୭୯ ବର୍ଷ ହେବ ମା' ଙ୍କ ପୂଜା ପାଳିତ ହେଉଛି। କାରିଗର ମହେନ୍ଦ୍ର ସାହୁଙ୍କ ନିର୍ମିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିକୁ ପୂଜକ କାର୍ତ୍ତିକ ଚନ୍ଦ୍ର ପଣ୍ଡା ଓ ଗୋବର୍ଦ୍ଧନ ପଣ୍ଡାଙ୍କ ପୂଜା କରୁଛନ୍ତି। ଏହି ମଣ୍ଡପରେ ପ୍ରତ୍ୟହ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ଚାଲୁରହିଛି। ଏଠାରେ ମା'ଙ୍କ ପୂଜା ପାଇଁ ଚାନ୍ଦା ଆଦାୟ ନିଷିଦ୍ଧ କରାଯାଇ ମା'ଙ୍କ ନିଜସ୍ୱ ଆୟରୁ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥାଏ ବୋଲି ସଂପୃକ୍ତ କମିଟି ପକ୍ଷରୁ ପ୍ରକାଶ। ଏଂରେ ମଧ ଯାତ୍ରା ପରିବେଷଣ କରାଯିବ ବୋଲି ଜଣାଯାଇଛି। ଭରତ ଚନ୍ଦ୍ର ନାୟକ, କାହ୍ନୁଚରଣ ବେହେରା, ହରିହର ପାତ୍ର, ନାରାୟଣ ଚନ୍ଦ୍ର ପାତ୍ର, ପ୍ରମୁଖ ଗ୍ରାମବାସୀ ଏହି ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

# ମଦ ଜବତ : ୩ ଗିରଫ

ନୀଳଗିରି,(ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଅଣ୍ଟା ଭିଡ଼ିଛି ଅବକାରୀ ବିଭାଗ । ପ୍ରତ୍ୟେକଦିନ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ ବେପାରୀମାନଙ୍କୁ ଧରିବାରେ ସକ୍ଷମ ହୋଇଛି । ଏହି ଚଢଉ ଦେଖି ଛୋଟ ଛୋଟ ମଦବେପାରୀମାନେ ଛାନିଆ ହୋଇ ପଡ଼ିଥିବା ବେଳେ ବଡ଼ବଡ଼ ମଦମାଫିଆମାନେ ଖସିଯିବାରେ ସମର୍ଥ ହେଉଛନ୍ତି । ଗୁରୁବାର ଦିନ ନୀଳଗିରି ଅବକାରୀ ବିଭାଗ ବେଗୁନିଆ ପଞ୍ଚାୟତ କଲ୍ୟାଣୀ ଗ୍ରାମର ବାସିନ୍ଦା ଯୋଗେନ୍ଦ୍ର ସିଂଙ୍କ ଠାରୁ ୨୬ଲିଟର, ମଛୁଆ ପଞ୍ଚାୟତ ସାନକୋଶିଆପଦା ଗ୍ରାମର ଖଗେଶ୍ୱର ସିଂଙ୍କ ଠାରୁ ୨୪ ଲିଟର, ମହିଷାପଟା ପଞ୍ଚାୟତ ଗୁଜୁଡ଼ିହା ଗ୍ରାମର ନରହରି ବେହେରାଙ୍କ ଠାରୁ ୨୨ ଲିଟର ଏହିପରି ଭାବେ ୭୨ ଲିଟର ଦେଶୀମଦ ଜବଦ କରିଛି। ସମସ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ ମାମଲା ରୁଜୁପରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା,ଏଏସ୍ଆଇ ଜୟମାଧବ ପଟ୍ଟନାୟକ, ଦେବାଶିଷ ମଲ୍ଲିକ, ନାହାନ ମୁର୍ମୁ ପ୍ରମୁଖ ସାମିଲ ଥିଲେ ।



# ଜୁବୁଲି ପଣ୍ଡା ରସାଳପୁର ପଞ୍ଚାୟତ କଂଗ୍ରେସ ସଭାପତି

ବାଲେଶ୍ୱର,(ସବ୍ୟୁ) :ମଙ୍ଗଳବାର ଦିନ ସଦର ବ୍ଲକ, ରେମୁଣା ନିର୍ବାଚନ ମଣ୍ଡଳୀର ରସାଳପୁର ଠାରେ ଜାତୀୟ କଂଗ୍ରେସ ତରଫରୁ ୨୭ନମ୍ବର ଜୋନ୍ର ଏକ ସାଂଗଠନିକ ବୈଠକ ଜୋନ୍ ସଭାପତି ଯୁଗଳ ମହଲଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଦର ବ୍ଲକ କଂଗ୍ରେସ କମିଟିର ବ୍ଲକ ଉପସଭାପତି ଅନିରୁଦ୍ଧ ସେନାପତି ଅଧକ୍ଷତା କରିଥିଲେ । ଜିଲ୍ଲା କଂଗ୍ରେସ ଗଣମାଧମ ଓ ଯୋଗାଯୋଗ ବିଭାଗର ଅଧକ୍ଷ ବିକାଶ କୁମାର ଦାସ, ରସାଳପୁର କଂଗ୍ରେସ କମିଟିର ନୂତନ ସଭାପତି ଭାବେ ଜୁବୁଲି ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଉବୋଲି ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବକୁ ସେଠାରେ ଥିବା ସମସ୍ତ କର୍ମୀ ଓ ନେତାମାନେ ସମର୍ଥନ କରିବା ପରେ ସର୍ବ ସମ୍ମତିକ୍ରମେ ଜୁବୁଲି ପଣ୍ଡାଙ୍କୁ ରସାଳପୁର ପଞ୍ଚାୟତର କଂଗ୍ରେସ ସଭାପତି ଭାବେ ଘୋଷଣା କରାଯାଇଥିଲା । ଏହି ବୈଠକରେ ରେମୁଣା ନିର୍ବାଚନ ମଣ୍ଡଳୀ ବିଧାନସଭା ପ୍ରାର୍ଥୀ ସୁଦର୍ଶନ ଜେନା, ରେମୁଣା ବ୍ଲକ ସଭାପତି ତରୁଣ ଦାସ, ପ୍ରଦୀପ ଦାସ, ରାମନାରାୟଣ ଶତପଥି, ରବିନ୍ଦ୍ର ଘଡ଼େଇ ପ୍ରଫୁଲ୍ଲ ନାୟକ, କମଳା ନାୟକ, ପ୍ରକାଶ ମଲ୍ଲିକ, ରାଜେନ୍ଦ୍ର ପାତ୍ର, ଲକ୍ଷ୍ମୀନାରାୟଣ ଜେନା, ପ୍ରଶାନ୍ତ ପ୍ରଧାନ,ସଞ୍ଜୟ କୁମାର ମହଲ, ଅଜିତ ଦାସ, ସତ୍ୟନାରାୟଣ ସେଠୀ, ଜଗନ୍ନାଥ ବେହେରା, ମଲ୍ଲିକ ଜଲାଲ, ପରିତୋଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ ପାଳିତ

ବାଲେଶ୍ୱର, (ସବ୍ୟୁ) : ଐତିହ୍ୟ ସୁରକ୍ଷାକୁ ସ୍ୱତନ୍ତ୍ର ଦାୟିତ୍ୱ ଗ୍ରହଣ କରିବାର ବାର୍ତ୍ତାନେଇ ଅବିରତ ଭାବେ ସଚେତନଶୀଳ ଫକୀରମୋହନ ବିଶ୍ୱବିଦ୍ୟାଳୟ । ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରୟାସ ଦ୍ୱାରା ସ୍ନାତକୋତ୍ତର ପରିଷଦ ବୈଠକ କକ୍ଷରେ ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ନିଜର ପୂର୍ବ ପୁରୁଷମାନଙ୍କ ଅସ୍ତିତ୍ୱ, ଅବସ୍ଥିତି ଓ ବିଲୁପ୍ତ ଇତିହାସ ସମ୍ପର୍କରେ ଅନୁସନ୍ଧାନ କରିବାର ପ୍ରୟାସ କରିପାରିଲେ ବିଶେଷ ଉପକୃତ ହୋଇପାରିବେ । ନିଜର ଆଖପାଖ ଅଞ୍ଚଳରେ ଲୁକ୍କାୟିତ ଐତିହ୍ୟ ଅନୁସନ୍ଧାନର ଉତ୍ତରଦାୟିତ୍ୱ ବହନ କରିବାକୁ ଉପଦେଶ ଦେଇ ଏହାର ରହସ୍ୟକୁ ଗବେଷଣା ମାଧ୍ୟମରେ ଲୋକଲୋଚନକୁ ଆଣିବା ଏବଂ ଏଥିପ୍ରତି ଅନୁସନ୍ଧିତ୍ସୁ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।ମୁଖ୍ୟ ବକ୍ତାଭାବେ ପ୍ରଫେସର ସୁନୀଲ ପଟ୍ଟନାୟକ ଯୋଗଦେଇ ଐତିହ୍ୟ ସୁରକ୍ଷାକୁ ଏକ ସାମୁହିକ ଦାୟିତ୍ୱଭାବେ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସମେତ ପ୍ରଫେସର ଡକ୍ଟର ପବିତ ମୋହନ ନାୟକ, ଡକ୍ଟର ଶୀଖାଶ୍ରୀ ରାୟ ପ୍ରମୁଖ ବିଶ୍ୱ ଐତିହ୍ୟ ଦିବସ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଐତିହ୍ୟ ସଂରକ୍ଷଣର ସଚେତନତା ଧର୍ମୀ କ୍ଷୁଦ୍ର ନାଟକ ପରିବେଷଣ କରାଯାଇ ଥିଲା । ଏଥିସହ ବିଭାଗ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲାସ୍ଥିତ ଏକ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ବାଥୁଡ଼ି ଜନଜାତିଙ୍କୁ ପରିଦର୍ଶନ ସହ ସେମାନଙ୍କ ଜୀବନଯାପନ ସମ୍ପର୍କିତ ଏକ ଅଡ଼ିଓ ଭିଜୁଆଲ ସୁଚିତ ଡକ୍ୟୁମେଣ୍ଟାରୀ ଉପସ୍ଥାପିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଡକ୍ଟର ଶିଖାଶ୍ରୀ ରାୟ ପରିଚାଳନା କରିଥିବା ବେଳେ ଡକ୍ଟର ସୌମୀସେନ୍ ଗୁପ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାହାଲ ରାଜ ପରିବାର ପକ୍ଷରୁ ରାମନବମୀ ଉତ୍ସବ

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ମାହାଲ ରାଜପରିବାର ପକ୍ଷରୁ ରାମନବମୀ ଉତ୍ସବ ଯଥାରୀତିରେ ପାଳିତ ହୋଇଯାଇଛି। ଆରାଧ୍ୟ ଦେବତା ଶ୍ରୀରଘୁନାଥ ଜୀଉ ଓ ଶ୍ରୀ ଅନନ୍ତ ମାଧବ ଜୀଉଙ୍କ ଏହି ଉତ୍ସବ ଦେଖିବାକୁ ପ୍ରତି ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ରାଜପରିବାର ପକ୍ଷରୁ ପ୍ରସାଦସେବନ ଓ ପାନୀୟଜଳର ସୁବ୍ୟବସ୍ଥା ହୋଇଥିଲା। ଭଜନ,କୀର୍ତ୍ତନ,ପ୍ରବଚନ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଏହି ପରିବାରର ଉତ୍ତରାଧିକାରୀ ତଥା ଆଗରପଡ଼ା ଗାନ୍ଧୀ ଭାବେ ପରିଚିତ ରାମନାରାୟଣ ରାୟ ଓ ତାଙ୍କର ସୁପୁତ୍ର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନ, ହାଇକୋର୍ଟ ଆଡ଼ଭୋକେଟ ମନୋଜ, କଲ୍ୟାଣୀ ବିଲଡର୍ସ ଅନ୍ୟତମ ସତ୍ତ୍ୱାଧିକାରୀ ତାପସ, ନୃସିଂହ, ମାନସ ପ୍ରମୁଖ ତିନିଦିନ ବ୍ୟାପୀ ଏହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ପତ୍ନୀଙ୍କୁ ହତ୍ୟା ଧମକ

ଭଣ୍ଡାରିପୋଖରୀ,।(ସବ୍ୟୁ):ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ସାତଶୋଳା ଗ୍ରାମର ମାନସୀ ଦେହୁଙ୍କୁ ସ୍ୱାମୀ ବିକ୍ରମ ନିଶାଶକ୍ତ ଅବସ୍ଥାରେ ମରଣାନ୍ତକ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ମାନସୀଙ୍କ ବାପଘର ଧୂଳିଗଡିଆ ଗ୍ରାମରେ। ସେ ଗତ ୧୦ ବର୍ଷ ପୂର୍ବେ ବିକ୍ରମକୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ବିକ୍ରମ ମଦ୍ୟପାନ କରି ପତ୍ନୀଙ୍କୁ ମାରଧର କରୁଥିଲେ। ତାଙ୍କର ଗୋଟିଏ ପୁଅ ଓ ଝିଅ ଅଛନ୍ତି। ଗତ ମଙ୍ଗଳବାର ବିକ୍ରମ ବର୍ବର ଭାବେ ଆକ୍ରମଣ କରିବାରୁ ମାନସୀ ଫାର୍ଡିରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ୧୬୭/୨୪ନଂ ମାମଲା ବିକ୍ରମ ନାମରେ ରୁଜୁ ହୋଇଥିବା ଜଣାଯାଇଛି।

# ମାଛ ଧରିବା ଅଭିଯୋଗରେ ଆକ୍ରମଣ

ଭଣ୍ଡାରିପୋଖରୀ,(ସବ୍ୟୁ):ଏହି ଥାନା ଅନ୍ତର୍ଗତ ରଣଜିତ ପଞ୍ଚାୟତ ସିମୁଳିଆ ଗ୍ରାମର ଶ୍ରୀନିବାସ ରାଉତଙ୍କ ପତ୍ନୀ ରଜନୀରାଣୀଙ୍କୁ ପଡୋଶୀମାନେ ପୋଖରୀରୁ ମାଛ ଧରିବା ଦୋଷାରୋପ କରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପଡୋଶୀ ହରେକୃଷ୍ଣ ରାଉତ, ବିଜୟ କୁମାର ରାଉତ ଓ ପପି ରାଉତ ମିଳିତ ଭାବେ ଗତ ବୁଧବାର ଦିନ ପ୍ରାୟ ୨.୩୦ମି ସମୟରେ ରଜନୀ ଘର ସମ୍ମୁଖକୁ ଯାଇ ସେମାନଙ୍କ ପୋଖରୀରୁ ରଜନୀ ମାଛ ଧରିବା କାରଣ ପଚାରିଥିଲେ। ରଜନୀ ନାହିଁ କରିବାରୁ ଅଭିଯୁକ୍ତମାନେ ଗାଳିଗୁଲଜ କରିବା ସହ ଟଣାଘେଷେଣା କରିଥିଲେ ବୋଲି ରଜନୀ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଥାନାରେ ୧୬୮/୨୪ନଂ ମାମଲା ୩ଜଣଙ୍କ ନାମରେ ରୁଜୁ ହୋଇଥିବା ଜଣାଯାଇଛି।

# ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଉଦ୍ୟାପିତ

ଭଦ୍ରକ,(ସବ୍ୟୁ):ଭଦ୍ରକ ଶ୍ରୀଲୋକନାଥ ମନ୍ଦିର ପରିସରରେ ଚିନ୍ତା ଚେତନା ଆଧାତ୍ମିକ ପରିଷଦ ଆନୁକୁଲ୍ୟରେ ଅନୁଷ୍ଠିତ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ତା ୦୮.୦୪.୨୦୨୪ରିଖି ଠାରୁ ଆରମ୍ଭ ହୋଇ ପବିତ୍ର ଶ୍ରୀରାମ ନବମୀ ଦିନ ଯଜ୍ଞ ପୂର୍ଣ୍ଣାହୁତି ସଂପନ୍ନ ହୋଇଯାଇଛି। ଏହି ପ୍ରବଚନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଯଥାକ୍ରମେ ସନ୍ଥ ଅଯୋଧା ଦାସ ମହାରାଜ, ଅଧାପକ ଡ. ପ୍ରମୋଦ କୁମାର ଦାଶ ଓ ପ୍ରାଧାପକ ଡ. ଗୁରୁପ୍ରସାଦ ମହାପାତ୍ର। ଏହି ଅବସରରେ ପରିଷଦର ସଭାପତି ବିଶିଷ୍ଟ ଶିଶୁ ସାହିତ୍ୟିକ ହରମୋହନ କୁଅଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ଭାସ୍କର ଚନ୍ଦ୍ର ବିଶ୍ୱାଳ ଓ କାଶୀନାଥ ସାହୁଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ପ୍ରତିଷ୍ଠାତା ସଭ୍ୟ ରାମ ନାରାୟଣ ପାଣିଗ୍ରାହୀ, ଉପସଭାପତି ବ୍ରଜ କିଶୋର ଦାସ ଓ ବୈଲୋଚନ ବେହୁରିଆ, ଯୁଗ୍ମ ସଂପାଦକ ବିନୟ କୁମାର ପଣ୍ଡା, ସଭ୍ୟ ଅଜିତ କୁମାର ନାୟକ, ଗଙ୍ଗାଧର ଦାସ, ମୁକ୍ତିକାନ୍ତ ମହାପାତ୍ର, ଆଦିତ୍ୟ କୁମାର ଗୋସ୍ୱାମୀ, ଚନ୍ଦ୍ର ମୋହନ ମହାନ୍ତି, କରୁଣାକର ଉପାଧ୍ୟାୟ, ଦୟାନିଧି ରାଉଳ, ବୀରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ମଲ୍ଲିକ, ରାମ ନାରାୟଣ ମହାନ୍ତି, ପୁରୁଷୋତ୍ତମ ଗୁପ୍ତା, କୈଳାସ ଚନ୍ଦ୍ର ନାୟକ, ଶାନ୍ତନୁ କୁମାର ରାଉତ, ଆଦିତ୍ୟ କୁମାର ନାୟକ, ତରୁଲତା ସାହୁ, ମମତାରାଣୀ ରାଉତ, ରିନା ମହାନ୍ତି, ମୀନତି ନାୟକ ଆଦି ଶ୍ରଦ୍ଧାଳୁମାନେ ସହଯୋଗ କରିଥିଲେ। ଉଦ୍ୟାପନୀ ଉତ୍ସବରେ ଅନୁଷ୍ଠିତ ଯଜ୍ଞର ପୂର୍ଣ୍ଣାହୁତିରେ ଅଂଶ ଗ୍ରହଣ କରିଥିଲେ ବାବା ଭୈରବାନନ୍ଦ ସରସ୍ୱତୀ, ବିଜୟ କୁମାର ପାଣି, ଅଜୟ କୁମାର ପାଣି, ସଂଜୟ କୁମାର ପାଣି ଓ ତ୍ରିନାଥ କର। ହଜାର ହଜାର ଭକ୍ତଙ୍କ ମଧ୍ୟରେ ନାରାୟଣ ସେବା ସଂପନ୍ନ କରାଯାଇଥିଲା।

# ବଟ ହନୁମାନଙ୍କ ବାର୍ଷିକ ଉତ୍ସବ

ସିମୁଳିଆ,(ସବ୍ୟୁ) : ବଟ ହନୁମାନଙ୍କର ଦ୍ୱିତୀୟ ବାର୍ଷିକ ଉତ୍ସବ ବଟ ହନୁମାନ ଟ୍ରଷ୍ଟ ଓ ଗ୍ରାମବାସୀଙ୍କ ଦ୍ୱାରା ଧୂମଧାମରେ ପାଳିତ ହୋଇଯାଇଛି । ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତ ସେରପୁରଠାରେ ବଟ ହନୁମାନ ଟ୍ରଷ୍ଟର ସଭାପତି ଜୟନ୍ତ ନାୟକ ଓ ସଂପାଦକ ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ତିନିଦିନ ବ୍ୟାପି ହୋଇଯାଇଥିବା ଏହି ଉତ୍ସବରେ ପ୍ରଥମ ଦିନରେ ଡ.ବି.ସି ସାହୁଙ୍କ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି । ଏଥି ସହିତ ଦୃଷ୍ଟିହୀନମାନଙ୍କ ଦ୍ୱାରା ଭଜନ ସଂନ୍ଧ୍ୟା ପରିବେଷଣ କରାଯାଇଥିଲା । ଦ୍ୱିତୀୟ ଦିବସରେ ବିଶିଷ୍ଟ କଣ୍ଠଶିଳ୍ପୀ ଶିବପ୍ରସାଦ ଦାସଙ୍କ ଦ୍ୱାରା ଭଜନ ସଂନ୍ଧ୍ୟା ଅନୁଷ୍ଠିତ ହୋଇଥିଲା । ସେହିପରି ତୃତୀୟ ଦିବସରେ ପ୍ରବଚକ ପ୍ରମୋଦ କୁମାରଙ୍କ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



ଏହି ଅବସରରେ ଡ.ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସେବାଶ୍ରୀ ,ପ୍ରବଚକ ପ୍ରମୋଦ କୁମାରଙ୍କୁ ବାଗ୍ମୀଶ୍ରୀ ଏବଂ ମହାକାଳ ଇଭେଣ୍ଟ ଶ୍ରୀଧର ଟେଣ୍ଟ ହାଉସ,ଦେବଶ୍ରୀ ସାଉଣ୍ଡକୁ ସଶ୍ରଦ୍ଧ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଭଦ୍ରକ ସଂସଦୀୟ କ୍ଷେତ୍ରର ସାଂସଦ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ସିମୁଳିଆ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଏହି ଉତ୍ସବରେ ଅଂଶଗ୍ରହଣ କରି ମହାବୀର ହନୁମାନଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ବୁଦ୍ଧିରାମ ମହାଳିକ,ରବିନ୍ଦ୍ର ନାୟକ,ଅନନ୍ତ ପ୍ରସାଦ ନାୟକ,ଭୈରବ ନାୟକ,ମକରଧର ବଳ,ଜଗବନ୍ଧୁ ମଲ୍ଲିକ,ସୁଶାନ୍ତ ମଲ୍ଲିକ,ସିସାନ୍ତ ନାୟକ,ଶ୍ରୀଧର ମହାଳିକ ଓ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ କରିଥିଲେ । ସମସ୍ତ ଭକ୍ତଙ୍କ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା ହୋଇଥିଲା ।

# ଭୋଟ ସଚେତନତା ନିମନ୍ତେ ବ୍ୟାପକ କରାଯାଉଛି ସ୍ୱିପ୍ ଅଭିଯାନ



ବାଲେଶ୍ୱର, (ସବ୍ୟୁ) :ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ ହାର ବୃଦ୍ଧି ଓ ଜନସାଧାରଣକୁ ଆଗାମୀ ସାଧାରଣ ନିର୍ବାଚନରେ ସାମିଲ କରିବା ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯାଉଛି । ଏଥି ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱୀପ୍ ଅଭିଯାନ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଘରକୁ ଘର ବୁଲି, ପଥପ୍ରାନ୍ତ ନାଟକ ଜରିଆରେ, ଗୋଷ୍ଠୀ ବୈଠକ କରି, ତୃଣମୂଳସ୍ତରରେ ଜନସାଧାରଣଙ୍କ ନିକଟାରେ ପହଞ୍ଚିବା ସହ ଭୋଟ ସମ୍ପର୍କିତ ସେମାନଙ୍କ ପ୍ରଶ୍ନଗୁଡ଼ିକର ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଚେତନତା ଶୋଭାମାନ ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟରେ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିନ ରସାଳପୁରସ୍ଥିତ ଡକ୍ଟର ଯଦୁନାଥ ମହାବିଦ୍ୟାଳୟ, ଜଳେଶ୍ୱର ବ୍ଲକସ୍ଥିତ ଜଗନ୍ନାଥ ଡିଗ୍ରୀ କଲେଜ, ଜଳେଶ୍ୱର ମହିଳା ମହାବିଦ୍ୟାଳୟ, ଖଇରାବ୍ଲକ ଅଧିନସ୍ଥ ଖଇରା କଲେଜ, ବାଲିଆପାଳ ବ୍ଲକ ଠାରେ ନବନିର୍ମିତ ବୁଥଗୁଡ଼ିକରେ ସ୍ୱୀପ ଅଭିଯାନ ଅଧିନରେ ୱାକାଥନ, ସାଇକେଲ ରାଲି, ଦସ୍ତଖତ ଅଭିଯାନ, ପୋଷ୍ଟକାଡ ମାଧ୍ୟମରେ ଚିଠି, ନିର୍ବାଚନ ପାଠଶାଳା ଭଳି ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୋଟର ମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣିତ କରିବା ଏବଂ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଗୋଟିଏ ଭୋଟର ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ସକ୍ରିୟ ଭାବେ ସ୍ୱୀପ୍ ଅଭିଯାନରେ ସାମିଲ ହୋଇ ଆଗାମୀ ନିର୍ବଚନକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# କବି ରାଧାମୋହନ ଗଡ଼ନାୟକ ସମ୍ମାନ

ଭଦ୍ରକ,(ସବ୍ୟୁ):ଓଡ଼ିଶା କାବ୍ୟ ଜଗତର ଅମ୍ଳାନ ତାରକା କବି ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକଙ୍କ ନାମରେ ନାମିତ ସମ୍ମାନ ଓ ପୁରସ୍କାର ଲାଭ ଏକ ଗୌରବର କଥା। ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦ ଏହା ୩୧ ବର୍ଷ ଧରି ପ୍ରଦାନ କରି ଆସୁଅଛି। ଚଳିତ ବର୍ଷ ପାଇଁ ଏହି ମର୍ଯ୍ୟାଦାଜନକ ସମ୍ମାନ ପ୍ରାପ୍ତ ହୋଇଛନ୍ତି କବି ଓ କଥାକାର ଡା. ଦୁର୍ଯ୍ୟୋଧନ ଦାସ। ଅନୁଗୋଳଠାରେ ଅନୁଷ୍ଠିତ ବିଷୁବ ମିଳନର ବର୍ଣ୍ଣାଢ୍ୟ ପରିବେଶରେ ତାଙ୍କୁ ମୁଖ୍ୟ ଅତିଥି ପ୍ର. ଡ. ବୈଷ୍ଣବ ସାମଲ, ଅନୁଷ୍ଠାନର ସଭାପତି ପ୍ରଫେସର ଡ. କୁମୁଦ ଚନ୍ଦ୍ର ଦାଶ, ଉପସଭାପତି ପ୍ରଫେସର ଶାନ୍ତନୁ ସର ଏବଂ ସମ୍ପାଦକ ରାଧାକାନ୍ତ ମହାନ୍ତିଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ମୂଲ୍ୟବୋଧର ହ୍ରାସ ଓ ମାନବିକତାର ଅବକ୍ଷୟ ବେଳେ କବି ଗଡ଼ନାୟକଙ୍କ 'ନୀଡ଼ ଓ ନାଡ଼ର ଦର୍ଶନ', 'ଅନ୍ଧ ମମତାର ବେଢ଼ି', 'ପାଦରୁ ଛିଡ଼ାଇ ବିଶ୍ୱ ଜୀବନ ପଥର ଯାତ୍ରୀ ହେବା' ଏବଂ ସମସ୍ତଙ୍କ ଲୁହ ଓ ଲହୁକୁ ନେଇ ବେଦନାହୀନ ପ୍ରଗତିର ମଧୁଚକ୍ର ନିର୍ମାଣ କରିବାର ଆବଶ୍ୟକତା ଉପଗତ ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ଡା. ଦାସ ପ୍ରକାଶ କରିଛନ୍ତି।

# ଫତେପୁର ହାଇସ୍କୁଲ ୧୯୯୯ ମ୍ୟାଟ୍ରିକ ବ୍ୟାଚ ବନ୍ଧୁମିଳନ

ଖଇରା, (ସବ୍ୟୁ) :ଖଇରା ବ୍ଲକ ସଂଲଗ୍ନ ଫତେପୁର ଉଚ୍ଚବିଦ୍ୟାଳୟରୁ ୧୯୯୯ମସିହାରେ ମ୍ୟାଟ୍ରିକ ପାଶ କରିଥିବା ଛାତ୍ରୀଛାତ୍ରଙ୍କର ବନ୍ଧୁମିଳନ କାର୍ଯ୍ୟକ୍ରମ ଷୋଳଭଉଣୀ ଠାରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ପରଲୋକ ଗମନ କରିଥିବା ୩ଜଣ ଶିକ୍ଷକ ଅନାଦି ଚରଣ ଦାସ,ଗଙ୍ଗାଧର ବଳିଆରସିଂ,ଶଶଧର ପଣ୍ଡା ଏବଂ ଦିବଂଗତ ଛାତ୍ର ରାଜେଶ କୁମାର ବିଶ୍ୱାଳ,କାର୍ତ୍ତିକ ଦାସ ଓ ପବିତ୍ର ଜେନାଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଚାନ୍ଦିପୁର ଡିଆରଡିଓ ରେ କାର୍ଯ୍ୟରତ ଛାତ୍ର ଇଂ ଅଭୟ କୁମାର ଲେଙ୍କା,ପ୍ରଶାସନିକ ସେବାରେ ନିଯୁକ୍ତ ଛାତ୍ର ଭୀମକାନ୍ତ ମାଝୀ ଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳିତ ହୋଇଥିଲା । ବିଭିନ୍ନ ପଦବୀରେ ରହିଥିବା ଛାତ୍ରଛାତ୍ରୀ ଡ.ଉମାକାନ୍ତ ଖେଜୁରିଆ,ଜ୍ୟୋତିପ୍ରକାଶ ମହାନ୍ତି,ଡ ତାପସ କୁମାର ମିଶ୍ର,ଚିତ୍ତରଞ୍ଜନ



ଘଡେଇ,ଅଜୟ ପଣ୍ଡା,ଆଦିତ୍ୟ ମହାପାତ୍ର,ଶୁଭେନ୍ଦୁ ପାଢୀ,ସୁବ୍ରତ କୁମାର ପରିଡା,ରଜନୀ ରାଉତ, କଳ୍ପନା ରାଉତ,କବିତା ପଣ୍ଡା, ମଧୁସ୍ମିତା ପଣ୍ଡା,ରମାକାନ୍ତ ମାଝୀ ପ୍ରମୁଖ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯିବା ସହ ୨୫ବର୍ଷ ତଳର ସ୍ମୃତିକୁ ସମସ୍ତେ ମନେ ପକାଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ପ୍ରକାଶ କୁମାର ପତି,ସୁକାନ୍ତ ପାତ୍ର,ରବିନ୍ଦ୍ର ଦାଶ,ମନୋରଞ୍ଜନ ମହାନ୍ତି,ଓଁକାର ଜେନା,ରାମଚନ୍ଦ୍ର ବିଶ୍ୱାଳ,ପପୁନ ପଣ୍ଡା,ଶଶୀକାନ୍ତ ସୂତାର,ପ୍ରଦ୍ୟୁମ୍ନ ପାଣିଗ୍ରାହୀ,ମାନସ ସାହୁ,ବିରେନ୍ଦ୍ର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଶାଳ ଶୋଭାଯାତ୍ରା : ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

ବାଲେଶ୍ୱର,(ସବ୍ୟୁ) : ଶ୍ରୀରାମ ଚେତନା କମିଟି ପକ୍ଷରୁ ବାଲେଶ୍ୱର ସହରରେ ବୁଧବାର ଦିନ ଆୟୋଜିତ ହୋଇଥିବା ବିଶାଳଶୋଭାଯାତ୍ରାରେ ୨୦ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପ୍ରତ୍ୟେକବର୍ଷ ରାମନବମୀ ଦିନ ପୂର୍ବାହ୍ନ ସମୟରେ ଏହି ଶୋଭାଯାତ୍ରା ହେଉଥିବା ବେଳେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଅପରାହ୍ନ ସମୟରେ ଏହି ଶୋଭାଯାତ୍ରା ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଚାଲିଥିଲା । ବାଲେଶ୍ୱର ସହରର ରାସ୍ତାଘାଟ ଗେରୁଆ ରଙ୍ଗର ପତାକାରେ ଭରପୁର ହୋଇଯାଇଥିବା ବେଳେ ଜୟଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା । ସହରର ପରମିଟ ପଡ଼ିଆଠାରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ପୂଜାପାଠ କରାଯିବା ପରେ ହନୁମାନ ଚାଳିଶା ପାଠ କରାଯାଇଥିଲା । ସେଠାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବା ବେଳେ ପ୍ରସାଦ ସେବନପରେ ଶୋଭାଯାତ୍ରା ବାହାରି ଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ରାତି ୯ଟା ପର୍ଯ୍ୟନ୍ତ ସମୟ ନିର୍ଘଣ୍ଟ କରାଯାଇଥିବା ବେଳେ ଅପରାହ୍ନ ୨ଟା ୩୦ ଠାରୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରା ପରମିଟ ପଡ଼ିଆରୁ ବାହାରି ଜିଲ୍ଲାସ୍କୁଲ ,ଏଡ଼ିଏମ୍ଛକ, ଷ୍ଟେସନଛକ, ଫକୀରମୋହନ ଗୋଲେଇ, ଫାଣ୍ଡିଛକ, ଚିଡ଼ିଆପୋଲ, ଗୋପାଳ ଗାଁ, ଟାଉନହଲ, ସୁଏଲପୁର, ମଣ୍ଡଳବଜାର, ଦାମୋଦରପୁର, ବଡ଼ପୋଲ ଛକ, ଗୋଳାପୋଖରୀ, ଟାଉନ ଥାନା, ସିନେମାଛକ ଦେଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ପରେ ପରମିଟ ପଡ଼ିଆରେ ପହଁଞ୍ଚିଥିଲା । ଏହି ଶୋଭାଯାତ୍ରାରେ ପ୍ରଭୁ ଶ୍ରୀ ରାମଙ୍କ ମେଢ ସମେତ ଦେବୀ ସୀତା, ଲକ୍ଷ୍ମଣ, ହନୁମାନଙ୍କ ବିଭିନ୍ନ ପ୍ରକାର ଆକର୍ଷଣୀୟ ପ୍ରଜ୍ଞାପନ ମେଢ ସାମିଲ ହୋଇଥିଲା । ଜିଲ୍ଲାପ୍ରଶାସନପକ୍ଷରୁ ଡିଜେକୁ ବାରଣ କରାଯାଇଥିବାରୁ ଶଙ୍ଖଧ୍ୱନି, ମୃଦଙ୍ଗ, ଢୋଲ, ଝାଞ୍ଜ, ଖୋଳ, କରତାଳ, କୀର୍ତ୍ତନ ସାଙ୍ଗକୁ ବିଭିନ୍ନ ପାରମ୍ପରିକ ବାଦ୍ୟ ସାମିଲ ହୋଇଥିଲା । ଏହି ଶୋଭାଯାତ୍ରାରେ ଭଦ୍ରକ, କଟକ, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳରୁ କୀର୍ତ୍ତନ ଦଳ ସାମିଲ ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସହରରେ ପ୍ରଥମ ଥର ପାଇଁ ରାମନବମୀ ତିଥିରେ ଅଘୋରୀ ନୃତ୍ୟ ଦେଖିବାକୁ ମିଳିଥିଲା। ଗୋଟିଏ କମିଟି ପକ୍ଷରୁ ଜଣେ ବ୍ୟକ୍ତି ଆଗକୁ ରିଲିଜ ହେବାକୁ ଥିବା ପୁଷ୍ପା-୨ର ଅବିକଳ ନକଲ ନେଇ ଦୁଇ ହାତରେ ଖଣ୍ଡାଧରି ଅଭିନୟ କରୁଥିବାର ଦେଖିବାକୁ ମିଳିଥିଲା । ଏହି ବିଶାଳ ଶୋଭାଯାତ୍ରାରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ସାମିଲ ହୋଇ ଶ୍ରଦ୍ଧାଳୁମାନଙ୍କ ମନବଳକୁ ଦୃଢ କରିବା ସହ ପ୍ରଭୁ ରାମଚନ୍ଦ୍ରଙ୍କୁ ପୂଜା କରି ଆଶିଷ ଭିକ୍ଷା କରିଥିଲେ । ଗ୍ରୀଷ୍ମ ପ୍ରବାହ ଓ ଗୁଳଗୁଳିକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ପକ୍ଷରୁ ସ୍ଥାନେ ସ୍ଥାନେ ଦହିପଣା, ଥଣ୍ଡାପାଣି, ସର୍ବତ, ଖେଚୁଡ଼ି, ଖିରୀ, ଅନ୍ନପ୍ରସାଦ, ତରଭୁଜ, ଫଳ ଆଦି ବିତରଣ କରାଯାଉଥିଲା । ଶ୍ରଦ୍ଧାଳୁମାନଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ପୌର ପରିଷଦ ପକ୍ଷରୁ ପାଣି ସିଞ୍ଚନ ନିମନ୍ତେ ୧୨ଜଣ ବ୍ୟକ୍ତିକୁ ନିୟୋଜିତ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ୨୦ ପ୍ଲାଟୁନ ପୁଲିସ୍ ଫୋର୍ସ, ଗୋଟିଏ କମ୍ପାନୀ ବିଏସ୍ଏଫ, ଗୋଟିଏ କମ୍ପାନୀ ସିଆଇଏସ୍ଏଫ ମୁତୟନ କରାଯାଇଥିଲା । ଟ୍ରାଫିକ ନିୟନ୍ତ୍ରଣ କରାଯିବା ସହିତ ସମ୍ବେଦନଶୀଳ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବହୁ ସଂଖ୍ୟକ ପୁଲିସ କର୍ମଚାରୀମାନଙ୍କୁ ମୁତୟନ କରାଯାଇଥିଲା ।

(ଶ୍ରୀମଭଗବଦ୍ ଗୀତା ୫/୧୦)
–କର୍ମ୍ମସନ୍ୟାସଯୋଗଃ–
(ଶ୍ରୀଭଗବାନୁବାଚ)

**ବ୍ରହ୍ମଣ୍ୟାଧାୟ କର୍ମ୍ମାଣି ସଙ୍ଗଂତ୍ୟକ୍ତ୍ୱା କରୋତି ଯଃ ।**
**ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ॥୧୦॥**

ଯେ ପରମେଶ୍ୱରଙ୍କଠାରେ କର୍ମ ସମର୍ପଣ କରି ( ତାହାର ଫଳରେ) ଆସକ୍ତି ପରିତ୍ୟାଗପୂର୍ବକ କର୍ମ କରନ୍ତି, ପଦ୍ମପତ୍ର ଜଳରେ ରହି ସୁଦ୍ଧା ଜଳଦ୍ୱାରା ଲିପ୍ତ ନ ହେଲା ପରି ସେ (ବନ୍ଧହେତୁ ପୁଣ୍ୟପାପାତ୍ମକ) କାର୍ଯ୍ୟରେ ଲିପ୍ତ ହୁଅନ୍ତି ନାହିଁ ॥୧୦॥

# ପ୍ଲାଷ୍ଟିକ୍ ପ୍ରଭାବ

ସମ୍ପାଦକୀୟ

ବର୍ଜ୍ୟବସ୍ତୁ ପରିଚାଳନା ଗୋଟିଏ ବଡ ସମସ୍ୟା ଭାବରେ ଉଭାହେଲାଣି । ବିଶେଷ ଭାବରେ ଦୈନନ୍ଦିନ ଯେତିକି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସହର/ଗାଁ/ରାଜ୍ୟ ଓ ଦେଶରେ ବାହାରୁଛି, ତାକୁ ପରିଚାଳନା କରିବା କଷ୍ଟକର ପାଠ । ବହୁ ଯୋଜନା ପରେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରେ ବା ସ୍ଥାନରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସ୍ଥଳ ଭାଗରେ ଜମା ହେଇରହୁଛି ଏବଂ ଏହା ସ୍ଥଳ, ଜଳ ଏବଂ ବାୟୁକୁ ପ୍ରଦୂଷିତ କରିବାରେ ଲାଗିଛି । ବିଭିନ୍ନ ଦେଶର ସରକାର ଓ ବାସିନ୍ଦାଙ୍କ ପାଇଁ ଏହା ଗୋଟିଏ ବଡ ଆହ୍ୱାନ ସୃଷ୍ଟିକରିଛି । ଗୋଟିଏ ନୂଆ ରିପୋର୍ଟ ଅନୁଯାୟୀ ଭାରତ ସମେତ ପୃଥିବୀର ୧୨ ଟି ଦେଶ ପରିଚାଳନା ହେଇ ପାରୁ ନ ଥିବା ମୋଟ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ୬୦ ଭାଗ ପାଇଁ ଦାୟୀ । ଅନ୍ୟପକ୍ଷରେ ଭାରତର ମୁଣ୍ଡପିଛା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଉତ୍ପାଦନ ବିଶ୍ୱର ସର୍ବନିମ୍ନ ଅଟେ । Plastic Overshoot Day report by Swiss non-profit EA Earth Action ର ତଥ୍ୟ ଅନୁସାରେ, ୨୦୨୧ ମସିହାରୁ ବିଶ୍ୱର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପାଦନ ୭.୧୧ ପ୍ରତିଶତ ବୃଦ୍ଧି ପାଇଛି । ବିଶ୍ୱରେ ଚଳିତ ବର୍ଷ ୨୨୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହେଇଛି ଯେଉଁଥିରୁ ୭୦ ମିଲିୟନ୍ ଟନ୍ ପରିବେଶକୁ ପ୍ରଦୂଷିତ କରିବ । ଯଦିଓ ଏହି ରିପୋର୍ଟରେ ମୁଣ୍ଡପିଛା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଉତ୍ପାଦନ (ମୁଣ୍ଡପିଛା ୮ କିଲୋଗ୍ରାମ) ହେତୁ ଭାରତକୁ ଏକ ସ୍ୱଳ୍ପ ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ପ୍ରଦୂଷକ ଭାବରେ ବର୍ଗୀକୃତ କରାଯାଇଛି, କିନ୍ତୁ ଦେଶରେ ୨୦୨୪ ମସିହାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ୭.୪ ନିୟୁତ ଟନ୍ ହେବ । ଏହା ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ଏହି ରିପୋର୍ଟରେ କୁହାଯାଇଛି ଯେ ଭାରତ ହାରାହାରି ୩,୯୧,୮୭୯ ଟନ୍ ମାଇକ୍ରୋପ୍ଲାଷ୍ଟିକ୍ ପରିବେଶକୁ ଛାଡୁଥିବା ବେଳେ ୩୧,୪୮୩ ଟନ୍ ରାସାୟନିକ ପଦାର୍ଥକୁ ଜଳପଥକୁ ଛାଡୁଛି । ବେଲଜିୟମର ଲୋକମାନେ ସର୍ବାଧିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି କରନ୍ତି ଏବଂ ତଥ୍ୟ ଅନୁସାରେ ପ୍ରତି ବ୍ୟକ୍ତି ବାର୍ଷିକ ୧୪୭.୭ କିଲୋଗ୍ରାମ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି କରନ୍ତି ଯାହା ଭାରତ ତୁଳନାରେ ୧୬ ଗୁଣ ଅଧିକ ବୋଲି ଏଥିରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଏପ୍ରିଲ୍ ୨୦୨୪ ସୁଦ୍ଧା ବିଶ୍ୱର ପ୍ରାୟ ଅଧା ଲୋକ ସେହି ଅଞ୍ଚଳରେ ବାସ କରିବେ ଯେଉଁଠାରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଏହାକୁ ପରିଚାଳନା କରିବାର କ୍ଷମତା ଅତିକ୍ରମ କରିସାରିଛି । ସେପ୍ଟେମ୍ବର ୨୫ ବିଶ୍ୱର ଉତ୍ପାଦିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଗ୍ରହର ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀକୁ ଅତିକ୍ରମ କରିବ ଏବଂ ଏହାକୁ ପ୍ଲାଷ୍ଟିକ୍ ଓଭରଶୁଟ ଡେ କୁହାଯିବ । ପ୍ଲାଷ୍ଟିକ୍ ପ୍ରଦୂଷଣ ହେଉଛି ଏକ ଜରୁରୀ ପରିବେଶ ସମସ୍ୟା । ଏହା ବିଶ୍ୱ ତାପମାତ୍ରାର ବୃଦ୍ଧି କରିବା ଠାରୁ ଆରମ୍ଭକରି ପରୋକ୍ଷରେ ବିଭିନ୍ନ ପ୍ରକାରର ପ୍ରକୃତିକ ବିପର୍ଯୟ ସୃଷ୍ଟି କରେ ଏବଂ ମଣିଷ ସହ ପ୍ରାୟ ସବୁ ଜୀବଜନ୍ତୁଙ୍କ ପାଇଁ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ । ଏଥିସହ, ଏହା ସାମୁଦ୍ରିକ ଜୀବନ ଉପରେ ପ୍ରତ୍ୟକ୍ଷ ଏବଂ ନକାରାତ୍ମକ ପ୍ରଭାବ ପକାଉଛି ।

ପ୍ରତିଦିନ ପ୍ଲାଷ୍ଟିକରେ ପରିପୂର୍ଣ୍ଣ ୨,୦୦୦ ଅଳିଆ ଟ୍ରକ୍ ବିଶ୍ୱ ସମୁଦ୍ର, ନଦୀ ଓ ହ୍ରଦରେ ପକାଯାଏ । ପ୍ରତିବର୍ଷ ୧୯ରୁ ୨୩ ନିୟୁତ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ଜଳ, ଜଳ ଇକୋସିଷ୍ଟମରେ ପ୍ରବେଶ କରେ ଏବଂ ହ୍ରଦ, ନଦୀ ଓ ସମୁଦ୍ରକୁ ପ୍ରଦୂଷିତ କରେ । ପ୍ଲାଷ୍ଟିକ ପ୍ରଦୂଷଣ ବାସସ୍ଥାନ ଏବଂ ପ୍ରାକୃତିକ ପ୍ରକ୍ରିୟାକୁ ବଦଳାଇପାରେ, ଜଳବାୟୁ ପରିବର୍ତ୍ତନ ସହିତ ଖାପ ଖୁଆଇବା ପାଇଁ ଇକୋସିଷ୍ଟମର କ୍ଷମତାକୁ ହ୍ରାସ କରିପାରେ, ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା, ଖାଦ୍ୟ ଉତ୍ପାଦନ କ୍ଷମତା ଏବଂ ସାମାଜିକ ସୁସ୍ଥତାକୁ ସିଧାସଳଖ ପ୍ରଭାବିତ କରିଥାଏ । ତେଣୁ ପ୍ଲାଷ୍ଟିକ ବ୍ୟବହାର ନ କରିବା ସବୁଠାରୁ ଭଲ ଉପାୟ, ଯାହା ହୁଏତ ସମ୍ଭବ ନୁହେଁ । କାରଣ ପ୍ଲାଷ୍ଟିକର ବହୁ ଉପଯୋଗୀ ଗୁଣ ହେତୁ ବହୁଳ ଭାବରେ ବ୍ୟବହୃତ ହୁଏ – ସେଗୁଡିକ ଅନେକ ଆକାରରେ ଗଢା ଯାଇପାରେ, ଯେଉଁଥିପାଇଁ ପ୍ଲାଷ୍ଟିକ୍ ଉତ୍ପାଦନ ତୀବ୍ର ବୃଦ୍ଧି ପାଉଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ଏହା ଦ୍ୱିଗୁଣିତ ହୋଇ ବାର୍ଷିକ ୪୫୦ ନିୟୁତ ଟନ୍‌ରୁ ଅଧିକ ହୋଇଛି । କିନ୍ତୁ ବର୍ତ୍ତମାନ ଆମେ ଚିନ୍ତା କରୁଛୁ ଯେ' ଏହାର ବ୍ୟବହାର ହ୍ରାସ କରିବା ଆବଶ୍ୟକ । ଗୋଟାଏ ପଟେ, ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରାଯାଇ ପାରୁନାହିଁ ଅନ୍ୟପଟେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନାରେ ଆମେ ବିଫଳ ହେଉଁଛେ, ଯାହା ମାନବ ସଭ୍ୟତାକୁ ବିପଦ ମଧ୍ୟକୁ ଟାଣିନେଉଛି । ଏହାର ସମାଧାନ ପାଇଁ ମୋଟାମୋଟି ଭାବରେ ଦୁଇଟି ରାସ୍ତା ଅଛି । ଗୋଟିଏ ହେଲା, ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ଭାବରେ ବନ୍ଦ କରାଯିବା ଦରକାର ଏବଂ ଅନ୍ୟଟି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଯଥେଷ୍ଟ ଭିତ୍ତିଭୂମି ଓ ବୈଷୟିକ ଜ୍ଞାନକୌଶଳର ଆବଶ୍ୟକତା ରହିଛି । ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଜନିତ ପ୍ରଦୂଷଣରୁ ବିଶ୍ୱକୁ ମୁକ୍ତ କରିବା ପାଇଁ ବିଶ୍ୱ ଦେଶସମୂହ ଏହାଭିତରେ ଜାତିସଂଘ ନେତୃତ୍ୱରେ ତିନୋଟି ବୈଠକ କରିସାରିଲେଣି, କିନ୍ତୁ ଫଳ କିଛି ମିଳୁନି । ନିଜ ନିଜ ସ୍ୱାର୍ଥ ପାଇଁ ଦେଶଗୁଡିକ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦେଉଛି । ଆସନ୍ତା ସପ୍ତାହରେ ଚତୁର୍ଥ ବୈଠକ ଅନୁଷ୍ଠିତ ହେବ ଏବଂ ଏଥିରେ ବହୁ ରାଷ୍ଟ୍ର ଯୋଗ ଦେବେ । ନିଷ୍ପତ୍ତି ଅନୁସାରେ, ପଞ୍ଚମ ବୈଠକରେ ବିଶ୍ୱସ୍ତରୀୟ ଚୁକ୍ତି କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତିନୋଟି ବୈଠକର ବିଫଳତା ପରେ, ଓଟାୱାରେ ହେବାକୁ ଥିବା ଚତୁର୍ଥ ବୈଠକ ସମସ୍ତଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏହି ବୈଠକରେ ରାଷ୍ଟ୍ରମାନେ ଏହାର ସମାଧାନ ନେଇ ବାଟ ବାହାରକରିବା ସହ ଏକ ଆଇନଗତ ବାଧ୍ୟତାମୂଳକ ଚୁକ୍ତି ପ୍ରସ୍ତୁତ କରିବାକୁ ଏକମତ ହେବେ ବୋଲି ଆଶା କରାଯାଏ । ତେବେ ଦୁଃଖର କଥା, ଗତ ବୈଠକ ତୁଳନାରେ ଦେଶଗୁଡ଼ିକ ମଧ୍ୟରେ ମତପାର୍ଥକ୍ୟ ବଢିଯାଇଛି ବୋଲି କୁହାଯାଉଛି । ୩୧ ପୃଷ୍ଠାର ଡ୍ରାଫ୍ଟ ପ୍ରାୟ ୧୦୦ ପୃଷ୍ଠାରେ ପରିଣତ ହେଇଛି । ଡ୍ରାଫ୍ଟ ପାଠ୍ୟ ଉପରେ ଚୂଡ଼ାନ୍ତ ଚୁକ୍ତିନାମା କିପରି ପହଞ୍ଚିବ ସେନେଇ ଦେଶମାନେ ନିଷ୍ପତ୍ତି ନେଇ ନାହାଁନ୍ତି । ତେଣୁ ବୈଠକ ସଫଳ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଇଛି । ତେବେ ଏହି ଭଳି ଏକ ବୈଷୟିକ ବିଷୟକୁ ନେଇ ବିତର୍କରେ ଗବେଷଣାକାରୀ ଏବଂ ବୈଜ୍ଞାନିକଙ୍କ ଯୋଗଦାନକୁ ନିଶ୍ଚିତ କରାଯିବା ଦରକାର, ଯାହା ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ । କିନ୍ତୁ କେତେକ ଗବେଷଣାକାରୀ ବା ବୈଜ୍ଞାନିକଙ୍କ ମତାନୁସାରେ, ସେମାନେ ପ୍ରାୟତଃ ଆଲୋଚନା ପ୍ରକୋଷ୍ଠରେ ନ ଥାନ୍ତି । କିନ୍ତୁ ଏ ସମ୍ପର୍କିତ ଚୁକ୍ତିନାମା ପୂର୍ବରୁ, ବୈଜ୍ଞାନିକଙ୍କ ମତ ଅପରିହାର୍ଯ୍ୟ । ଚିନ୍ତାର ବିଷୟ, ଜୀବାଶ୍ମ–ଇନ୍ଧନ ଉତ୍ପାଦନକାରୀ ଦେଶ ଏବଂ ଶିଳ୍ପଗୁଡିକ ପ୍ଲାଷ୍ଟିକର ପୁନଃ ବ୍ୟବହାର ପାଇଁ ନିୟମ ଏବଂ ଲକ୍ଷ୍ୟ ଉପରେ ଚୁକ୍ତିନାମାର ବିଷୟବସ୍ତୁକୁ ସଂକୁଚିତ କରିବାକୁ ଲବି କରୁଛନ୍ତି । ଆମେରିକା ଏବଂ ସାଉଦି ଆରବ ପରି ଦେଶ ଚାହୁଁଛନ୍ତି ଯେ ଏହି ଚୁକ୍ତି ଉତ୍ପାଦନ ହ୍ରାସ କରିବା ପରିବର୍ତ୍ତେ ପ୍ଲାଷ୍ଟିକ ରିସାଇକ୍ଲିଂ ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବାକୁ ଧ୍ୟାନ ଦେଉ । ଆମେରିକା ଏବଂ ସାଉଦି ଆରବ ଉତ୍ପାଦନ ହ୍ରାସ କରିବାକୁ ବିରୋଧ କରନ୍ତି କାରଣ ସେମାନେ ନିଜ ଦେଶରେ ଅବସ୍ଥିତ ବୃହତ ପେଟ୍ରୋକେମିକାଲ୍ କମ୍ପାନୀଗୁଡିକରୁ ବହୁତ ଲାଭବାନ ହୁଅନ୍ତି । ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପୁନଃ ବ୍ୟବହାର ଉପରେ ଧ୍ୟାନ ଦେବା ପ୍ଲାଷ୍ଟିକ ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ନୁହେଁ । ଏପର୍ଯ୍ୟନ୍ତ ଉତ୍ପାଦନ ହୋଇଥିବା ପ୍ଲାଷ୍ଟିକର କେବଳ ୯ ପ୍ରତିଶତ ପୁନଃ ବ୍ୟବହାର କରାଯାଇଛି । ଯଦି ଆମେରିକା ଏବଂ ଅନ୍ୟ ତୈଳ ସମୃଦ୍ଧ ଦେଶମାନେ ପ୍ଲାଷ୍ଟିକ ଉତ୍ପାଦନ ଜାରି ରଖନ୍ତି, ତେବେ ଏହା ଆମର ଜଳ, ସ୍ଥଳ, ଜଙ୍ଗଲ ସବୁ କିଛି ପ୍ରଭାବିତ ହେବ । ତେଣୁ ତୈଳ ଉତ୍ପାଦନକାରୀ ଦେଶଗୁଡିକ ମଧ୍ୟ ସାମୁହିକ ସ୍ୱାର୍ଥପାଇଁ ଏ ନେଇ ସହଯୋଗ କରିବା ଉଚିତ । ଉତ୍ପାଦିତ ସମସ୍ତ ପ୍ଲାଷ୍ଟିକର ପ୍ରାୟ ୨୫ ପ୍ରତିଶତ ପରିବେଶକୁ ପ୍ରଦୂଷିତ କରେ । ଏଥିମଧ୍ୟରୁ ବାର୍ଷିକ ୬ ନିୟୁତ ଟନ୍ ନଦୀ ତଥା ଉପକୂଳବର୍ତ୍ତୀ ଅଞ୍ଚଳରେ ପହଞ୍ଚେ । ଏହି ସାମଗ୍ରୀଗୁଡିକ ମାଇକ୍ରୋ– ଏବଂ କ୍ଷୁଦ୍ର କଣିକାରେ ପରିଣତ ହୁଏ ଯାହା ଆର୍କଟିକ୍ ବରଫ ଠାରୁ ଆଣ୍ଟାର୍କଟିକ୍ ବରଫ ପର୍ଯ୍ୟନ୍ତ ଏବଂ ଏପରିକି ଗର୍ଭରେ ଥିବା ଶିଶୁମାନଙ୍କ ପେଟରେ ମଧ୍ୟ ଦେଖିବାକୁ ମିଳେ । ପ୍ଲାଷ୍ଟିକ ତିଆରିରେ ବ୍ୟବହୃତ ଅନେକ ରାସାୟନିକ ପଦାର୍ଥ ଯେପରିକି (PFAS) ପରିବେଶକୁ ବିଷାକ୍ତ କରିଥାଏ । ତେଣୁ ଆମକୁ ଏହାର ବିକଳ୍ପ ଖୋଜିବା ଆବଶ୍ୟକ ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା ବା ବର୍ଜ୍ୟବସ୍ତୁର ପରିଚାଳନାକୁ ଦୃଢ କରିବା ନେଇ ପଦକ୍ଷେପ ଗ୍ରହଣ କରିବା ଜରୁରୀ । ଯଦି କୌଣସି ଉପଯୁକ୍ତ ବିକଳ୍ପ ନାହିଁ, ସାମଗ୍ରୀଗୁଡିକ ପୁନଃ ବ୍ୟବହାର ପାଇଁ ଆବଶ୍ୟକ ଭିତ୍ତିଭୂମି ପାଇଁ ରାଷ୍ଟ୍ରଗୁଡିକ ଯଥେଷ୍ଟ ପୁଞ୍ଜି ବିନିଯୋଗ କରିବା ଆବଶ୍ୟକ ଏବଂ ନିର୍ମାତାମାନେ ସେମାନଙ୍କ ଉତ୍ପାଦର ସମ୍ପୂର୍ଣ୍ଣ ଜୀବନଚକ୍ର ପାଇଁ ଦାୟିତ୍ୱ ନେବେ ବୋଲି ନିଶ୍ଚିତ କରିବା ଦରକାର । ଏମିତି ଅନେକ କିଛି ସମସ୍ୟା ରହିଛି ଯାହା ଉପରେ ଓଟାୱାରେ ଆଲୋଚନା ହେବ ଏବଂ ଆଲୋଚନା କେତେଦୂର ସଫଳ ହେବ ତାହା ଭାଗ ନେଉଥିବା ଦେଶସମୂହଙ୍କ ଉପରେ ନିର୍ଭର କରେ ।

# ଭାଇରାଲ ହେପାଟାଇଟିସ ଓ ଯକୃତ



**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ପ୍ରତିବର୍ଷ ଅପ୍ରେଲ ୧୯ ତାରିଖରେ ପାଳିତ ହୁଏ ବିଶ୍ୱ ଯକୃତ ଦିବସ । ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ତ୍ତା ରହିଛି 'ସଜାଗ ରୁହନ୍ତୁ, ନିୟମିତ ଯକୃତ ଯାଞ୍ଚ କରନ୍ତୁ ଏବଂ ଫ୍ୟାଟି ଲିଭର ରୋଗରୁ ରକ୍ଷା କରନ୍ତୁ।' ଯକୃତ ବା ଲିଭର ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି । ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ । ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ । ଯକୃତ ଖରାପ ହୋଇଗଲେ ପ୍ରତିରୋପଣ ବ୍ୟତୀତ ଅନ୍ୟ ଉପାୟ ନାହିଁ । ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି ।

ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ – ପାଞ୍ଚ ପ୍ରକାରର । ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ । ଏହାର ଲକ୍ଷଣ ପ୍ରାୟ ୨ରୁ ୪ ସପ୍ତାହ ଜାରି ରହେ । ରୋଗୀଙ୍କୁ ବାନ୍ତି ଏବଂ ଜ୍ୱର ହୁଏ । ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି । ତେଣୁ ଯକୃତ ଖରାପ ହେବା ଘଟଣା କମ୍ ହୋଇଥାଏ । ଯକୃତ ଖରାପ ହେବାର ଅଳ୍ପଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ । ବି ଏବଂ ସି ଭାଇରାଲ ଇନ୍‌ଫେକ୍‌ସନ ଯୋଗୁଁ ହୋଇଥାଏ । ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ । ଯେଉଁ କ୍ଷେତ୍ରରେ ଛଅମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ । ତେବେ ଲକ୍ଷଣ ପ୍ରକାଶ ପାଇବା ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହେବାର ଆଶା କ୍ଷୀଣ ରହେ । ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି । ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ । ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ କଳା ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି । ଏହା ଯକୃତକୁ ଟାଣ କରି ସଙ୍କୁଚିତ କରିଦିଏ । ଠିକ୍ ସମୟରେ ଚିକିତ୍ସା ସେବା ନ ପାଇଲେ ଧୀରେ ଧୀରେ ଲିଭର ଟ୍ୟୁମରରେ ପରିବର୍ତ୍ତିତ ହୋଇଯାଏ ।

ମୁଖ୍ୟତଃ ଆଲ୍‌କୋହଲ ସଂକ୍ରମିତ ଛୁଞ୍ଚି, ରକ୍ତ ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମାଆ ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ । ଜଣ୍ଡିସ୍ ତଥା ଡେଙ୍ଗୁ ମଧ୍ୟ ବହୁବାର ହେପାଟାଇଟିସ୍‌ର କାରଣ ହୋଇଥାଏ । ଏହା ବ୍ୟତୀତ ଟିବି, ଅପସ୍ମାରର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ମଧ୍ୟ ଏହି ରୋଗ ହୋଇପାରେ । ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତ କ୍ଷତିଗ୍ରସ୍ତ ହୋଇଥାଏ । ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଯକୃତ ସଙ୍କୁଚିତ ହେବାକୁ ଲାଗେ ଯେଉଁଥିରେ ଛୋଟ–ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ ।

ଏହା ଲିଭର ସିରୋସିସ୍ । ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ । ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ଏକ୍ସରସାଇଜ୍ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ । ଏହି ଘଟଣା ପାଇଁ ମୋଟାପା ୭୦ ପ୍ରତିଶତ ଦାୟୀ । ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି । ଅନ୍ତ୍ରନଳୀର ବ୍ୟାକ୍ଟେରିଆ ବି ଫ୍ୟାଟି ଲିଭରର କାରଣ ହୋଇଥାନ୍ତି । ଏହା ପତଳା ଲୋକଙ୍କ ଠାରେ ମଧ୍ୟ ହୋଇପାରେ । ଅଧିକ ଚର୍ବି ଯୋଗୁ ଯକୃତ ସଂଙ୍କୁଚିତ ହୋଇଯାଏ ଏବଂ ଠିକ୍ ସମୟରେ ଚିକିତ୍ସା ନମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ । ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ । ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ । ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୭୦–୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ । ଏହା ଯକୃତର କ୍ଷମତା ଜଣାଇଥାଏ । ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ । ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ ।

ହେପାଟାଇଟିସ୍ ବି ଟିକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ । ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କୁହାଯାଉଥିବା ଯକୃତର ଯତ୍‌ପରନାସ୍ତି ସୁରକ୍ଷା ପାଇଁ ଆଜିର ଦିନରେ ଶପଥ ନିଅନ୍ତୁ । ଦେଖିବେ ଆପଣ ଏକ ଦିବ୍ୟ ଜୀବନ ଅତିବାହିତ ପାଇଁ ମାର୍ଗ ପାଇପାରିବେ ।

**ପ୍ରଫେସର, ହେପାଟାଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋ–୯୪୩୭୦୫୧୯୫୭**

# ମହୁଲ ଫୁଲର ମହକ



**ପ୍ରେମାନନ୍ଦ ପାଣିଗ୍ରାହୀ**

ଫୁଲର ବାସ,ଚହଟଇ ଚଉପାଶ ଉକ୍ତିଟି ଓଡ଼ିଶାର ଆଦିବାସୀ ଜନଜୀବନରେ ବେଶ୍ ପ୍ରଭାବ ପକାଏ । ମହୁଲ ଫୁଲ ଜଙ୍ଗଲର ମୂଲ୍ୟବାନ ଫୁଲ ରୂପେ ପରିଚିତ । ରାଜ୍ୟର ଏକ ପ୍ରମୁଖ ଲଘୁବନଜାତ ଦ୍ରବ୍ୟ ଭାବେ ମହୁଲ ଜଣାଶୁଣା । ରାଜସ୍ୱର ଏକ ସିଂହ ଭାଗ ଅର୍ଥ ମହୁଲରୁ ଆସିଥାଏ । ଆଦିବାସୀ ସମ୍ପ୍ରଦାୟ ମହୁଲକୁ ଖାଦ୍ୟ,ପାନୀୟ ଓ ଜାଳେଣୀ ରୂପେ ବ୍ୟବହାର କରନ୍ତି । ଉଦ୍ଭିଦ ବିଜ୍ଞାନରେ ମହୁଲକୁ ମଧୁକାଲୋଙ୍ଗି ଫୋଲିଆ କୁହାଯାଇଥାଏ । ମହୁଆ, ମୋହା, ମଧୁକା, ମଉରଗମ, ମାଭାଗାମ, କୁଲିଙ୍ଗମ, ଟିଟିନାମ, ମୋଆରା ଭାବରେ ଭାରତର ବିଭିନ୍ନ ଭାଷାରେ ମହୁଲ ଗଛର ନାମ ରହିଛି । ଗ୍ରୀଷ୍ମ ଋତୁ ଆଗମନ ପୂର୍ବରୁ ସମସ୍ତ ବୃକ୍ଷରୁ ପତ୍ର ଝଡି ଲଣ୍ଡା ଦେଖା ଯାଉଥିବା ବେଳେ ମହୁଲ ବୃକ୍ଷରେ ଦେଖାଯାଇଥାଏ ଅଦ୍ଭୁତ ସୌନ୍ଦର୍ଯ୍ୟର ଉପମା ।

ଧଳା ରଙ୍ଗର ପେନ୍ଥା ପେନ୍ଥା ମହୁଲ ଫୁଲ ଡାଳରେ ଲଦି ହୋଇ ଭୂମି ସ୍ପର୍ଶ କରିବାକୁ ଚେଷ୍ଟା କରୁଥିବା ପରି ମନେ ହୁଏ । ପାହାନ୍ତା ପହରରେ ଗଛରୁ ଟପ୍‌ଟପ୍ ମହୁଲ ପଡିବା ଆରମ୍ଭ କରେ । ମହୁଲ ଫୁଲର ମଉଆଳା ବାସ୍ନାରେ ବଣମୁଲକ ପୂରି ଉଠେ । ଖରା ଟାଣ ହେଉ ହେଉ ମହୁଲ ଫୁଲ ପଡି ସବୁଜ ଭୂଇଁ ବି ଧବଳ ବର୍ଣ୍ଣ ଧାରଣ କରିଥାଏ । ଏହି ଫୁଲ ଯେ କେବଳ ଗଛର ମାଧୁର୍ଯ୍ୟକୁ ଆକର୍ଷଣ କରେ ତାହା ନୁହେଁ ବରଂ ଆଦିବାସୀ ଲୋକଙ୍କ ପେଟକୁ ଦାନା ଦେଇଥାଏ । ଫେବୃଆରୀରୁ ଏପ୍ରିଲ ଏହି ତିନି ମାସ ଜଙ୍ଗଲ ମୁଳକ ଗ୍ରାମମାନଙ୍କରେ ଆରମ୍ଭ ହୋଇଯାଏ ମହୁଲ ସଂଗ୍ରହର ପର୍ବ । ଆଦିବାସୀ ପୁରୁଷ,ମହିଳା ମୁଣ୍ଡରେ ଡାଲା,ଟୋପି ଧରି ପାହାନ୍ତା ପହରରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବ୍ୟସ୍ତ ରହନ୍ତି ମହୁଲ ଫୁଲ ସଂଗ୍ରହରେ । ସାରା ଦିନ ପାଇଁ ଖାଇବା ଦ୍ରବ୍ୟ ନେଇ ପରିବାର ସହ ମହୁଲ ସଂଗ୍ରହ କରନ୍ତି । ଦୁଇ ମାସ ମହୁଲ ଫୁଲ ସଂଗ୍ରହ କରି ସେମାନଙ୍କର ଛଅ ମାସର ତେଲଲୁଣ ଘରସଂସାର ଚଳିଯାଏ । ଚାରି,ପାଞ୍ଚ କେଜି କଞ୍ଚା ମହୁଲ ଶୁଖିବା ପରେ ଗୋଟିଏ କେଜି ବିକ୍ରି ଯୋଗ୍ୟ ଶୁଖିଲା ମହୁଲ ମିଳିଥାଏ । ମହୁଲ ସଂଗ୍ରହ ଓ ଏହାକୁ ଶୁଖାଇ ସାଇତି ରଖିବା ସହଜ କଥା ନୁହେଁ । ଯେହେତୁ ମହୁଲ ଏକ ପଚନଶୀଳ ସାମଗ୍ରୀ, ଏହା ଠିକ୍ ଭାବେ ନଶୁଖିଲେ ଓ ବର୍ଷା ପାଣି ସଂସ୍ପର୍ଶରେ ଆସିଲେ ଏହାର ମାନ କମିଥାଏ । ଓଡିଶାରେ ପାଖାପାଖି ନଅ ନିୟୁତ ଆଦିବାସୀ ଲୋକ ମହୁଲ ଉପରେ ନିର୍ଭର କରି ପେଟ ପୋଷନ୍ତି । ପ୍ରତି ବର୍ଷ ପାଖାପାଖି କୋଡିଏ ହଜାର କ୍ୱିଣ୍ଟାଲ ମହୁଲ ଫୁଲ ଆଦିବାସୀମାନେ ସଂଗ୍ରହ କରି ବିକ୍ରି କରିଥାନ୍ତି । ମହୁଲ ଫୁଲରୁ ଯେ କେବଳ ମହୁଲି ମଦ ପ୍ରସ୍ତୁତ ହୁଏ ତାହା ନୁହେଁ । ଏଥିରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୁଏ । ଜଣେ ସାଧାରଣ ମଣିଷ ପାଇଁ ମହୁଲ ଫୁଡ ସପ୍ଲିମେଣ୍ଟ ଭାବେ କାମ କରେ । ମହୁଲକୁ ଆଦିବାସୀମାନେ ଜଙ୍ଗଲରୁ ସଂଗ୍ରହ କରି ଖରାରେ ଶୁଖାଇଥାନ୍ତି ।

ପରବର୍ତ୍ତୀ ସମୟରେ ଏହାକୁ ପାଣିରେ ଫୁଟାଇ ମହୁଲ କାକୋ ପ୍ରସ୍ତୁତ କରିଥାନ୍ତି । ଅଧିକ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ହୋଇ ରହୁଥିବା ଏହି ସ୍ନାକ୍ସରେ ସେମାନେ ମୁଢ଼ି,ଚୂଡା ଓ ଖଇ ଆଦିକୁ ବ୍ୟବହାର କରି ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି । ମହୁଲ ସଂଗ୍ରହ ପରେ ସେଥିରୁ ରସ ବାହାର କରି ପାରମ୍ପରିକ ଭାବେ ମିଠା ବରା,ଶୁଖିଲା ଲଡୁ,ଚୁନା ଲଡୁ,ଗୁଡ ପିଠା ପରି ଅନେକ ସ୍ୱାଦିଷ୍ଟ ମିଠା ଓ ପିଠା ପ୍ରସ୍ତୁତ ହୋଇଥାଏ । ମହୁଲକୁ ସିଝାଇ, ଭାଜି, ଗୁଣ୍ଡ କରି ପିଠା, ପୁର, ନେଠା ଆଦି ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ ହୁଏ । ଅରୁଆ ଚାଉଳ ସହ ମହୁଲ ଫୁଲକୁ ମିଶାଇ ବାଟି ସୁସ୍ୱାଦୁ ମହୁଲ ଖିରି ଓ ଚକୁଳି ପିଠା ପ୍ରସ୍ତୁତ ହୁଏ । ମହୁଲ ରସରେ ମହୁଲକୁ ସିଝାଇ ମହୁଲ ଅଠା ବା ଫୁଟକା ମଧ୍ୟ ତିଆରି କରାଯାଏ । ପାରମ୍ପରିକ ଭାବେ ମହୁଲ ସଂଗ୍ରହ ପରେ ପରେ ଏହି ପ୍ରସ୍ତୁତି ଚାଲେ ଅନେକଙ୍କ ଘରେ । ଦେଶୀ ଜିନିଷ ସ୍ୱାଦିଷ୍ଟ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ହୋଇଥାଏ । ବଜାରରେ ମିଳୁଥିବା ଅପମିଶ୍ରିତ ଜିନିଷ ଠାରୁ ନିଜ ଘରେ ପ୍ରସ୍ତୁତ ଜିନିଷର ଚାହିଦା ରହିଥିବା ବେଳେ ଗ୍ରହଣୀୟତା ମଧ୍ୟ ଅଧିକ ରହିଛି ।

ମହୁଲରୁ ପ୍ରସ୍ତୁତ ଖାଦ୍ୟ କିପରି ଜନସାଧାରଣଙ୍କ ନିକଟରେ ଆଦୃତ ହେବ ଏଥିପାଇଁ ପ୍ରୟାସ ଆରମ୍ଭ ହୋଇଛି । କେବଳ ମହୁଲ କାକୋ ନୁହେଁ ବରଂ ମହୁଲରୁ ପ୍ରସ୍ତୁତ ଜାମ୍, ଜେଲି, ପାଚକ ଗୋଳି, ଗୁଲାବ୍ ଜାମୁନ, କେକ୍, ଚକୋଲେଟ,ଲଡୁ ଆଦିର ବ୍ୟବସାୟୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ମହିଳାମାନେ ମହୁଲରୁ ସ୍ୱାଦିଷ୍ଟ ଲଡୁ ପ୍ରସ୍ତୁତ କରୁଛନ୍ତି । ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ଏହି ଲଘୁ ବନଜାତ ଦ୍ରବ୍ୟ ମହୁଲର ଗୁଣବତ୍ତକୁ ଅନୁଧ୍ୟାନ କରି କିପରି ନୂଆ ନୂଆ ପ୍ରକାର ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତ କରାଯିବ ସେ ନେଇ ଉଦ୍ୟମ ହେଉଛି । ମହୁଲ ଗଛର ଫଳକୁ ଟୋଲ କୁହାଯାଏ । ଏହାକୁ କଞ୍ଚା ଅବସ୍ଥାରେ ତରକାରୀ ଭାବେ ବ୍ୟବହାର ମଧ୍ୟ ବ୍ୟବହାର କରାଯାଏ । ମେ,ଜୁନ ମାସରେ ଟୋଲ ପାଚେ ।

ମହିଳାମାନେ ଟୋଲ ଗୋଟାଇ ଆଣି ତାକୁ ଫଟାଇ ତା'ଭିତରୁ ମଞ୍ଜି ବାହାର କରନ୍ତି । ଏହାକୁ ଗୋରା କୁହାଯାଏ । ଗୋରାକୁ ଭଲ ଭାବରେ ଖରାରେ ଶୁଖାଇବା ପରେ ତାକୁ ଗୁଣ୍ଡ କରି ଘଣାରେ ପେଡି ତେଲ ବାହାର କରାଯାଏ । ଏହି ତେଲ ବେଶ୍ ସୁସ୍ୱାଦୁ ଓ ରନ୍ଧନ ଉପଯୋଗୀ ହୋଇଥାଏ । ଏହି ତେଲରେ ବନସ୍ପତି ଘିଅ ପ୍ରସ୍ତୁତ ହୁଏ । ପିଡିଆକୁ ଗୋଖାଦ୍ୟ ଓ ଜାଳେଣି ଭାବେ ବ୍ୟବହାର କରାଯାଏ । ମହୁଲରୁ କମ୍ ଆୟ ହେଉଥିଲେ ମଧ୍ୟ ଏହା ପରିବାର ପୋଷଣରେ ସହାୟକ ହୋଇଥାଏ । ଯଦି ଜଣକ ବାଡିରେ ଚାରି ପାଞ୍ଚଟା ମହୁଲ ଗଛ ଥାଏ, ତେବେ ସେ ଆଦିବାସୀ ଗାଁର ଜଣେ ସ୍ୱଚ୍ଛଳ ବ୍ୟକ୍ତି ବୋଲି ବିବେଚିତ ହୁଏ । ମହୁଲ କେବଳ ଆଦିବାସୀମାନଙ୍କର ଗୁଜୁରାଣ ମେଣ୍ଟାଇବାରେ ସହାୟକ ହୁଏ ତାହା ନୁହେଁ ବରଂ ସେମାନଙ୍କ ସାମାଜିକ ରୀତିନୀତି ଓ ପରମ୍ପରା ସହ ଓତଃପ୍ରୋତ ଭାବେ ଜଡିତ । ମହୁଲ ସହ ସେମାନଙ୍କ ଜୀବନ ସମ୍ପର୍କ ନିବିଡ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ,ବିବାହ ଠାରୁ ଆରମ୍ଭ କରି ଶବ ସତ୍କାର ପର୍ଯ୍ୟନ୍ତ ମହୁଲର ପ୍ରତିଟି ଉତ୍ପାଦ ଆଦିବାସୀ ପରମ୍ପରାରେ ଆବଶ୍ୟକ ହୋଇଥାଏ ।

ବିବାହ ହେଉ କି ଆଦିବାସୀ ସମ୍ପ୍ରଦାୟର କୌଣସି ପର୍ବପର୍ବାଣୀ ହେଉ କୁଣିଆ ମଇତ୍ରଙ୍କୁ ମହୁଲି ମଦ ଦେଇ ଚର୍ଚ୍ଚା କରାଯାଏ । ମହୁଲି ମଦ ନଦେଲେ ବନ୍ଧୁଟି ଦୁର୍ବଳ ବୋଲି ସମାଜରେ ବିବେଚିତ ହୁଏ । ଦିନତମାମ ପରିଶ୍ରମ କରି ହାଲିଆ ହୋଇଯାଇଥିବା ଆଦିବାସୀମାନେ ରାତିରେ ମହୁଲି ଟିକେ ପିଇଲେ ସେମାନଙ୍କୁ ଆଶ୍ୱସ୍ତି ମିଳେ । ଅଭାବ ଅସୁବିଧାରେ ଆଦିବାସୀମାନେ ଜମିବାଡି ବନ୍ଧକ ଦେବା ଭଳି ସାହୁକାର ପାଖରେ ମହୁଲ ଗଛକୁ ବି ବନ୍ଧକ ଦେଇଥାନ୍ତି । ମହୁଲ ପାଇଁ ସ୍ୱତନ୍ତ୍ର ବଜାର କିମ୍ବା ମଣ୍ଡିର ବ୍ୟବସ୍ଥା ନଥିବାରୁ ଅଭାବି ବିକ୍ରି ସୃଷ୍ଟି ହୁଏ । ୨୦୦୦ ମସିହା ନଭେମ୍ବର ୧୪ ତାରିଖରେ ଓଡିଶା ଗ୍ରାମ ପଞ୍ଚାୟତ ଲଘୁ ବନଜାତ ଦ୍ରବ୍ୟ ପରିଚାଳନା ନିୟମାବଳୀ ପ୍ରଣୟନ କରାଗଲା । ଏଥିରେ ପଞ୍ଚାୟତଗୁଡିକୁ ଲଘୁ ବନଜାତ ଦ୍ରବ୍ୟଗୁଡିକର ସର୍ବନିମ୍ନ ସଂଗ୍ରହ ମୂଲ୍ୟ ଧାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଜଙ୍ଗଲଜାତ ଦ୍ରବ୍ୟ ଆଦିବାସୀଙ୍କ ଜୀବନଜୀବିକା ହୋଇଥିବାରୁ ଏହାର ଉପଯୁକ୍ତ ବଜାର ବ୍ୟବସ୍ଥା ଆବଶ୍ୟକ ।

**ମୋ–୯୪୩୭୭୨୯୩୮୪**

# ସଂସାରେ ଥିବା ଯେତେ ଦିନ...

ଭାଗବତରେ ଏକ ଧାଡ଼ି ଏବେ ମନେ ପଡ଼ିଯାଉଛି –'ସଂସାରେ ଥିବା ଯେତେ ଦିନ, ଆନନ୍ଦେ ବିତୁଥିବା ଦିନ'। ଆଜିର ଧାଁ ଧଉଡ଼ ବସ୍ତୁସର୍ବସ୍ୱ ସମୟରେ ସତରେ କଣ ଆମ୍ଭେମାନେ ସଂସାରରେ ଆନନ୍ଦରେ ରହି ପାରୁଛେ ? କିଛିଦିନ ତଳେ ମୋ ମାଟ୍ରିକ ବ୍ୟାଚମେଟ ଅନୁପମାଙ୍କ ସ୍ୱାମୀ ସୁଶାନ୍ତ ଭାଇ ସପରିବାର ଆମ ବାଲିଗୁଡ଼ା ଆସିଥିଲେ । ତାଙ୍କୁ ଗୋଟିଏ ବର୍ଷ ଭିତରେ ଚାରି ଚାରି ଥର ଏହି ବାଲିଗୁଡ଼ାରେ ଭେଟିବାର ସୁଯୋଗ ପାଇଛି । ତାଙ୍କ ଗୋଟିଏ କଥା ମୋତେ ଅତ୍ୟନ୍ତ ଖୁସି ଦେଇଥିଲା । ତାହାଥିଲା ତାଙ୍କ କହିବା ମୁତାବକ 'ମୁଁ ସଂସାରରେ ଜଣେ ଖୁସିରେ ରହୁଥିବା ଲୋକ'।

କଥାଟି ମୋତେ ଆଦୌ ସହଜ ଲାଗିନଥିଲା । ସାଧାରଣ ଜୀବନରେ ଖୁସିରେ ଜୀବନ ବିତାଇବା ଏକ କମ ବଡ଼ କଥା ନୁହେଁ । ଖୁସି ପାଇବା ଓ ଆନନ୍ଦରେ ରହିବା ଆଜିର ସମୟରେ ନିଶ୍ଚିନ୍ତ ଭାବେ ଏକ ବିରାଟ ବଡ଼ ଆହ୍ୱାନ । ପ୍ରତିଦିନ, ପ୍ରତିମୁହୂର୍ତ୍ତରେ ଆମ୍ଭେମାନେ ଆମ ତେଲ ଲୁଣର ସଂସାର ଆଉ ବୃତ୍ତିଗତ ଜୀବନକୁ ନେଇ ନିଶ୍ଚିନ୍ତ ଭାବେ ବ୍ୟସ୍ତ ରହିଥାଉ । ପରିବାରରେ ଦାୟିତ୍ୱର ବ୍ୟବସ୍ଥା ସେପଟେ ବୃତ୍ତିଗତ କ୍ଷେତ୍ରରେ ଧାଁ ଧଉଡ ଆଉ ଚାପ ଏସବୁ ଭିତରେ ଖୁସି ଓ ଶାନ୍ତି ନିଶ୍ଚିନ୍ତ ଭାବେ ଏକ ବହୁତ ବଡ଼ ପ୍ରାପ୍ତି ।

ଅନେକ ଭାବୁଥିବେ ଏ ସମାଜରେ ଯେଉଁମାନେ ତଥା କଥିତ ଭାବେ ଅଜସ୍ର ସମ୍ପତ୍ତିର ମାଲିକ ପ୍ରଭୁତ୍ୱ କ୍ଷମତାର ଡୋରି ତାଙ୍କ ପାଖରେ ଥାଏ ତାଙ୍କ ପାଖରେ, ବାହୁବଳ ବେଶ ସଶକ୍ତ ଥାଏ । ଏ ସବୁ କିନ୍ତୁ ଖୁସି ପାଇଁ ଯଥାର୍ଥ ହୋଇନଥାଏ । ଖୁସି ଓ ଆନନ୍ଦ ପାଇବା ପାଇଁ କିଏ ଦେବାଳୟକୁ ବାଛନ୍ତି କିଏ ନିରବ ଶାନ୍ତ କ୍ଷେତ୍ରକୁ ବାଛନ୍ତି କିଏ ବିଦେଶଗସ୍ତ କରନ୍ତି ଆଉ କିଏ ପରିବାରକୁ ନେଇ ସମୟ କାଟିବାକୁ ଗୁରୁତ୍ୱ ଦିଅନ୍ତି। ଏହି ସବୁ ପଛ ଚେତନା ଭିତରେ ଜୀବନର ଏକ ତତ୍ତ୍ୱ ଭାବେ ସମ୍ଭବତଃ ସୁଶାନ୍ତ ଭାଇ ଏହାକୁ ଗ୍ରହଣ କରିଛନ୍ତି । ଆମ ପାଠପଢ଼ା ସମୟରେ ଭିତରେ ମୋର ଅନେକ ବନ୍ଧୁ ଓ ବାନ୍ଧବୀ ଜୀବନରେ କିଏ ସଫଳତା ପାଇଛନ୍ତି ଆଉ କିଏ ସଫଳତା ଭିତରେ ବି ବିଫଳତାର ସ୍ୱାଦ ଚାଖିଛନ୍ତି ।

ଜୀବନ ନାଟକରେ ସମସ୍ତେ ଯେ ବେଶ ନିଖୁଣ ଭାବରେ ଅଭିନୟ କରିପାରିବେ ତାହା ଏ ସଂସାର ଯିଏ ତିଆରି କରିଛନ୍ତି ତାଙ୍କୁ ହିଁ ଜଣା। କିନ୍ତୁ ପ୍ରତିପତ୍ତି, ଅର୍ଥ, ବାହୁବଳ ଏ ସବୁକୁ ପଛେଇ ଦେଇ ଜୀବନରେ ନିଶ୍ଚିନ୍ତ ଖୁସି ଓ ସୁଖକୁ ଗୁରୁତ୍ୱ ଦେଉଥିବା ଆମ ସମୟରେ କେତେ ଜଣ କହିପାରିବେ? ଲୋକଙ୍କ ପାଖରେ ପଇସା ଅଛି, ଗାଡ଼ି, ଘୋଡ଼ା, ସୁନା, କ୍ଷମତା, ଉଚ୍ଚପଦବୀ, ବଂଶ ମର୍ଯ୍ୟାଦା, ବିଶାଳ ବନ୍ଧୁ ପରିଜନ ସବୁ କିଛି ଥାଏ ହେଲେ ସେମାନେ ଶାନ୍ତି ପାଇପାରିନଥାନ୍ତି । ଅସଲରେ ଶାନ୍ତି ପାଇବା ପାଇଁ ହେଲେ ମନକୁ ବେଶ ନିର୍ମଳ ଆଉ ଖୋଲା ରଖିବାକୁ ପଡ଼ିବ । ଭାବପ୍ରବଣତା ଅନେକ କ୍ଷେତ୍ରରେ ଆମମାନଙ୍କୁ ଭୁଲ ଚିତ୍ର ଦେଖାଇଥାଏ । ଜୀବନରେ ସବୁକିଛି ଯାହା ଦେଖୁ ତାହା ପଛପଟ ଅନେକ କ୍ଷେତ୍ରରେ ସତ ହୋଇନଥାଏ । ସେଇଥିପାଇଁ କଥାରେ ଥାଏ ସବୁ ଚକ ଚକ କରୁଥିବା ଜିନିଷ ସୁନା ହୋଇନଥାଏ । ଜୀବନ ଯାତ୍ରା ପଥରେ ଆହ୍ୱାନ ବହୁତ ଆସିଥାଏ । ଝଡ଼ ମରୀଚିକା, ଜୁଆର ଆଉ ଭଟ୍ଟା ଏସବୁକୁ ନେଇ ହିଁ ଜୀବନ । କିନ୍ତୁ ଆମମାନଙ୍କର କହିବାକଥା ଓ କରିବା କଥା ଗୋଟିଏ ହେବା ଉଚିତ । ଏକ ସଫେଦ ମନରେ ପରିବାରଟି ସଫେଦ ହୋଇପାରିବ, ପରିବାରଟି ସଫେଦ ହେଲେ ସମାଜ ଏବଂ ସମଗ୍ର ବାତାବରଣ ଆନନ୍ଦମୟ ହୋଇପାରିବ । ସୁଖ ଓ ଶାନ୍ତି ପାଇବା ପାଇଁ ଜୀବନର ଏହି ଆନନ୍ଦ ସମସ୍ତଙ୍କୁ ଭଲ ଜୀବନର ରାସ୍ତା ଦେଖାଉ ।

**ରାମଚନ୍ଦ୍ର ପାତ୍ର,ବାଲିଗୁଡ଼ା, କନ୍ଧମାଳ,**
**ମୋ– ୯୪୩୭୨୪୨୩୦୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com





ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍‌ଙ୍କୁ ବିଜେଡିରେ ମିଶିଥିବା ନେତାମାନେ ସାକ୍ଷାତ କରୁଛନ୍ତି ।

# ମାହାଙ୍ଗାରେ କଂଗ୍ରେସ ଭରସା ଦେବେନ୍ଦ୍ର : ହେବ ତ୍ରିମୁଖୀ ଲଢ଼େଇ

କଟକ(ପ୍ରଫୁଲ୍ଲ ମହାନ୍ତି) କେନ୍ଦ୍ରାପଡା ଲୋକସଭା କ୍ଷେତ୍ରରେ ମାହାଙ୍ଗା ବିଧାନ ସଭା ନିର୍ବାଚନ ମଣ୍ଡଳୀ ସବୁବେଳେ ଏକ ନିର୍ଣ୍ଣାୟକ ଭୂମିକା ତୁଲାଇ ଆସିଛି । ଏହି ନିର୍ବାଚନ ମଣ୍ଡଳୀର ଦୀର୍ଘ ୩ ଦଶନ୍ଧିର ରାଜନୈତିକ ଦୃଶ୍ୟପଟକୁ ଯଦି ଅବଲୋକନ କରାଯାଏ ତେବେ କଂଗ୍ରେସ ଦଳ ଶେଷଥର ପାଇଁ ୧୯୯୫ ମସିହାରୁ ଏଠି ବିଜୟ ହୋଇଥିଲା । ୨୦୦୦ ମସିହା ନିର୍ବାଚନରେ ବିଜୁ ଜନତା ଦଳ ଟିକେଟରୁ ଶରତ କୁମାର କର କଂଗ୍ରେସର ମତଲୁବ ଅଲ୍ଲୀଙ୍କୁ ହରାଇ ବିଧାୟକ ପଦ ଅଳଙ୍କୃତ କରିଥିଲେ ।ତେବେ ୨୦୦୪ ନିର୍ବାଚନରେ ବିକ୍ରମ କେଶରୀ ବର୍ମା ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନ ଲଢ଼ି ମତଲୁବ ଅଲ୍ଲୀଙ୍କୁ ହରାଇ ବିଧାୟକ ହୋଇଥିଲେ ।ପରେ କିଶୋର ନଗରର ବିଧାୟକ ଥିବା ପ୍ରତାପ ଜେନା ମାହାଙ୍ଗା ମାଟିରେ ପାଦ ଥାପିଥିଲେ । ସେହି ଦିନ ଠାରୁ ଏହି ଅଞ୍ଚଳରେ ବିଜୁଜନତା ଦଳର ସଂଗଠନକୁ ମଜବୁତ କରି ନିଜର ଦବଦବା ଜାହିର କରି ଆସିଛନ୍ତି ପ୍ରତାପ । ତିନି ତିନି ଥର ବିଧାୟକ ଭାବେ ଜିତି ବିରୋଧୀ ବିଜେପି ଓ କଂଗ୍ରେସକୁ ଏକ ପ୍ରକାର ହତୋତ୍ସାହ କରି ଦେଇଛନ୍ତି ପ୍ରତାପ ଜେନା ।ଗତ ୨୦୧୯ ନିର୍ବାଚନରେ ସେ ୧ ଲକ୍ଷ ୬ ହଜାର ଭୋଟ ପାଇଥିଲାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଶାରଦା ପ୍ରସାଦ ପ୍ରଧାନ ୭୬ ହଜାର ୪୬୯ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ ।ତେବେ କଂଗ୍ରେସର ଦେବେନ୍ଦ୍ର ସାହୁ ୧୫ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ ।କିନ୍ତୁ ଏଥରର ପାଣିପାଗ ସମ୍ପୂର୍ଣ୍ଣ ବଦଳି ଯାଇଛି । ନା ଅଛନ୍ତି ପ୍ରତାପ ନା ଶାରଦା । ପ୍ରତାପ ବାବୁ ଏକ ହତ୍ୟା ମାମଲାରେ ଛନ୍ଦି ହୋଇ ଟିକେଟ ପାଇବାରୁ ବଞ୍ଚିତ ହୋଇ ନିଜ ସୁପୁତ୍ର ଅଙ୍କିତ ପ୍ରତାପଙ୍କ ପାଇଁ ମଙ୍ଗ ଧରିଛନ୍ତି । ସେହିପରି ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାନ୍ତ ଅନୁଗତ ଶାରଦାଙ୍କ ପାଇଁ ମାହାଙ୍ଗା ଏଥର ମହଙ୍ଗା ପଡିଛି । ବୈଜୟନ୍ତ ପଣ୍ଡାଙ୍କୁ ସଭାସମିତିରେ ଗାଳି କରିବା ଏବଂ ଚଳିତ ନିର୍ବାଚନରେ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡାରୁ ସାଂସଦ ପ୍ରାର୍ଥୀ ଭାବେ ଲଢ଼ିବା ଯୋଗୁ ସେ ଦଳୀୟ ଟିକେଟ ପାଇ ନଥିବା ଚର୍ଚ୍ଚା ହେଉଛି । ଦଳ ଏଠାରେ ସଂଘ ପରିବାରର ଜଣେ ଟାଣୁଆ ନେତା ସୁମନ୍ତ ଘଡେଇଙ୍କୁ ନବାଗତ ଭାବେ ନିର୍ବାଚନ ମୈଦାନକୁ ପଠାଇଛି । ଅଙ୍କିତ ପ୍ରତାପ ଜେନା ଓ ସୁମନ୍ତ ନୁଆ ମୁହଁ ହୋଇଥିବା ବେଳେ କଂଗ୍ରେସର ଦେବେନ୍ଦ୍ର ସାହୁ ପୁରୁଣା ପ୍ରାର୍ଥୀ ଭାବେ ନିର୍ବାଚନରେ ଏଥର ପ୍ରତିଦ୍ୱନ୍ଦିତା କରୁଛନ୍ତି । ପ୍ରତାପ ନିଜ ଗୋଟି ଚାଳନାରେ ତିନି ତିନି ଥର ବିରୋଧୀଙ୍କୁ ମାତ ଦେଇ ସୁପ୍ରିମୋଙ୍କ ନଜରରେ ରହି ନିଜ ପୁଅକୁ ଜିତାଇ ଆଗାମୀ ୫ ବର୍ଷ ମାହାଙ୍ଗାରେ ନିଜର ଛବିକୁ ବଳବତ୍ତର ରଖିବାକୁ ଚେଷ୍ଟା ଚଳାଇଛନ୍ତି । ଏପଟେ ଶାରଦାଙ୍କ ବିନା ସୁମନ୍ତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଡବଲ ଗ୍ୟାରେଣ୍ଟି ମାହାଙ୍ଗାରେ ପ୍ରଶାସନ ର ଦାଦାଗିରିକୁ ମୁଦାକରି ନିର୍ବାଚନ ଜିତି ପ୍ରତାପ ଗଡକୁ ଭାଙ୍ଗି ଚୁରମାର କରିବାକୁ ଯୋରଦାର ଉଦ୍ୟମ କରୁଛନ୍ତି । ତେବେ ଗତ ନିର୍ବାଚନରେ ୩ୟ ସ୍ଥାନରେ ଥିବା ଦେବେନ୍ଦ୍ର କୁମାର ସାହୁଙ୍କୁ କଂଗ୍ରେସ ଦଳ ପୁଣି ଭରସାକରି ଦଳ ଏଠାରେ ମିରାକିଲ ସୃଷ୍ଟି କରି ସତ୍ତାକୁ ଫେରିବ ବୋଲି ଆଶା ବାନ୍ଧିଛି । ତେବେ ଶ୍ରୀ ସାହୁ ସ୍ଥାନୀୟ ଭୋଟରଙ୍କ ମନ କେତେ ଜିଣୁଛନ୍ତି ତାହା ଜୁନ ୧ରେ ଜଣାପଡିବ ।





## ରାଜନୈତିକ ଦଳ ସହିତ ସିଇଓଙ୍କ ବୈଠକ

# ସ୍ୱଚ୍ଛ, ଅବାଧ ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ ପାଇଁ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ବିହାରୀ ଧଳ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୈଠକ କରିଥିଲେ । ରାଜ୍ୟରେ ନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ, ଅବାଧ, ନିରପେକ୍ଷ, ତ୍ରୁଟିଶୂନ୍ୟ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ଶ୍ରୀ ଧଳ ସମସ୍ତ ରାଜନୈତିକ ଦଳର ସହଯୋଗ କାମନା କରିବା ସହ ଆଦର୍ଶ ଆଚରଣ ବିଧିର କଡ଼ାକଡ଼ି ଅନୁପାଳନ କରିବା ପାଇଁ ଅନୁରୋଧ କରିଥିଲେ ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ରାଜ୍ୟରେ ୪ଟି ଲୋକସଭା ଓ ୨୮ଟି ବିଧାନସଭା ନର୍ବାଚନମଣ୍ଡଳୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି, ସେଥିପାଇଁ ଆଜିର ଦିନକୁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ରୂପେ ଅଭିହିତ କରିଥିଲେ ଶ୍ରୀ ଧଳ । ଏହି ଅବସରରେ ସେ ନାମାଙ୍କନ ପତ୍ର ଦାଖଲ, ନାମାଙ୍କନ ପତ୍ର ଯାଞ୍ଚ, ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରକ୍ରିୟା, ନିର୍ବାଚନ ଓ ନିର୍ବାଚନ ଫଳ ପ୍ରକାଶ ପାଇବାର ତାରିଖ ଓ ପ୍ରକ୍ରିୟା ବିଷୟରେ ସବିଶେଷ ତଥ୍ୟ ରଖିଥିଲେ । ଏହି ବୈଠକରେ ସୁରକ୍ଷା ବ୍ୟବସ୍ଥା ବିଷୟରେ ମଧ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚିତ କରିଥିଲେ । ଇଭିଏମ୍ ଓ ଭିଭିପାଟର ସୁରକ୍ଷା ଓ କମିସନିଂ ବିଷୟରେ ଶ୍ରୀ ଧଳ ଉପସ୍ଥିତ ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ରାଜନୈତିକ ଦଳମାନେ 'ସୁବିଧା' ଆପରେ ଅନଲାଇନରେ ସବୁ ଅନୁମତି ପାଇଁ ଆବେଦନ କରିବାକୁ ସେ ଅନୁରୋଧ କରିଥିଲେ । ପ୍ରଚାର ସମୟରେ ବ୍ୟକ୍ତିଗତ ଆକ୍ଷେପରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ ।

ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ପ୍ରଚାର ବିଷୟରେ ଆଲୋଚନା କରି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିୟମ ଓ ଜନପ୍ରତିନିଧିତ୍ୱ ଅଧିନିୟମ-୧୯୫୧ର ବ୍ୟବସ୍ଥାକୁ ମାନି ଏକ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଦଳମାନେ ପ୍ରଚାର କରି ଏକ ସୁସ୍ଥ ଓ ମହାନ ଗଣତାନ୍ତ୍ରିକ ପଦ୍ଧତିର ଉଦାହରଣ ପ୍ରସ୍ତୁତ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତଙ୍କୁ ଅଭିପ୍ରେରିତ କରିଥିଲେ । ଆଦର୍ଶ ଆଚରଣ ବିଧିର ଅନୁପାଳନ କ୍ରମେ ନିର୍ବାଚନ ପ୍ରଚାର ପାଇଁ ସେ ସଭିଙ୍କୁ ଅନୁରୋଧ କରିଥିଲେ ।

ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅଦ୍ୟତନ ଭୋଟର ତାଲିକା ବିଷୟରେ ସୂଚନା ଦେଇ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା କ୍ଷେତ୍ରରେ ମୋଟ ୬୨,୮୪,୬୪୯ ଜଣ ଭୋଟର ଅଛନ୍ତି ବୋଲି ଜଣାଇଥିଲେ । ଏବେ ଓଡ଼ିଶାରେ ପ୍ରତି ୧୦୦୦ ପୁରୁଷ ଭୋଟର ତୁଳନାରେ ୯୭୪ ଜଣ ମହିଳା ଭୋଟର ଅଛନ୍ତି । ଯାହାକି ଜାତୀୟ ସ୍ତରରେ ମଧ୍ୟ ଖୁବ୍ ଭଲ ହାର ମଧ୍ୟରେ ଗଣନା ହେଉଛି । ଏହା ସହ ରାଜ୍ୟରେ ମୋଟ ଅଦ୍ୟତନ ଭୋଟର ସଂଖ୍ୟା ୩ କୋଟି ୩୬ ଲକ୍ଷ ପହଞ୍ଚିଥିବା ବିଷୟରେ ସେ ଅବଗତ କରାଇଥିଲେ ।

ଏହା ପରେ ରାଜନୈତିକ ଦଳର ପ୍ରତିନିଧିମାନେ ସେମାନଙ୍କର ବିଭିନ୍ନ ପ୍ରସଙ୍ଗ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ, ଯାହା ଉପରେ ସକରାତ୍ମକ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ସବ୍ୟସାଚୀ ହୋତା ଅଂଶଗ୍ରହଣ କରିଥିଲେ ।

ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସାମଗ୍ରିକ ନିର୍ବାଚନ ପ୍ରସ୍ତୁତି, ପ୍ରଚେଷ୍ଟା ଓ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ନିଜ ନିଜର ଆସ୍ଥା ପ୍ରକଟ କରିଥିଲେ ଓ ସୁସ୍ଥ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଲଢ଼ିବା ପାଇଁ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିଲେ ।



**'ସୁବିଧା' ଆପରେ ଅନଲାଇନରେ ଆବେଦନ କର**

**ପ୍ରଚାର ସମୟରେ ବ୍ୟକ୍ତିଗତ ଆକ୍ଷେପରୁ ଦୂରେଇ ରୁହ**

# ଗୋଦରେଜ୍ ଲା' ଆଫେୟାର୍‌ର ଷଷ୍ଠ ସଂସ୍କରଣ ସମାପନ

ଭୁବନେଶ୍ୱର,: ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ବିଳାସପୂର୍ଣ୍ଣ ଜୀବନଶୈଳୀ ପ୍ଲାଟଫର୍ମ ଗୋଦରେଜ୍ ଲା' ଆଫେୟାର୍‌ର ଷଷ୍ଠ ସଂସ୍କରଣ ଅଲ ଥିଙ୍ଗ୍‌ସ ଗୁଡ୍‌ନେସ୍ ପ୍ରଦର୍ଶନ ସହ ସମାପନ ହୋଇଛି। ଏଥିରେବିଭିନ୍ନ କ୍ଷେତ୍ରର ୧୫୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିବା ସହ ୫୦ ବ୍ରାଣ୍ଡ୍ ସାମିଲ ହୋଇ ଏକ ସ୍ମରଣୀୟଅନୁଭୂତି ସୃଷ୍ଟି କରିଥିଲେ।ଏଚ୍‌ଏସ୍‌ବିସି ଇଣ୍ଡିଆ ଦ୍ୱାରା ଉପସ୍ଥାପିତ ଏହି କାର୍ଯ୍ୟକ୍ରମରେ ଜୀବନଶୈଳୀ, ସଚେତନତା, ଫେସନ, ସ୍ୱାଦ, କାରିଗରୀ,ନବସୃଜନ, ଉଲ୍ଲାସ ଏବଂ ପରିବେଶ ଭଳି ଆଠଟି ଜୋନ୍ ରହିଥିଲା। କାର୍ଯ୍ୟକ୍ରମ ୪-୫ ଦିନ ପୂର୍ବରୁ ମାଇକ୍ରୋସାଇଟ୍‌କାର୍ଯ୍ୟକ୍ଷମ କରାଯାଇଥିଲା। ଏହି ସନ୍ଧ୍ୟାରେ ମଲାଇକା ଅରୋରାଙ୍କ ଦ୍ୱାରା ତାଙ୍କ ବ୍ରାଣ୍ଡ୍ ଦି ଲାବେଲ୍ ଲାଇଫ୍ ପକ୍ଷରୁ ଏକଫେସନ୍ ସୋ' ଆୟୋଜନ କରାଯାଇଥିଲା। ଏଚ୍‌ଏସ୍‌ବିସି ଇଣ୍ଡିଆର ଡିଜିଟାଲ୍ ଆଣ୍ଡ୍ ମାର୍କେଟିଂର ଗ୍ରାହକ ପ୍ରସ୍ତାବ ମୁଖ୍ୟ ଯସବିନ୍ଦର ସୋଢ଼ି କହିଛନ୍ତି ଯେ,ଗୋଦରେଜ୍ ଲା' ଆଫେୟାର ଯାତ୍ରାକୁ ଦୀର୍ଘ ଦିନ ଧରି ଅନୁସରଣ କରି ମୁଁ ପ୍ରକୃତରେ ପ୍ରଭାବିତ ହୋଇଥିଲି ଯେ, ଏହାଜୀବନ୍ତ ଜୀବନଶୈଳୀ ସମୁଦାୟ ଏକାଠି କରି ଉତ୍ତମ ସାରକୁ ପାଳନ କରୁଛି।

# ଦ୍ୱାର ଇ-ରେଜିଷ୍ଟ୍ରି ଓ ଆଇଆରଆରଆଇ ପକ୍ଷରୁ ଅଭିନବ କୃଷି ଅଭିଯାନର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶାର ମହିଳା କୃଷକଙ୍କ ଜୀବିକା ବୃଦ୍ଧି ଉଦ୍ଦେଶ୍ୟରେ ଦ୍ୱାର ଇ-ରେଜିଷ୍ଟ୍ରି ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ (ଆଇଆରଆରଆଇ) ମିଳିତ ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଡିଏ ଆଣ୍ଡ ଏଫଇ, ଭାରତ ସରକାର ଏବଂ ଓଆଇଆଇପିସିଆରଏ ପ୍ରକଳ୍ପ ଦ୍ୱାରା ସମର୍ଥିତ କ୍ଲାଇମେଟ୍ ସ୍ମାର୍ଟ ରାଇସ୍ ଆଧାରିତ ସମୃଦ୍ଧି ଏବଂ ସ୍ଥିରତା ବ୍ୟବସ୍ଥା (କ୍ଲାଇମେଟ୍ ପିଆରଓ) ପ୍ରକଳ୍ପର ଏକ ଅଂଶ ଭାବରେ ଏହି ଭାଗିଦାରୀ ଗାମ ଜିଲ୍ଲାରେ ଏକ ମହିଳାଙ୍କ ନେତୃତ୍ୱାଧୀନ କୃଷକ ଉତ୍ପାଦକ କମ୍ପାନୀ (ଏଫପିସି) ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ କୃଷି ଉତ୍ପାଦକତା ଏବଂ ସ୍ଥିରତା ବୃଦ୍ଧି ଉପରେ ଧ୍ୟାନ ଦେବ । ଏହି ସହଯୋଗର ପ୍ରାଥମିକ ଲକ୍ଷ୍ୟ ହେଉଛି କ୍ଷୁଦ୍ର ଚାଷୀ, ବିଶେଷକରି ମହିଳାମାନଙ୍କୁ ଜଳବାୟୁ ସହନଶୀଳ ଏବଂ ଉଚ୍ଚ ଉତ୍ପାଦନକାରୀ ପ୍ରଜାତିର ଧାନ, ଡାଲି, ତୈଳବୀଜ ଏବଂ ଅନ୍ୟାନ୍ୟ ଲାଭଦାୟକ ଫସଲ ସହିତ ପରିଚିତ କରାଇ ସେମାନଙ୍କୁ ସଶକ୍ତ କରିବା । ଏହା ସହିତ ଜଳବାୟୁ-ସ୍ମାର୍ଟ କୃଷି ପଦ୍ଧତି ଗ୍ରହଣ କରିବା ର ଲକ୍ଷ୍ୟ ହେଉଛି ଜଳବାୟୁ ପରିବର୍ତ୍ତନ ପ୍ରତି କୃଷକମାନଙ୍କର ମୁକାବିଲାରେ ଉନ୍ନତି ଆଣିବା, ଯାହା ଦ୍ୱାରା ସମଗ୍ର ଓଡ଼ିଶାରେ ସ୍ଥାୟୀ କୃଷି ବ୍ୟବସ୍ଥା ସୁନିଶ୍ଚିତ ହେବ । ଏହି ପଦକ୍ଷେପର ଏକ ପ୍ରମୁଖ ବୈଶିଷ୍ଟ୍ୟ ହେଉଛି ଏହାର ଉଦ୍ଦେଶ୍ୟ ହାସଲ କରିବା ପାଇଁ ଡିଜିଟାଲ ସମାଧାନର ଉପଯୋଗ ଉପରେ ଗୁରୁତ୍ୱ ଦେବା । ଦ୍ୱାର ଇ-ରେଜିଷ୍ଟ୍ରି ଦ୍ୱାରା ବିକଶିତ ଦୂରଦର୍ଶୀ ପ୍ଲାଟଫର୍ମ କୃଷି ମୂଲ୍ୟ ଶୃଙ୍ଖଳା ମଧ୍ୟରେ ଥିବା ସମସ୍ତ ଅଂଶୀଦାରଙ୍କ ପାଇଁ କୃଷି ସେବା ଉପଲବ୍ଧତାରେ ଉନ୍ନତି ଆଣି ଏହି ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ମୋବାଇଲ୍ ଏବଂ ୱେବ୍ ଆଧାରିତ ପ୍ଲାଟଫର୍ମ କୃଷକ ଏବଂ ଏଫପିଓ ଜମି ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ଗୁଡିକର ଡିଜିଟାଇଜେସନ୍‌କୁ ସକ୍ଷମ କରିଥାଏ, ଯାହା ସୂଚନା ଆଦାନପ୍ରଦାନର ଡିଜିଟାଲ ମାଧ୍ୟମରେ କୃଷି ଏବଂ ଫସଲ-ନିର୍ଦ୍ଦିଷ୍ଟ ଉତ୍ପାଦ ଏବଂ ସେବା ପ୍ରଦାନ କରିଥାଏ ।

DVARA E-Registry

# ବିଜେପିର ମିଶ୍ରଣ ପର୍ବ, ଶଙ୍ଖ ଛାଡ଼ି ପଦ୍ମ ଧରିଲେ ଏକାଧିକ ବିଜେଡି କର୍ମୀ



ଅନୁଗୁଳ, (ସବ୍ୟୁ): ଅନୁଗୁଳ ବିଧାନସଭା ନିର୍ବାଚନମଣ୍ଡଳୀ ୩ ନମ୍ବର ଜୋନ୍ ଅନ୍ତର୍ଗତ ଖଲାରୀ ମଣ୍ଡଳ ବଲାସିଂଘା ଗ୍ରାମ ପଞ୍ଚାୟତର ପଣ୍ଡପୁର ଓ ବିଶ୍ୱନାଥପୁର ଗ୍ରାମର ବହୁ ବିଜେଡି କର୍ମୀ ଗୁରୁବାର ବିଜେପିରେ ମିଶିଛନ୍ତି । ସ୍ଥାନୀୟ ମିଶ୍ରପଡାସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ରାଜ୍ୟ ବିଜେପି ଓବିସି ମୋର୍ଚ୍ଚାର ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ପ୍ରଧାନ (ନିଲୁ ଭାଇ) ସମସ୍ତଙ୍କୁ ସ୍ୱାଗତ କରିଥିଲେ । ବିଜେଡି ସରକାର ଦ୍ୱାରା ପ୍ରଚାର କରାଯାଉଥିବା ମିଥ୍ୟା ପ୍ରତିଶ୍ରୁତି, ଅନ୍ୟାୟ ଓ ଅନୀତିକୁ ବିରୋଧ କରି ବିଜେପିର କାର୍ଯ୍ୟରେ ଅନୁପ୍ରାଣିତ ହୋଇ କର୍ମୀମାନେ ପଦ୍ମ ଧରିଥିବା କହିଛନ୍ତି । ଶ୍ରୀ ପ୍ରଧାନ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୁଳ ବିଜେପି ନେତା ଦୁଃଖବନ୍ଧୁ ସାହୁ, ସୁନିଆ ବେହେରା, ଦୁଷ୍ମନ୍ତ ଗଡନାୟକ, ମାଧବ ଭୋଇ, ତ୍ରିନାଥ ବେହେରା, ମେଘନାଦ ସେଠୀ, ଅଞ୍ଜଳୀ ଭୋଇ, ବିନତା ଭୋଇ, ସନ୍ଧ୍ୟା ଭୋଇ, ନିହଲି ଭୋଇ ଓ ଟୁନା ଗଡନାୟକଙ୍କ ସମେତ ବହୁ ଯୁବନେତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଇଚ୍ଛାବତୀ ରଥଙ୍କ ୯୫ତମ ଜନ୍ମ ଉତ୍ସବ

କଟକ, (ସ୍ୱପ୍ର) : କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯୫ତମ ଜନ୍ମଦିନ ଉତ୍ସବ ପବିତ୍ର ଅଶୋକାଷ୍ଟମୀରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ତାଙ୍କ ନାମରେ ନାମିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଇଚ୍ଛାବତୀ ଛାତ୍ରୀ ନିବାସରେ ବିଶେଷ ଉତ୍ସବ ଆୟୋଜନ କରାଯାଇଥିଲା । ଛାତ୍ରୀନିବାସର ଅନ୍ତେବାସୀ ମା ଇଚ୍ଛାବତୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ମାଲ୍ୟାର୍ପଣ ସହ ତାଙ୍କର ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ସୁପୁତ୍ର ତଥା ମୁଖ୍ୟପୁରୋଧା ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଦୀପ୍ତ ଚନ୍ଦ୍ର ରଥ, ଜାମାତା ତଥା ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମା ଇଚ୍ଛାବତୀଙ୍କ ଧର୍ମପରାୟଣତା, ସେବା, ପରୋପକାର ଓ ଶ୍ରଦ୍ଧାଶୀଳ ମନୋଭାବର ସ୍ମୃତି ଚାରଣ କରି କିଭଳି ସେ ତାଙ୍କର ଜନ୍ମଦିନରେ ଡ୍ରିମ୍‌ସକୁ ଆସି ଛାତ୍ରଛାତ୍ରୀଙ୍କୁ ପ୍ରାର୍ଥନା ଜରିଆରେ ଭଲ ମଣିଷ ହେବାକୁ ଦିଗ୍‌ଦର୍ଶନ ଦେବା ସହିତ କଲ୍ୟାଣ କରୁଥିଲେ ତାହା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଲୋକନାଥ ବେହେରା, ସଚିବ ସୁଧାଂଶୁ ଭୂଷଣ କର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଛାତ୍ରୀ ନିବାସ ଅଧୀକ୍ଷକ ପ୍ରାଧ୍ୟାପିକା ସାଗରିକା ନାୟକ, ପ୍ରଦୀପ କୁମାର ଷଡଙ୍ଗୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଅନ୍ୟ ପଦାଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଶେଷରେ କେକ୍ କଟା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏତଦ୍‌ବ୍ୟତୀତ କଏରାପାରୀ ସ୍ଥିତ ଦୁର୍ଗାଙ୍କ ମନ୍ଦିରରେ ରଥ ପରିବାର ପକ୍ଷରୁ ଦୀପଦାନ ଓ ଗରିବ ଛାତ୍ରଛାତ୍ରୀଙ୍କୁ ପାଠ୍ୟୋପକରଣ ପ୍ରଦାନ କରାଯାଇଥିଲା ।



# ପ୍ରଫେସରଙ୍କ ଅକାଳ ବିୟୋଗ

ଭୁବନେଶ୍ୱର, (ସବ୍ୟୁ): ଗିଫ୍ଟ ସ୍ୱୟଂଶାସିତ କଲେଜର ଏମ୍‌ବିଏ ବିଭାଗର ପ୍ରଫେସର ଡଃ. ଦେବରାଜ ମିଶ୍ରଙ୍କ ଏକ ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି । ଏ ଖବର ପ୍ରଘଟ ହେବା ପରେ ଗିଫ୍ଟ କଲେଜରେ ଶୋକାକୂଳ ପରବେଶ ସୃଷ୍ଟି ହୋଇଛି । ଡଃ. ମିଶ୍ରଙ୍କର ବନ୍ଧୁ ଭାବେ ଗିଫ୍ଟର ଭାଇସ୍ ଚେୟାରମ୍ୟାନ୍ ଡଃ. ପତିତପାବନ ପଣ୍ଡା ସତ୍ୟନଗର ସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର ସମୟରେ ଉପସ୍ଥିତ ରହି ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏହି ଅନ୍ତିମ ସଂସ୍କାରରେ ଗିଫ୍ଟର ପାଖାପାଖି ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ୍ ହୋଇ ତାଙ୍କ ପ୍ରିୟ ପ୍ରଫେସରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ। ଏଥିପାଇଁ କଲେଜର ମୁଖ୍ୟ ଦ୍ୱାରରେ ଅଧ୍ୟକ୍ଷ ଡ଼ଃ. ଶରତ କୁମାର ମହାରଣାଙ୍କ ଆବାହନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡଃ. ମିଶ୍ରଙ୍କର ଫଟୋଚିତ୍ରରେ ଗିଫ୍ଟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ତାଙ୍କ ଆତ୍ମାର ସଦଗତି ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଡଃ. ମିଶ୍ର ୧୧ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗିଫ୍ଟ କଲେଜରେ ଶିକ୍ଷାଦାନ କରିଆସୁଥିଲେ। ସେ ଭିସୁଟ୍ ବୁର୍ଲାରୁ ୧୯୮୩ ମସିହାରେ ମେକାନିକାଲ ବିଭାଗରୁ ବିଟେକ କରିଥିଲେ। ଇଷ୍ଟ କଲେଜରୁ ଏମ୍‌ଟେକ୍ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ଉପାଧି ପାଇଥିଲେ। ସେ ଅତ୍ୟନ୍ତ ସରଳ, ଆମାୟିକ ଛାତ୍ରବତ୍ସଳ ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ।



# ସଙ୍ଗୀତା ଶତପଥୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର



କଟକ, (ସ୍ୱପ୍ର): ପ୍ରଚଣ୍ଡ ରୌଦ୍ରତାପକୁ ଆଖିଆଗରେ ରଖି ପବିତ୍ର ରାମନବମୀ ଅବସରରେ ସଙ୍ଗୀତା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କଲ୍ୟାଣୀନଗର ଠାରେ ଜଳଛତ୍ର କେନ୍ଦ୍ର ସ୍ଥାପନା କରାଯାଇଛି । ରାସ୍ତାରେ ଯାତାୟତ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଦହିପାଣି ବଣ୍ଟନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା କୃଷ୍ଣପ୍ରସାଦ ଶତପଥୀ, ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ନିତିଶ ଜେନା, ଡଃ ବ୍ୟୋମକେଶ କାନୁନଗୋ, ପୂର୍ଣ୍ଣେନ୍ଦୁ ଜେନା, ଜୀବନ ମହାନ୍ତି, ମାନସ ସ୍ୱାଇଁ, ଦେବଦତ୍ତ ମାହାଲୀ, ଆୟୁସ ପଟ୍ଟନାୟକ, ଅବିନାଶ ସ୍ୱାଇଁ, ଆଶିଷ ଅଗ୍ରୱାଲ, ଲୋକମୋହନ ରାଉତରାୟଙ୍କ ସମେତ ବହୁକର୍ମକର୍ତ୍ତା ଉପସ୍ଥିତ ରହି ଦହିପାଣି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଇଭିଏମ୍‌ରେ ଅଧିକ ଭୋଟ ଯାଞ୍ଚ କର



ନୂଆଦିଲ୍ଲୀ : କେରଳରେ ମକ୍ ପୋଲ୍ ବା ଇଭିଏମ ପରୀକ୍ଷା ଚାଲିଥିଲାବେଳେ ଭାରତୀୟ ଜନତା ପାର୍ଟି ସପକ୍ଷରେ ଅଧିକ ଭୋଟ୍ ପଡ଼ିବା ନେଇ ଅଭିଯୋଗ ଉଠିଛି । ଏହି ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରିବାକୁ ସୁପ୍ରିମ କୋର୍ଟ ଭାରତର ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଇଭିଏମର ସମସ୍ତ ଭିଭିପାଟ୍ ଯାଞ୍ଚ ଓ ଗଣତି ନେଇ ଚାଲିଥିବା ମାମଲାର ଶୁଣାଣି ଅବସରରେ ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମ ବା ଏଡିଆର ପକ୍ଷରୁ ଅଧିବକ୍ତା ପ୍ରଶାନ୍ତ ଭୂଷଣ କୋର୍ଟଙ୍କ ଆଗରେ ଏହି ପ୍ରସଙ୍ଗ ଉତ୍‌ଥାପନ କରିଥିଲେ । ସେ ମିଡିଆ ରିପୋର୍ଟ ଉଦ୍ଧାର କରି କେରଳର କସରଗଡ଼ରେ ଇଭିଏମରେ ଗୋଟେ ପାର୍ଟିକୁ ଭୋଟ୍ ଦେଲେ ଆଉ ଗୋଟେ ପାର୍ଟିକୁ ପଳାଉଛି ବୋଲି ଉଲ୍ଲେଖ କରିଥିଲେ । ମାମଲାର ଶୁଣାଣି କରୁଥିବା ବିଚାରପତି ସଞ୍ଜୀବ ଖାନ୍ନା ଓ ଦୀପଙ୍କର ଦତ୍ତ ଅଧିବକ୍ତା ଭୂଷଣଙ୍କ ନିବେଦନକୁ ଗ୍ରହଣ କରି ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତର ନିର୍ବାଚନ କମିଶନଙ୍କୁ ମୌଖିକ ନିର୍ଦ୍ଦେଶ ଦେଇଛନ୍ତି । କେରଳର କସରଗଡ଼ରେ ଇଭିଏମ ପ୍ରଦର୍ଶନ ଯାଞ୍ଚ ଚାଲିଥିଲାବେଳେ ତିନିଟି ଇଭିଏମର ଭିଭିପାଟ୍ ବିଜେପି ସପକ୍ଷରେ ଗୋଟିଏ ଲେଖାଏଁ ଅଧିକ ସ୍ଲିପ୍ ପ୍ରିଣ୍ଟ କରିଥିଲେ । ମୋଟ ଉପରେ ୧୦ଟି ଭିଭିପାଟ୍ ସଂଯୁକ୍ତ ଇଭିଏମ ଥିଲା । ଅଧିକ ବାହାରିଥିବା ଭିଭିପାଟ୍ ସ୍ଲିପରେ ପଦ୍ମ ଚିହ୍ନ ଥିଲା ଓ ଏହା ଗଣତି ପାଇଁ ନୁହେଁ ବୋଲି ଲେଖାଯାଇଥିଲା ।

ସେଠାକାର କଂଗ୍ରେସ ପ୍ରାର୍ଥୀ ରାଜମୋହନ ଉନ୍ନିଥନଙ୍କ ମୁଖ୍ୟ ନିର୍ବାଚନ ପ୍ରତିନିଧି ଅଧିବକ୍ତା ବିଏମ ଜମାଲ ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଅଧିବକ୍ତା ପ୍ରଶାନ୍ତ ଭୂଷଣଙ୍କଠାରୁ ଏଭଳି ଶୁଣିଲା ପରେ ସେଠାରେ ଉପସ୍ଥିତ ଥିବା ନିର୍ବାଚନ କମିଶନଙ୍କ ଅଧିବକ୍ତାଙ୍କୁ ଏ ସମସ୍ୟାର ସମାଧାନ କରିବା ପାଇଁ ବିଚାରପତି ମୌଖିକ ନିର୍ଦ୍ଦେଶ ଦେଇଥିଲେ ।

# ୟୁକ୍ରେନ ଉପରେ କ୍ଷେପଣାସ୍ତ୍ର ମାଡ଼, ୧୭ ମୃତ



କିଭ୍ : ୟୁକ୍ରେନର ଚେର୍ନିହିଭ୍ ସହରରେ ପୁଣି ଥରେ ମିଶାଇଲ ମାଡ଼ କରିଛି ଋଷ । ଏଥିରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି । ଋଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ପୂରି ସାରିଥିବା ବେଳେ ଥମୁନି ଯୁଦ୍ଧର ତାଣ୍ଡବ । ନା ଋଷ ପଛକୁ ହଟୁଛି ନା ୟୁକ୍ରେନ ମୁଣ୍ଡ ନୁଆଁଉଛି । ଏହା ମଧ୍ୟରେ ଋଷ ଥରକୁ ଥର ୟୁକ୍ରେନ ଉପରେ ଭୟଙ୍କର ହାମଲା କରିବାକୁ ପଛାଉ ନାହିଁ । ୟୁକ୍ରେନର ଚେର୍ନିହିଭ୍ ସହରରେ ପୁଣି ଥରେ ମିଶାଇଲ ମାଡ଼ କରିଛି ଋଷ । ଏଥିରେ ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬୦ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୩ ଶିଶୁ ଥିବା ଜଣାଯାଇଛି ।

ଚେର୍ନିହିଭ୍ ୟୁକ୍ରେନର ରାଜଧାନୀ କିଭଠାରୁ ୧୫୦ କିମି ଦୂରରେ ଅବସ୍ଥିତ ଥିବା ବେଳେ ଏହା ଋଷ ଓ ବେଲାଋଷ ସୀମା ନିକଟରେ ଅବସ୍ଥିତ । ଚେର୍ନିହିଭରେ ଥିବା ଏକ ୮ ମହଲା ବିଲ୍ଡିଂ ଉପରକୁ ଅତର୍କିତ ଭାବେ ଋଷ ମିଶାଇଲ ମାଡ଼ କରିଥିଲା । ଏହି ଆକ୍ରମଣରେ ବିଲ୍ଡିଂଟି ଭୁଶୁଡ଼ି ପଡ଼ିଥିବା ବେଳେ ଘଟଣାସ୍ଥଳରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ଗୁରୁତର ହୋଇଥିବା ୬୦ ଜଣଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଛି । ଋଷ-ୟୁକ୍ରେନ ଯୁଦ୍ଧକୁ ଦୁଇ ବର୍ଷ ପୂରି ସାରିଥିବା ବେଳେ ପଶ୍ଚିମ ଦେଶମାନଙ୍କ ତରଫରୁ ସେପରି ଆଖିଦୃଶିଆ ସହଯୋଗ ମିଳୁ ନଥିବା ୟୁକ୍ରେନ ପକ୍ଷରୁ ଅଭିଯୋଗ ହୋଇଛି । ଏହାର ସୁଯୋଗ ନେଇ ଋଷ ଥରକୁ ଥରୁ ଘାତକ ଆକ୍ରମଣ କରିବାକୁ ପଛାଉ ନାହିଁ ।

ଏ ସମ୍ପର୍କରେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲାଦିମିର ଜେଲେସ୍କି କହିଛନ୍ତି, ଆମ ପାଖରେ ମହଜୁଦ ଥିବା ସମସ୍ତ ବାୟୁ ରକ୍ଷା ଉପକରଣ ଶେଷ ହୋଇ ଗଲାଣି । ତେଣୁ ଅଧିକରୁ ଅଧିକ ବାୟୁ ପ୍ରତିରକ୍ଷା ସିଷ୍ଟମ ପ୍ରଦାନ ନିମନ୍ତେ ପଶ୍ଚିମ ଦେଶମାନଙ୍କୁ ଅନୁରୋଧ କରାଯାଇଛି । ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ବାୟୁ ରକ୍ଷା ଉପକରଣ ଥିଲେ, ମିଶାଇଲ ତଥା ଡ୍ରୋନ ଆକ୍ରମଣକୁ ପ୍ରତିହତ କରାଯାଇ ପାରନ୍ତା । ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଯୁଦ୍ଧ ପରିସ୍ଥିତିର ସମ୍ମୁଖୀନ ହେଉଥିବା ୟୁକ୍ରେନକୁ ସହାୟତାର ହାତ ବଢ଼େଇ ଆସିଛନ୍ତି ଆମେରିକା, ବ୍ରିଟେନ୍, କାନାଡା, ଫ୍ରାନ୍ସ, ଜର୍ମାନୀ, ଗ୍ରିସ, ହଙ୍ଗେରୀ ସମେତ ୩୦ଟି ଦେଶ ।

ସେପଟେ ଋଷିଆକୁ ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ନିଜ ସମର୍ଥନ ଜଣାଇ ଆସୁଛି ଚୀନ । ଅନ୍ୟପଟେ ଭାରତ ମଧ୍ୟ ଯୁଦ୍ଧକୁ ନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛି । ଆଲୋଚନା ମାଧ୍ୟମରେ ଯୁଦ୍ଧ ସମସ୍ୟା ସମାଧାନ କରିବାକୁ କହିଛି ଭାରତ ।

ଯୁଦ୍ଧ ପଛରେ ରହିଛି ଅନେକ କାରଣ । ସେଥିମଧ୍ୟରୁ ଗୋଟିଏ ମୁଖ୍ୟ କାରଣ ହେଉଛି ୟୁକ୍ରେନକୁ ନିଜ ଛତ୍ରଛାୟା ତଳେ ରଖିବାକୁ ଚାହେଁ ଋଷ । ହେଲେ ସେପଟେ ୟୁକ୍ରେନ ନିଜକୁ ଏକ ସ୍ୱାଧିନ ଦେଶ ଭାବି ନିଜ ହିସାବରେ ନିଷ୍ପତି ନେବାରେ ଲାଗିଛି । ଆଉ ଯେବେଠାରୁ ୟୁକ୍ରେନ୍ ନାଟୋର ସଦସ୍ୟ ହେବା ପାଇଁ ମନ ବଳାଇଛି । ସେବେଠାରୁ ୟୁକ୍ରେନକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇ ଆସୁଛନ୍ତି ରାଷ୍ଟ୍ରପତି ପୁଟିନ୍ । ଆଉ ଶେଷରେ ୟୁକ୍ରେନ୍ ଉପରେ ଋଷ କରିଥିଲା ଆକ୍ରମଣ ।

## ଲୋକସଭା ନିର୍ବାଚନ ପାଇଁ ଚାଲିବ ସ୍ୱତନ୍ତ୍ର ଟ୍ରେନ

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ମତଦାନ ୧୯ ଏପ୍ରିଲ ୨୦୨୪ରେ ହେବ । ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ରେଳବାଇ ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି । ଚେନ୍ନାଇ କେନ୍ଦ୍ରୀୟ ରେଳ ଷ୍ଟେସନରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଦକ୍ଷିଣ ରେଳବାଇ ଘୋଷଣା କରିଛି । ଭୋଟ୍ ଦିନ ଭୋଟ୍ ଦେବା ପରେ ଏହା ଯାତ୍ରୀମାନଙ୍କୁ ନିଜ କାର୍ଯ୍ୟ ସ୍ଥାନକୁ ଫେରିବାରେ ସାହାଯ୍ୟ ମଧ କରିବ ୧୯ ଏପ୍ରିଲ ୨୦୨୪ରେ ତାମିଲନାଡୁର ୩୯ଟି ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯିବ । ଦକ୍ଷିଣ ରେଳବାଇ ଦ୍ୱାରା ଜାରି ସରକାରୀ ବିଜ୍ଞପ୍ତି ଅନୁଯାୟୀ ଚେନ୍ନାଇରୁ ବେଙ୍ଗାଲୁରୁର ହ୍ୱାଇଟଫିଲ୍ଡ ରେଳ ଷ୍ଟେସନ ପର୍ଯ୍ୟନ୍ତ ଲୋକସଭା ନିର୍ବାଚନ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୬୦୦୫/୦୬୦୦୬ ଚେନ୍ନାଇ ସେଣ୍ଟ୍ରାଲ ରେଳ ଷ୍ଟେସନରୁ ୧୮ ଏପ୍ରିଲ ଏବଂ ୨୦ ଏପ୍ରିଲ ୨୦୨୪ରେ ସକାଳ ୫.୩୫ ରେ ଛାଡି ମଧ୍ୟାହ୍ନ ୧୨ଟାରେ ବେଙ୍ଗାଲୁରୁରେ ପହଞ୍ଚିବ ଏହି ସ୍ୱତନ୍ତ୍ର ଟ୍ରେନ୍ ବେଙ୍ଗାଲୁରୁରୁ ଦିନ ୧ଟାରେ ଛାଡି ସନ୍ଧ୍ୟା ୭ଟାରେ ଚେନ୍ନାଇରେ ପହଞ୍ଚିବ ୧୮ ଓ ୨୦ ଏପ୍ରିଲରେ ଡାଉନ୍ ଟ୍ରେନ୍ ମଧ ଚଳାଚଳ କରିବ ଏଥିରେ ଏସି ପ୍ରଥମ ଶ୍ରେଣୀ ବ୍ୟତୀତ ଦୁଇଟି ଏସି ଟୁ ଟାୟାର, ଏସି ୩ ଟାୟାର, ସ୍ଲିପର କୋଚ ଏବଂ ତିନୋଟି ସାଧାରଣ କୋଚ୍ ମଧ ରହିବ ଚେନ୍ନାଇ ଏବଂ ବେଙ୍ଗାଲୁରୁ ବ୍ୟତୀତ ଦକ୍ଷିଣ ରେଳବାଇ ମଧ ତାମ୍ବରମ୍ ଏବଂ କନ୍ୟାକୁମାରୀ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି । ତାମ୍ବରମ୍ ଏବଂ କନ୍ୟାକୁମାରୀ (୦୬୦୦୧/୦୬୦୦୨) ମଧ୍ୟରେ ଏହି ଟ୍ରେନ ଚାଲିବ ତାମ୍ବରମ୍-କନ୍ୟାକୁମାରୀ ସୁପରଫାଷ୍ଟ ସ୍ପେଶାଲ୍ ୧୮ ଏବଂ ୨୦ ଏପ୍ରିଲରେ ସନ୍ଧ୍ୟା ୪.୪୫ ରେ ତାମ୍ବରମରୁ ଛାଡି ପରଦିନ ସକାଳ ୪.୪୦ରେ କନ୍ୟାକୁମାରୀରେ ପହଞ୍ଚିବ । ଯେତେବେଳେ କି କନ୍ୟାକୁମାରୀରୁ ଟ୍ରେନ୍ ୧୯ ଓ ୨୧ ଏପ୍ରିଲରେ ରାତି ୮.୩୦ ରେ ଛାଡି ଦିନ ୯ଟା ୨୦ରେ ତାମ୍ବରମରେ ପହଞ୍ଚିବ । ତାମିଲନାଡୁରେ ହେବାକୁ ଥିବା ନିର୍ବାଚନକୁ ଦୃଷ୍ଟିରେ ରଖି ଦକ୍ଷିଣ ରେଳବାଇ ମଧ ଚେନ୍ନାଇ ଏଗମୋର-କୋଏମ୍ବାଟୁର ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି ।

# ରାଜ କୁନ୍ଦ୍ରାଙ୍କ ୯୮ କୋଟିର ସମ୍ପତ୍ତି ଜବତ କଲା ଇଡି



ମୁମ୍ବାଇ:ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟିଙ୍କ ସ୍ୱାମୀ ତଥା ବିଜନେସମ୍ୟାନ ରାଜ କୁନ୍ଦ୍ରାଙ୍କୁ ଲାଗିଛି ଶକ୍ତ ଝଟକା । ରାଜଙ୍କ ୯୭. ୭୯ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି ଇଡି । ଏହା ମଧ୍ୟରେ ବହୁ ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ଜଣାଯାଇଛି । ବିଟି କଏନ ପୁଞ୍ଜି ସ୍କାମରେ ଜଡ଼ିତ ଥିବା ରାଜଙ୍କ ବିରୋଧରେ ଏପରି ଆକ୍ସନ ନେଇଛି ଇଡି । ଜବତ ସମ୍ପତ୍ତି ମଧ୍ୟରେ ଜୁହୁସ୍ଥିତ ଏକ ଫ୍ଲାଟ, ପୁଣେରେ ଥିବା ଏକ ବଙ୍ଗଳା ଓ ରାଜଙ୍କ ନାମରେ ଥିବା ଇକ୍ୟୁଟି ସେଆର ରହିଛି । ଜୁହୁସ୍ଥିତ ଫ୍ଲାଟ ରାଜଙ୍କ ପତ୍ନୀ ତଥା ଅଭିନେତ୍ରୀ ଶିଳ୍ପାଙ୍କ ନାଁରେ ଥିବା ଜଣାଯାଇଛି । ପ୍ରଥମେ ମହାରାଷ୍ଟ୍ର ପୁଲିସ୍ ଓ ଦିଲ୍ଲୀ ପୁଲିସ୍ ପକ୍ଷରୁ ମାମଲା ରୁଜୁ ହୋଇଥିଲା । ପରେ ଏହି ମାମଲାର ତଦନ୍ତ ଭାର ଇଡି ହାତକୁ ଚାଲି ଯାଇଥିଲା ।

ଏହି ମାମଲାରେ ପ୍ରଥମେ ସ୍ୱର୍ଗତ ଅମିତ ଭରଦ୍ୱାଜ, ଅଜୟ ଭରଦ୍ୱାଜ, ବିବେକ ଭରଦ୍ୱାଜ, ସିମ୍ପି ଭରଦ୍ୱାଜ, ମହେନ୍ଦ୍ର ଭରଦ୍ୱାଜ ପ୍ରମୁଖ ଅଭିଯୁକ୍ତ ଥିଲେ । ଅଧିକ ୧୦% ଟଙ୍କା ପ୍ରଦାନର ଲୋଭ ଦେଖାଇ ଅଭିଯୁକ୍ତମାନେ ସାଧାରଣ ଲୋକଙ୍କଠାରୁ ୨୦୧୭ ମସିହାରେ କେବଳ ୬,୬୦୦ କୋଟି ଟଙ୍କା ସଂଗ୍ରହ କରିଥିଲେ । ଏପରିକି ମାସକୁ ବିଟି କଏନ ଆକାରରେ ୧୦% ପ୍ରଦାନ କରାଯିବ ବୋଲି କୁହାଯାଇଥିଲା । ଲୋକେ ମଧ ବିଟି କଏନ ପାଇବା ଆଶାରେ ବିପୁଳ ପରିମାଣର ଟଙ୍କା ଏଥିରେ ବିନିଯୋଗ କରିଥିଲେ । ମାତ୍ର ପରେ ଆଉ ସଂସ୍ଥା କର୍ମଚାରୀଙ୍କ ଦେଖା ମିଳି ନ ଥିଲା । ଇଡି ଏହି ମାମଲାର ତଦନ୍ତ କରିବା ପରେ ଏହି ମାମଲାର ମାଷ୍ଟର ମାଇଣ୍ଡ ଅମିତ ଭରଦ୍ୱାଜଙ୍କ ନିକଟରୁ ରାଜ କୁନ୍ଦ୍ରା ୨୮୫ ବିଟି କଏନ ପାଇଥିବା ଅଭିଯୋଗ ହୋଇଥିଲା । ଏହାର ମୂଲ୍ୟ ୧୫୦ କୋଟି ଟଙ୍କା ହେବ ବୋଲି ଜଣାଯାଇଛି । ଏହା ବଦଳରେ ରାଜ କୁନ୍ଦ୍ରା ୟୁକ୍ରେନରେ ବିଟି କଏନ ନିର୍ମାଣ ନିମନ୍ତେ ଏକ ଫ୍ୟାକ୍ଟ୍ରି ସ୍ଥାପନ କରିବେ ବୋଲି ଡିଲ୍ ହୋଇଥିଲା । ମାତ୍ର ତାହା ଫଳପ୍ରଦ ହୋଇ ପାରି ନ ଥିଲା । ଏହି ଘଟଣାରେ ସିମ୍ପି ଭରଦ୍ୱାଜ, ନିତୀନ ଗୌର ଓ ନିଖିଳ ମହାଜନ ନାମକ ୩ ବ୍ୟକ୍ତିଙ୍କୁ ପୂର୍ବରୁ ଗିରଫ କରାଯାଇଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଜୟ ଭରଦ୍ୱାର ଓ ମହେନ୍ଦ୍ର ଭରଦ୍ୱାଜ ଏବେବି ଫେରାର ଅଛନ୍ତି ।

## ସଲମାନଙ୍କ ଘର ବାହାରେ ଗୁଳି ଫୁଟିବା ଘଟଣା

# ଅଭିଯୁକ୍ତଙ୍କୁ ଦିଆଯାଇଥିଲା ସୁପାରି

ହାଇଦ୍ରାବାଦ : ଏପ୍ରିଲ ୧୪ ତାରିଖରେ ସଲମାନ ଖାନଙ୍କ ମୁମ୍ବାଇସ୍ଥିତ ବାନ୍ଦ୍ରା ଅଞ୍ଚଳର ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ହୋଇଥିବା ଗୁଳିମାଡ଼ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ପୁଲିସ ଗିରଫ କରିଥିଲାଛ ଗିରଫ ଦୁଇ ଅଭିଯୁକ୍ତଙ୍କ ନାମ ବିକି ଗୁପ୍ତା ଏବଂ ସାଗର ପାଲ ରହିଥିବା ଜଣାପଡ଼ିଛି । ପୁଲିସ ସୂତ୍ରରୁ ପ୍ରକାଶ, ସୁନୀଲ ପାଲ ଏବଂ ବିକି ଗୁପ୍ତା ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ଗୁଳି କରିବା ପରେ ମୁମ୍ବାଇରୁ ଭୁଜ ଅଭିମୁଖେ ପଳାଇ ଯାଇଥିଲେ । ଏହପରେ ସୁରଟରେ ଯାଇ ମୋବାଇଲ୍ ଫୋନର ସିମ୍ କାର୍ଡ ବଦଳାଇଥିଲେ । ଏହାକୁ ସେମାନେ ଯୋଗାଯୋଗ ପାଇଁ ବ୍ୟବହାର କରୁଥିଲେ । ସନ୍ଦିଗ୍ଧଙ୍କୁ କାବୁ କରିବା ପରେ କ୍ରାଇମବ୍ରାଞ୍ଚ ପୁଲିସ ଦୁହିଁଙ୍କୁ ହରିୟାଣାରୁ ମୁମ୍ବାଇକୁ ଆଣି ଯାଞ୍ଚ ଜାରି ରଖିଛି । ଯାଞ୍ଚରୁ ଜଣାପଡ଼ିଛି ଉଭୟ ସାଗର ପାଲ ଏବଂ ତାର ସହଯୋଗୀ ବିକି ଗୁପ୍ତାଙ୍କୁ ସଲମାନଙ୍କ ଘର ଉପରକୁ ଗୁଳି କରିବା ପାଇଁ ୪ଲକ୍ଷ ଟଙ୍କାର ସୁପାରି ଦିଆଯାଇଥିଲା । ଗୁଳିକାଣ୍ଡ ପୂର୍ବରୁ ଦୁହିଁଙ୍କୁ ୧ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ କାମ ଶେଷ ହେଲେ ଅବିଶିଷ୍ଟ ଟଙ୍କା ମିଳିବ ବୋଲି ସାଗର ଓ ବିକିକୁ ପ୍ରତିଶ୍ରୁତି ଦିଆଯାଇଥିଲା । ମୁମ୍ବାଇ କ୍ରାଇମବ୍ରାଞ୍ଚ କହିଛି, ଅଭିଯୁକ୍ତମାନେ ପାନଭେଲରେ ସଲମାନ ଖାନଙ୍କ ଫାର୍ମହାଉସ ଉପରେ ନଜର ରଖିଥିଲେ । ତାଙ୍କର ଉଦ୍ଦେଶ୍ୟ କେବଳ ସଲମାନଙ୍କୁ ଭୟଭୀତ କରିବା ଥିଲା, ହତ୍ୟା କରିବା ନୁହେଁ । ଅନ୍ୟପଟେ ଏହି ଘଟଣା ପାଇଁ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନମୋଲ ବିଷ୍ଣୋଇ ନିଜକୁ ଦାୟୀ କରିଛି । ଅନମୋଲ ଏକ ଫେସବୁକ ପୋଷ୍ଟ କରି ସଲମାନଙ୍କୁ ଏହା କେବଳ ଏକ ଟ୍ରେଲର ବୋଲି ଚେତାବନୀ ଦେଇଥିଲା ।

# ଇରାନ ଜବତ କରିଥିବା ଜାହାଜରୁ ଜଣେ ଭାରତୀୟ ମହିଳା ମୁକ୍ତ

ନୂଆଦିଲ୍ଲୀ : ୨୫ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୧୭ଜଣ ଭାରତୀୟ ଥିଲେ । ଏବେ ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ ମହିଳା ତଥା ଜାହାଜର ନାବିକ ଭାରତ ଫେରିଛନ୍ତି । ଇସ୍ରାଏଲ ସହ ତିକ୍ତତା ମଧ୍ୟରେ ଇରାନ ଷ୍ଟ୍ରେଟ୍ ଅଫ ହରମୋଜ ନିକଟରୁ ଜବତ କରିଥିବା ଜାହାଜରେ ଫସିଥିବା ଜଣେ ଭାରତୀୟ ମହିଳା ଆଜି ସ୍ୱଦେଶ ଫେରିଛନ୍ତି । ଇରାନ ଏପ୍ରିଲ ୧୩ରେ ଇସ୍ରାଏଲ ସହ ଜଡ଼ିତ ଗୋଟିଏ ପଣ୍ୟବାହୀ ଜାହାଜକୁ ଜବତ କରିଥିଲା । ଏଥିରେ ଥିବା ୨୫ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ଥିଲେ । ଏବେ ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ ମହିଳା ତଥା ଜାହାଜର ନାବିକ ଭାରତ ଫେରିଛନ୍ତି । କିନ୍ତୁ ଅନ୍ୟ ୧୬ ଭାରତୀୟ କେବେ ଫେରିବେ, ତା'ର ଉତ୍ତର କାହା ପାଖରେ ନାହିଁ । ଜାହାଜର ନାବିକ ଭାରତ ଫେରିଥିବା ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସୱାଲ ଏକ୍ସ ଯୋଗେ ସୂଚନା ଦେଇଛନ୍ତି ।

ସେ କହିଛନ୍ତି, ତେହରାନରେ ଥିବା ଭାରତୀୟ ଦୂତାବାସର ନିରବଚ୍ଛିନ୍ନ ପରିଶ୍ରମ ଓ ଇରାନ ସରକାରଙ୍କ ସମର୍ଥନ ଯୋଗୁ କେରଳର ଥ୍ରିସୁରରେ ରହୁଥିବା ଇଣ୍ଡିଆନ ଡେକ୍ କ୍ୟାଡେଟ୍ ଆନ୍ନ ତିସା ଯୋଶେଫ ସୁରକ୍ଷିତ ଭାବେ କୋଚିନ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଅବତରଣ କରିଛନ୍ତି । ଜାହାଜ ଜବତ ଘଟଣାରେ ଭାରତୀୟ ଦୂତାବାସ କାମ କରି ଚାଲିଛି ଓ ବାକି ୧୬ ଭାରତୀୟ କ୍ରୁ'ଙ୍କୁ ମୁକୁଳାଇବା ପାଇଁ ଉଦ୍ୟମ ଜାରି ରଖିଛି । ଜବତ ଜାହାଜରେ ଥିବା କ୍ରୁ ସଦସ୍ୟମାନେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ।

ଭାରତରେ ରହୁଥିବା ସେମାନଙ୍କ ପରିବାର ଲୋକଙ୍କ ସହ ମଧ କଥା ହେଉଛନ୍ତି । ଭାରତ ସରକାର କ୍ରୁ ସଦସ୍ୟଙ୍କୁ ଫେରାଇ ଆଣିବା ପାଇଁ ଇରାନ ସରକାରଙ୍କ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି । ଏହାପୂର୍ବରୁ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ତାଙ୍କ ଇରାନ ପ୍ରତିପକ୍ଷ ଆମୀର ଅବଦୁଲ୍ଲା ହିଆଦନଙ୍କ ସହ ଏ ସମ୍ପର୍କରେ କଥାବାର୍ତ୍ତା କରିଥିଲେ । ଯୋଶେଫ ଭାରତରେ ପହଞ୍ଚିବା ପରେ ଜୟଶଙ୍କର ଏକ୍ସରେ ଲେଖିଛନ୍ତି ଯେ ଇରାନରେ ଥିବା ଭାରତୀୟ ଦୂତାବାସ ବହୁତ ବଡ଼ କାମ କରିଛି । ଯୋଶେଫ ଘରେ ପହଞ୍ଚିଥିବାରୁ ଭଲ ଲାଗୁଛି । ଭାରତରେ ହେଉ କି ବିଦେଶରେ, ମୋଦି କୀ ଗ୍ୟାରେଣ୍ଟି ସବୁବେଳେ କାର୍ଯ୍ୟରେ ପରିଣତ ହୁଏ ବୋଲି ସେ କହିଛନ୍ତି ।

## କନୌଜରୁ ଲଢ଼ିବେ ଅଖିଳେଶ

ନୂଆଦିଲ୍ଲୀ: ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଖିଳେଶ ଯାଦବ ନିଜେ ଉତ୍ତରପ୍ରଦେଶର କନୌଜ ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି । ବାସ୍ତବରେ ଏସପି ମୁଖ୍ୟ ଗୁରୁବାର ଦିନ କନୌଜ ଗସ୍ତରେ ଯାଇଥିଲେଛ ଏହି ସମୟରେ ସେ କର୍ମୀ ଏବଂ ବୁଥ ଇନ-ଚାର୍ଜମାନଙ୍କୁ ଭେଟିଥିଲେ । ଯାହା ପରେ ଏପରି କଳ୍ପନାଜଳ୍ପନା ତୀବ୍ର ହୋଇଛି । କନୌଜ ଲୋକସଭା ଆସନ ପାଇଁ ସମାଜବାଦୀ ପାର୍ଟିର ପ୍ରାର୍ଥୀଙ୍କ ନାମକୁ ନେଇ ଏବେବି ସନ୍ଦେହ ରହିଛି । ଏଭଳି ପରିସ୍ଥିତିରେ ଏସପି ସଭାପତି କନୌଜ ଗସ୍ତ ପରେ ଅଖିଳେଶ ଯାଦବଙ୍କ ନାମକୁ ନେଇ କଳ୍ପନାଜଳ୍ପନା ତୀବ୍ର ହୋଇଛି । କୁହାଯାଉଛି ଯେ ଆଜି ତାଙ୍କ ନାମ ମଧ ଦଳ ପକ୍ଷରୁ ଘୋଷଣା କରାଯାଇପାରେ । ଏସପି ସଭାପତି ଅଖିଳେଶ ଯାଦବ ଖୋଲାଖୋଲି ଭାବେ କନୌଜରୁ ନିର୍ବାଚନ ଲଢ଼ିବା ବିଷୟରେ ଯଦିଓ କହିନାହାଁନ୍ତି, କିନ୍ତୁ ଅନେକ ଥର ସେ ଏଠାରୁ ନିର୍ବାଚନ ଲଢ଼ିବା ନେଇ ଇସାରା ଦେଇଛନ୍ତି ।

# ଗିରଫ ହେଲେ ୟୁ ଟ୍ୟୁବର୍

ବେଙ୍ଗାଲୁରୁ: ବେଙ୍ଗାଲୁରୁର କେମ୍ପେଗୋଡା ଅନ୍ତର୍ଜାତୀୟ ବିମାନବନ୍ଦରରେ ପ୍ରବେଶ କରିବା, ଏକ ଭିଡିଓ ରେକର୍ଡିଂ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି । ଯୁବକ ଜଣକ ହେଉଛନ୍ତି ଜଣେ ୟୁ ଟ୍ୟୁବର୍ । ୨୩ ବର୍ଷୀୟ ଯୁବକ ଜଣକ ଭିଡିଓ ସୁଟ୍ କରିବାକୁ ବିମାନବନ୍ଦର ଭିତରକୁ ପଶି ଯାଇଥିଲେ । ଏହି କାରଣଙ୍କୁ ତାଙ୍କୁ ଗିରଫ କରାଯାଇଛି । ୟୁଟ୍ୟୁବର୍ ଜଣକ ବିମାନବନ୍ଦର ଭିତରେ ଗୋଟାଏ ଦିନ ରହିଥିଲେ ବୋଲି ମିଛରେ ଭିଡିଓରେ କହୁଥିବାର ପୁଲିସ୍ ସୂଚନା ଦେଇଛି । ବେଙ୍ଗାଲୁରୁର ୟେଲାହାଙ୍କର ନିବାସୀ ବିକାଶ ଗେଡ଼ ଏପ୍ରିଲ ୭ ତାରିଖ ରାତି ୧୨ଟା ସମୟରେ ଚେନ୍ନାଇ ଅଭିମୁଖେ ଏୟାର ଇଣ୍ଡିଆ ବିମାନର ଟିକେଟ ନେଇ ବିମାନବନ୍ଦରରେ ପ୍ରବେଶ କରିଥିଲେ ବୋଲି ପୁଲିସ୍ କହିଛି ।

ପୁଲିସର ସୂଚନାନୁସାରେ, ସେ ଜାଣିଶୁଣି ବିମାନରେ ଚଢ଼ିନଥିଲେ ଏବଂ ଏହା ବଦଳରେ ବିମାନବନ୍ଦରରେ ବୁଲାବୁଲି କରି ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ ।

ଏପ୍ରିଲ୍ ୧୨ ତାରିଖରେ, ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ଭିଡିଓ ଅପଲୋଡ୍ କରିଥିଲେ, ଯେଉଁଥିରେ ପାଖାପାଖି ୧.୧୩ ଲକ୍ଷ ସବ୍ସ୍କ୍ରାଇବର୍ ଅଛନ୍ତି । ବିକାଶ ମିଥ୍ୟାରେ ଦାବି କରିଥିଲେ ଯେ ସେ ବିମାନବନ୍ଦରରେ ଦିନସାରା କଟାଇଛନ୍ତି । ପରେ ଭିଡିଓଟିକୁ ସେ ଡିଲିଟ୍ କରି ଦେଇଥିଲେ । ସେ ବିମାନବନ୍ଦରରେ ପ୍ରବେଶ କରି କେମ୍ପେଗୋଡା ଅନ୍ତର୍ଜାତୀୟ ବିମାନବନ୍ଦରର ଟର୍ମିନାଲ -୨ ରେ ସୁରକ୍ଷା ଯାଞ୍ଚ ପରେ ବୋର୍ଡିଂ ଲାଉଞ୍ଜ ଆଡକୁ ଗଲେ । କିନ୍ତୁ ବିମାନରେ ବସିବା ପରିବର୍ତ୍ତେ ବିମାନବନ୍ଦର ପରିସରରେ ବୁଲୁଥିଲେ ଏବଂ ବିମାନ ବନ୍ଦରରେ ୬ ଘଣ୍ଟା ବିତାଇଥିଲେ ବୋଲି ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ।

# ଜେଲରେ କେଜ୍ରିୱାଲଙ୍କ ମୁଖ୍ୟ ଡାଏଟ୍ ମିଠା ଓ ଆମ୍ବ

## ଇଡିର ଏଭଳି ଅଭିଯୋଗ ପରେ ତନାଘନା



ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନ ଉପରେ ଶୁଣାଣି ସମୟରେ ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ରାଉସ୍ ଆଭେନ୍ୟୁ କୋର୍ଟରେ ଦାବି କରିଛି ଯେ ନିଜର ଶର୍କରା ସ୍ତର ବୃଦ୍ଧି ପାଇବ ବୋଲି ଜାଣିଶୁଣି କେଜ୍ରିୱାଲ ତାଙ୍କ ଘରୁ ଜାଣିଶୁଣି ମିଠା ଖାଦ୍ୟ ମଗାଉଛନ୍ତି ଓ ଖାଉଛନ୍ତି ।

ଇଡି ପକ୍ଷରୁ ହାଜର ହୋଇଥିବା ଆଡଭୋକେଟ୍ ଜୁହୁବ ହୁସେନ୍ କୋର୍ଟରେ କହିଛନ୍ତି ଯେ ଅରବିନ୍ଦ କେଜ୍ରିୱାଲଙ୍କ ଘରୁ ଜାଣିଶୁଣି ଏଭଳି ଖାଦ୍ୟ ଆସୁଛି, ଯାହା ତାଙ୍କ ସର୍କରା ସ୍ତରକୁ ବଢାଇବ ଓକିଲ କହିଛନ୍ତି । ସେ ଜାଣିଶୁଣି ଆଳୁ, ପୁରୀ, ଆମ୍ବ, ମିଠା ଖାଦ୍ୟ ଖାଉଛନ୍ତି ଏବଂ ଏସବୁ ତାଙ୍କୁ ଘରୁ ପଠାଯାଉଛି । ମିଠା ଖାଇବା ଦ୍ୱାରା ତାଙ୍କର ରକ୍ତ ସର୍କରା ବୃଦ୍ଧି ପାଇବ ଓ ସେ ସହଜରେ ଜାମିନ ପାଇପାରିବେ । ଆମେ ଜେଲ କର୍ତ୍ତୃପକ୍ଷଙ୍କଠାରୁ ରିପୋର୍ଟ ମାଗିଛୁ ।

ତେବେ କେଜ୍ରିୱାଲଙ୍କ ଓକିଲ ବିବେକ ଜୈନ ଇଡି ଓକିଲଙ୍କ ଯୁକ୍ତିକୁ ବିରୋଧ କରି କହିଛନ୍ତି ଯେ ଗଣମାଧ୍ୟମ ପାଇଁ ଏହି ବିବୃତ୍ତି ଦିଆଯାଉଛି । ସେ କହିଛନ୍ତି, ଅରବିନ୍ଦ କେଜ୍ରିୱାଲଙ୍କ ଖାଲିପେଟରେ ସର୍କରା ୨୪୩ ଥିଲା, ଯାହା ବହୁତ ଅଧିକ ଥିଲା । ତାଙ୍କୁ କେବଳ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁଯାୟୀ ଖାଦ୍ୟ ଦିଆଯାଉଛି । ଏହି ଯୁକ୍ତି ଶୁଣିବା ପରେ କୋର୍ଟ ଅରବିନ୍ଦ କେଜ୍ରିୱାଲଙ୍କ ଓକିଲଙ୍କୁ କହିଛନ୍ତି ଯେ ଆମେ ଜେଲରୁ ରିପୋର୍ଟ ମାଗିବୁ । କୋର୍ଟ କହିଛନ୍ତି ଯେ ଆପଣ ଆମକୁ ଅରବିନ୍ଦ କେଜ୍ରିୱାଲଙ୍କ ଡାଏଟ୍ ଚାର୍ଟ ପ୍ରଦାନ କରନ୍ତୁ । ଇଡି କହିଛି ଯେ ଆପଣ ଜେଲର ଡିଜିଙ୍କ ଠାରୁ ରିପୋର୍ଟ ମାଗି ପାରିବେ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୯ ତାରିଖରେ ହେବ । କେଜ୍ରିୱାଲଙ୍କ ଓକିଲ କହିଥିଲେ ଯେ ତାଙ୍କ ଶର୍କରା ସ୍ତର କ୍ରମାଗତ ଭାବେ ବଦଳି ଯାଉଛି ଏବଂ ତାଙ୍କୁ ଗିରଫ ପୂର୍ବରୁ ଯେଉଁ ଡାକ୍ତରଙ୍କଠାରେ ତାଙ୍କର ଚିକିତ୍ସା ହେଉଥିଲା, ତାଙ୍କୁ ସପ୍ତାହରେ ତିନି ଦିନ ଭର୍ଚୁଆଲ ପରାମର୍ଶ ଦିଆଯିବା ଉଚିତ ।

## ଜେଲରେ କେଜ୍ରିୱାଲଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଉଛି : ଆତିଶୀ



ନୂଆଦିଲ୍ଲୀ: ଦିଲ୍ଲୀ ମଦ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତିହାର ଜେଲରେ ଅଛନ୍ତି ।

ଅନ୍ୟପକ୍ଷରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟରେ କେଜ୍ରିୱାଲଙ୍କ ଆବେଦନର ଶୁଣାଣି ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାବି କରିଛି ଯେ ସେ ମଧୁମେହ ରୋଗରେ ପୀଡ଼ିତ ଏବଂ ଡାକ୍ତରୀ କାରଣରୁ ଜାମିନ ପାଇଁ ଜାଣିଶୁଣି ଘରେ ରନ୍ଧା ଖାଦ୍ୟ ଏବଂ ମିଠା ଖାଉଛନ୍ତି ।

ସେପଟେ ଜେଲରେ କେଜ୍ରିୱାଲଙ୍କ ହତ୍ୟା ପାଇଁ ଷଡ଼ଯନ୍ତ୍ର କରାଯାଉଥିବା ଆମ ଆଦମି ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି । ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ ସରକାରଙ୍କ ମନ୍ତ୍ରୀ ଆତିଶୀ ମାର୍ଲେନା ଅଭିଯୋଗ କରିଛନ୍ତି ଯେ ବିଜେପି ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର କରୁଛନ୍ତି ।

ଆତିଶୀ କହିଛନ୍ତି, ଅରବିନ୍ଦ କେଜ୍ରିୱାଲ ୩୦ ବର୍ଷ ହେବ ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି । ସେ ପ୍ରତିଦିନ ୫୪ ୟୁନିଟ୍ ଇନସୁଲିନ ନେଉଛନ୍ତି । କୋର୍ଟ ଘରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ମଧ ଅନୁମତି ଦେଇଛନ୍ତି । ଇଡି ଏବଂ ବିଜେପି ସେମାନଙ୍କ ଘରେ ତିଆରି ଖାଦ୍ୟ ବନ୍ଦ କରିବାକୁ ଚାହୁଁଛନ୍ତି । ଅଦାଲତରେ ଇଡି ମିଠା ଚା' ଓ ମିଠା ଖାଇବା କଥା କହିଥିଲା, ଯାହା ସମ୍ପୂର୍ଣ୍ଣ ମିଥ୍ୟା । ଇଡିର ଦ୍ୱିତୀୟ ମିଛ ହେଉଛି ଓଜନ ବଢାଇବା ପାଇଁ କଦଳୀ ଖାଇବା । ମଧୁମେୟ ରୋଗୀଙ୍କୁ ସବୁବେଳେ ଟଫି ଓ କଦଳୀ ସାଙ୍ଗରେ ରଖିବାକୁ କୁହାଯାଏ । କୋର୍ଟଙ୍କ ନିର୍ଦ୍ଦେଶରେ ମଧ ଏହା ଲେଖାଯାଇଛି ।

# କିଟ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ରଗ୍‌ବୀ, ଚେସ୍ ଦଳ ଚୟନ



ଭୁବନେଶ୍ୱର, ୧୮।୪ (ସବ୍ୟୁ) : ଫ୍ରାନ୍ସର ଆଇକ୍ସ ଏନ୍.ପ୍ରୋଭିନ୍ସରେ ଜୁନ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଫିସୁ ବିଶ୍ୱବିଦ୍ୟାଳୟ ରଗ୍‌ବୀ-୭ ଚାମ୍ପିଅନସିପ ଆୟୋଜିତ ହେବ । ସେହିଭଳି ବିଶ୍ୱ ବିଶ୍ୱବିଦ୍ୟାଳୟ ଚେସ୍ ଚାମ୍ପିଅନସିପ ଉଗାଣ୍ଡାର ଏଣ୍ଟେବିରେ ଜୁନ ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜନ ହେବାର ଅଛି । ଏହି ଦୁଇଟି ମର୍ଯ୍ୟାଦାଜନକ ପ୍ରତିଯୋଗିତା ନିମନ୍ତେ ଭାରତୀୟ ବିଶ୍ୱବିଦ୍ୟାଳୟ (ପୁରୁଷ-ମହିଳା) ରଗ୍‌ବୀ ଓ ଚେସ ଦଳ ଚୟନ ଶିବିର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଏହି ଶିବିର ୨୨ ତାରିଖରେ ଶେଷ ହେବ । ଏହି ଶିବିରରେ ୩୭ଟି ବିଶ୍ୱବିଦ୍ୟାଳୟର ୩୦ରୁ ଉର୍ଦ୍ଧ୍ୱ ଚେସ୍ ଖେଳାଳି ଓ ୧୦୦ରୁ ଉର୍ଦ୍ଧ୍ୱ ରଗ୍‌ବୀ ଖେଳାଳି ଅଂଶ ଗ୍ରହଣ କରିଛନ୍ତି ।

ଚୟନ ଶିବିରରେ ମଧ ଓଡ଼ିଶାର ୩ଟି ବିଶ୍ୱବିଦ୍ୟାଳୟ ଯଥା ଉତ୍କଳ, କିଟ୍ ଓ କିସ୍ ପ୍ରତିଯୋଗୀ ଭାଗ ନେଇଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାସଚିବ ଗଗନେନ୍ଦୁ ଦାଶ ଚୟନ କମିଟିର ଅଧ୍ୟକ୍ଷ ଅଛନ୍ତି । ଏହି ଶିବିରରେ ଏକାଧିକ ଖ୍ୟାତି ସମ୍ପନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗୀ ଭାଗ ନେଇଛନ୍ତି । ୨୦୧୭ରେ କିଟ୍‌ରେ ଭାରତୀୟ ଆର୍ଚେରୀ ଦଳର ଚୟନ ଶିବିର ସଫଳତାର ସହ ସମ୍ପନ୍ନ ହୋଇଥିଲା । ସେହିଭଳି ୨୦୧୯ରେ ଭାରତୀୟ ଆର୍ଚେରୀ ଓ ଆଥ୍‌ଲେଟିକ୍ସ ଦଳ, ୨୦୨୩ରେ ଭାରତୀୟ ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡମିଣ୍ଟନ ଓ ଭଲିବଲ ଦଳ ଚୟନ କିଟ୍‌ରେ ହୋଇଥିଲା । କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଅଂଶଗ୍ରହଣକାରୀ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଯାଜପୁରରେ ଓସିଏର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୪ (ସବ୍ୟୁ) : ସାରା ରାଜ୍ୟରେ କ୍ରିକେଟର ଉନ୍ନତି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ୪୧ଟି କ୍ରିକେଟ ଏକାଡେମୀ ପ୍ରତିଷ୍ଠା କରିଛି । ଏହି ଆଧାରରେ ଯାଜପୁରଠାରେ ଓସିଏ ପକ୍ଷରୁ ପ୍ରତିଭା ଚୟନ ଓ ଖେଳାଳିଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଓସିଏର ଟେକନିକ୍‌ଲ ଡାଇରେକ୍ଟର ଭି.ଭେଙ୍କଟରାମ ଏହି ଶିବିରରେ ଯୋଗଦେଇ ଜିଲ୍ଲାସ୍ତରର କୋଚ୍ ତଥା ଯୁବ କ୍ରିକେଟରଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି । ଯାଜପୁରରେ ପ୍ରଶିକ୍ଷଣ ସରିବା ପରେ ଭେଙ୍କଟ ରମଣ ଭଦ୍ରକ ଯିବେ । ଯାଜପୁର ଶିବିରରେ ୨୫ ପୁରୁଷ ଓ ୧୫ ଜଣ ମହିଳା କ୍ରିକେଟର ଯୋଗ ଦେଇଥିଲେ । ଯାଜପୁର ଜିଲ୍ଲା କ୍ରିକେଟ ଆସୋସିଏସନ ସମ୍ପାଦକ ଜ୍ଞାନଚାନ୍ଦ ଦାସ, କୋଚ ସୁମିତ୍ରା ସାହୁ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ଥିଲେ ।

# ମୁମ୍ବାଇର ତୃତୀୟ ବିଜୟ

**ଆଇପିଏଲ୍ ମହାସମର**

ନୂଆଦିଲ୍ଲୀ, ୧୮।୪ (ଏଜେନ୍ସି) : ଆଇପିଏଲର ୩୩ତମ ମ୍ୟାଚ୍‌ରେ ସଂଘର୍ଷ କରି ଜିତିଛି ମୁମ୍ବାଇ ଇଣ୍ଡିଆନ୍ସ । ମ୍ୟାଚ୍ ଏପରି ହେଲା ଯେ, ଶେଷ ଓଭର ପର୍ଯ୍ୟନ୍ତ ଫଳାଫଳ ପାଇଁ ଉତ୍କଣ୍ଠା ଲାଗି ରହିଥିଲା । ଆଶୁତୋଷ ଶର୍ମା (୬୧) ଓ ଶଶାଙ୍କ ସିଂହ (୪୧)ଙ୍କ ୱିକେଟ ଦଖଲ କରି ମୁମ୍ବାଇ ମାତ୍ର ୯ ରନ ବ୍ୟବଧାନରେ ପଞ୍ଜାବ କିଙ୍ଗସ୍‌କୁ ଧରାଶାୟୀ କରି ଚଳିତ ସିଜନରେ ତୃତୀୟ ବିଜୟ ହାସଲ କରିଛି । ଏହି ମ୍ୟାଚରେ ମୁମ୍ବାଇ ୨୦ ଓଭରରେ ୭ ୱିକେଟ ହରାଇ ୧୯୨ ରନ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ୧୯.୧ ଓଭରରେ ୧୮୩ ରନ କରି ଅଲଆଉଟ ହୋଇଥିଲା ।

ଟସ୍ ଜିତି ପଞ୍ଜାବ କିଙ୍ଗ୍ସ ଅଧିନାୟକ ସାମ କୁରନ ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ପଞ୍ଜାବର ମୁଲାନପୁରରେ ନବନିର୍ମିତ ମହାରାଜା ଯାଦବିନ୍ଦର ସିଂହ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ମୁମ୍ବାଇର ଇଶାନ କିଶାନ ଓ ରୋହିତ ଶର୍ମା ପାଳି ଆରମ୍ଭ କରିଥିଲେ । ୮ଟି ବଲର ସମ୍ମୁଖୀନ ହୋଇଥିବା ଇଶାନ ୮ ରନ କରି ରବାଡ଼ାଙ୍କ ଶିକାର ହେବାରୁ ୧୮ ରନରେ ପ୍ରାରମ୍ଭିକ ୱିକେଟ ହରାଇଥିଲା ମୁମ୍ବାଇ । କିନ୍ତୁ ରୋହିତ ଶର୍ମା ୨୫ ବଲରୁ ଦୁଇଟି ଚୌକା ଓ ୩ଟି ଛକା ସହାୟତାରେ ୩୬ ରନ କରିଥିଲେ । ଇଞ୍ଜୁରୀ ମୁକ୍ତ ହୋଇ ଆଇପିଏଲ୍ ରଣାଙ୍ଗନକୁ ଓହ୍ଲାଇଥିବା ସୂର୍ଯ୍ୟ କୁମାର ଯାଦବ ଚୌକା ଛକା ବର୍ଷା କରି ୫୩ ବଲରୁ ୭୮ ରନ କରିଥିଲେ । ଏହି ଇନିଂସରେ ୭ଟି ଚୌକା ଓ ୩ଟି ଛକା ଥିଲା । ତିଲକ ବର୍ମା ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୧୮ ବଲରୁ ୩୪ ରନ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ୬ ବଲରୁ ୧୦ ରନ, ଟିମ୍ ଡେଭିଡ ୭ ବଲରୁ ୧୪ ରନ କରିବାରୁ ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୯୨ ରନ ବଡ଼ ସ୍କୋର କରିଥିଲା । ବୋଲିଂରେ ପଞ୍ଜାବର ହର୍ଷାଲ ପଟେଲ ୩ଟି, ସାମ କୁରନ ୨ଟି ଓ କାଗିସୋ ରବାଡ଼ା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।



୧୯୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ପଞ୍ଜାବ ଆରମ୍ଭରୁ ହିଁ ବିପର୍ଯ୍ୟୟରେ ଫସିଯାଇଥିଲା । ଆଗ ଧାଡ଼ିର ୪ ବ୍ୟାଟର ସାମ କୁରନ ୬, ପ୍ରଭସିମ୍ରନ ସିଂ ୧ ଓ ଲିଆମ ଲିଭିଂଷ୍ଟୋନ ୧ ରନ କରି ଆଉଟ ହେବାରୁ ୧୪ ରନରେ ୪ ୱିକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା ପଞ୍ଜାବ । ଏଭଳି ଏକ ବିଷମ ସ୍ଥିତିରେ ଦଳର ବ୍ୟାଟିଂ ମଙ୍ଗ ଧରିଥିଲେ ଶଶାଙ୍କ ସିଂହ । ସେ ୨୫ ବଲରୁ ୨ଟି ଚୌକା ଓ ୩ଟି ଛକା ସହାୟତାରେ ୪୧ ରନ କରିଥିଲେ । ତେଣୁ ସ୍ଥିତି ସାମାନ୍ୟ ସୁଧୁରିଥିଲା । ହରପ୍ରିତ ସିଂହ ୧୩ ଓ ଜିତେଶ ଶର୍ମା ୯ ରନ କରି ଆଉଟ ହୋଇଥିଲେ । ତେବେ ଆଶୁତୋଷ ଶର୍ମା ଦଳର ବିଜୟ ଆଶାକୁ ବାନ୍ଧି ରଖିଥିଲେ । ଆଶୁତୋଷ ୨୮ ବଲରୁ ୭ ଛକା ଓ ୨ ଚୌକା ସହାୟତାରେ ୬୧ ରନ କରିଥିବା ବେଳେ ହରପ୍ରିତ ବ୍ରାର୍ ୨୧ ରନ ଓ ଶେଷ ଭାଗରେ କାଗିସୋ ରବାଡ଼ା ଗୋଟିଏ ଛକା ସହ ୮ ରନ କରି ରନଆଉଟ ହେବାରୁ ପଞ୍ଜାବ ଇନିଂସରେ ଯବନିକା ପଡ଼ିଥିଲା । ମାତ୍ର ୯ ରନ ପାଇଁ ପଞ୍ଜାବ ବିଜୟଲକ୍ଷ୍ୟ ଠାରୁ ଦୂରରେ ରହିଯାଇଛି ।

**ଆଜିର ମ୍ୟାଚ**

ଲକ୍ଷ୍ନୌ– ଚେନ୍ନାଇ
ସମୟ: ରାତି ୭.୩୦
ସ୍ଥାନ: ଲକ୍ଷ୍ନୌ
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୭ | ୬ | ୧ | ୧୨ |
| କୋଲକାତା | ୬ | ୪ | ୨ | ୮ |
| ଚେନ୍ନାଇ | ୬ | ୪ | ୨ | ୮ |
| ସନ୍‌ରାଇଜର୍ସ | ୬ | ୪ | ୨ | ୮ |
| ଲକ୍ଷ୍ନୌ | ୬ | ୩ | ୩ | ୬ |
| ଦିଲ୍ଲୀ | ୭ | ୩ | ୪ | ୬ |
| ମୁମ୍ବାଇ | ୬ | ୩ | ୪ | ୬ |
| ଗୁଜରାଟ | ୭ | ୩ | ୪ | ୬ |
| ପଞ୍ଜାବ | ୭ | ୨ | ୫ | ୪ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ |

# କନ୍‌ୱେ ଆଇପିଏଲ୍ ଖେଳିବେନି

ନୂଆଦିଲ୍ଲୀ, ୧୮।୪ (ଏଜେନ୍ସି) : ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲ୍ ଅଧାରୁ ବାଦ ପଡ଼ିଛନ୍ତି ଦେବନ କନୱେ । ପ୍ରାଥମିକ ଭାବେ କୁହାଯାଉଥିଲା ଯେ କନୱେ ଆଇପିଏଲ୍ ଦ୍ୱିତୀୟ ଭାଗରୁ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଉପଲବ୍ଧ ହେବେ । ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ନଥିବାରୁ ବିଧିବଦ୍ଧ ଭାବେ ପୁରା ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ଚେନ୍ନାଇ ଇଂଲଣ୍ଡର ଦ୍ରୁତ ବୋଲର ରିଚାର୍ଡ଼ ଗ୍ଲିସନଙ୍କୁ ସାମିଲ କରିଛି । ଗ୍ଲିସନଙ୍କ ବେସ ପ୍ରାଇସ୍ ୫୦ ଲକ୍ଷ ଟଙ୍କା । ଚେନ୍ନାଇ ତାଙ୍କୁ ବେସ୍ ପ୍ରାଇସ୍‌ରେ ହିଁ ସାମିଲ କରିଥିବା ସୂଚନା ମିଳିଛି ।

୨୦୨୩ ଚେନ୍ନାଇ ବିଜୟରେ କନ୍‌ୱେଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଆଇପିଏଲ୍ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ରେ ସେ ଆହତ ହୋଇଥିଲେ । ଏଥିପାଇଁ ଆଇପିଏଲ୍‌ରୁ ବାଦ୍ ପଡ଼ିଛନ୍ତି । ରିଚାର୍ଡ୍‌ଙ୍କୁ ଚେନ୍ନାଇ ଦଳ ସାମିଲ କରିଛି । ସେ ଇଂଲଣ୍ଡ ପାଇଁ ୬ଟି ଟି-୨୦ ଖେଳି ୯ଟି ୱିକେଟ ନେଇଛନ୍ତି ।

ସେହିଭଳି ରିଚାର୍ଡ ମୋଟ ୯୦ଟି ଟି-୨୦ ଖେଳି ୧୦୧ ୱିକେଟ ଦଖଲ କରିଛନ୍ତି । ୩୬ ବର୍ଷୀୟ ରିଚାର୍ଡ଼ ନିକଟରେ ଆଇଏଲ୍ ଟି-୨୦ରେ ଗଲଫ୍ ଜାଏଣ୍ଟସ୍ ପକ୍ଷରୁ ଖେଳିଥିଲେ । ଚେନ୍ନାଇରେ ସାମିଲ ଥିବା ମୁସ୍ତାଫିଜୁର ରହମାନ, ଖୁବଶୀଘ୍ର ବାଂଲାଦେଶ ଫେରିଯିବାର ଅଛି । ସେ ମେ' ୨ରେ ଯାଏଁ ଚେନ୍ନାଇ ପାଇଁ ଉପଲବ୍ଧ ହେବେ । ତେଣୁ ତାଙ୍କ ବଦଳରେ ରିଚାର୍ଡର ଦଳର ବୋଲିଂ ବାହିନୀ ସମ୍ଭାଳିବେ ।

# କଳାହାଣ୍ଡି କପ: ନୟାଗଡ଼ ବିଜୟୀ

ଭୁବନେଶ୍ୱର, ୧୮।୪ (ସବ୍ୟୁ) : କଳାହାଣ୍ଡି କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରିଲିମିନାରୀ ଲିଗ୍ କ୍ୱାଲିଫାୟାର-୨ ମ୍ୟାଚ୍‌ରେ ଗୁରୁବାର ନୟାଗଡ଼ ୯୬ ରନ ବ୍ୟବଧାନରେ ସମ୍ବଲପୁର-ବି'କୁ ହରାଇଛି । ଡ୍ରିମ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନୟାଗଡ଼ ୩୨ ଓଭରରେ ୬ ୱିକେଟ ହରାଇ ୨୧୬ ରନ କରିଥିଲା । ଲୀଳାଧର ପ୍ରଧାନ ୪୯ ରନ ଓ ଅଙ୍କିତ ଅରୁଣଭ ୪୧ ରନ କରିଥିଲେ । ଜବାବରେ ସମ୍ବଲପୁର-ବି ୨୬.୩ ଓଭରରେ ୧୨୦ ରନ କରି ଅଲଆଉଟ ହୋଇଥିଲା । ନୟାଗଡ଼ର ଦିଲ୍ଲୀପ କୁମାର ପଣ୍ଡା ସର୍ବାଧିକ ୫ ୱିକେଟ ସଫଳତା ହାସଲ କରିଥିଲେ । ଏହି ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ଦିଲ୍ଲୀପଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।




SALE SALE SALE

Flex Printing Machine (10 feet) As on Where Basis.

Company Name:

"MONOTECH" Systems PVT.LTD.

For Contact : 8917518606


# ଦଳ ଚୟନ ନେଇ ବୈଠକ ହୋଇନି : ରୋହିତ

ମୁମ୍ବାଇ, ୧୮।୪ (ଏଜେନ୍ସି) : ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ କୋଚଙ୍କ ସହ ଟି-୨୦ ବିଶ୍ୱକପ ଦଳ ଚୟନ ନେଇ କୌଣସି ବୈଠକ ହୋଇ ନଥିବା ସ୍ପଷ୍ଟ କରିଛନ୍ତି ନିଜେ ରୋହିତ ଶର୍ମା । ଦିନକ ଆଗରୁ ଗଣମାଧ୍ୟମରେ ବିଶ୍ୱକପ ଦଳ ଚୟନ ନେଇ ଖବର ପ୍ରକାଶ ପାଇଥିଲା । ଏଭଳି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ରୋହିତ କହିଛନ୍ତି । ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ବେଭାନଙ୍କ ସହ ଏକ ସାକ୍ଷାତକାର ଅବସରରେ ରୋହିତ ଏହି ଖୁଲାସା କରିଛନ୍ତି । ଅଜିତ ଅଗରକର ଦୁବାଇରେ ଗଲ୍ଫ ଖେଳୁଥିବେ । ରାହୁଲ ଦ୍ରାବିଡ ବେଙ୍ଗାଲୁରୁରେ ପିଲାଙ୍କ ବ୍ୟାଟିଂ ସୁଧାରୁଛନ୍ତି । ମୁଁ ମୁମ୍ବାଇରେ ଅଛି । ଆମେ ଏକତ୍ର ହୋଇନୁ କିମ୍ବା କୌଣସି ବୈଠକ ହୋଇନି ବୋଲି ରୋହିତ କହିଛନ୍ତି । ଚଳିତ ଆଇପଏଲ୍‌ରେ ମହେନ୍ଦ୍ର ସିଂହ ଧୋନୀ ଓ ଦିନେଶ କାର୍ତ୍ତିକଙ୍କ ବ୍ୟାଟିଂକୁ ସେ ପ୍ରଶଂସା କରିଥିଲେ । ପନ୍ତଙ୍କ ମଜାଳିଆ ସ୍ୱଭାବ ତାଙ୍କୁ ଭଲଲାଗେ । ମୁଁ ତାଙ୍କୁ ପିଲାବେଳୁ ଦେଖିଛି, ସେ ବହୁତ ମଜାଳିଆ । ମେ-୧ ସୁଦ୍ଧା ଆଇସିସି ନିକଟକୁ ଖେଳାଳି ତାଲିକା ଯିବ । ଖୁବଶୀଘ୍ର ଭାରତୀୟ ଦଳ ଚୟନ ହେବ ବୋଲି ରୋହିତ ସୂଚନା ଦେଇଛନ୍ତି ।






**ଭଦ୍ରକ କ୍ରିକେଟ୍ ଦୁନିଆରେ ଖୁସିର ମାହୋଲ**

# ଇତିହାସର ପୁନରାବୃତ୍ତି କଲା ଭଦ୍ରକ ସିନିୟର୍ କ୍ରିକେଟ୍ ଟିମ୍

ଭଦ୍ରକ, ୧୮।୪ (ସବ୍ୟୁ): ଗତବର୍ଷ ଭଳି ୨୦୨୪ରେ ଇତିହାସ ଦୋହରାଇଛି ଭଦ୍ରକ ଜିଲ୍ଲା ସିନିୟର୍ କ୍ରିକେଟ୍ ଟିମ୍ । ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟ୍‌ର ଗୋଲ୍ଡ ଗ୍ରୁପ୍‌ରେ ୬ଟି ଯାକ ମ୍ୟାଚ୍ ଜିଣି ଭଦ୍ରକ ସିନିୟର୍ କ୍ରିକେଟ୍ ଟିମ୍ ଗ୍ରୁପ୍ ଚାମ୍ପିଅନ୍ ହେବା ସହ ଡ଼ାଇମଣ୍ଡ୍ ଗ୍ରୁପ୍‌ରେ ପ୍ରବେଶ କରିଛି ଓ ସୁପର୍ ଲିଗ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ।

ଗୋଲ୍ଡ ଗ୍ରୁପ୍ - 'ଏ' ରେ ସ୍ଥାନିତ ଭଦ୍ରକ ଏପ୍ରିଲ୍ ୧୧ ତାରିଖ ଦିନ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ କିଟ୍ ବିଶ୍ୱବିଦ୍ୟାଳୟକୁ ୩ ୱିକେଟ୍‌ରେ ପରାସ୍ତ କରିଥିଲେ । ପ୍ରଥମେ ବ୍ୟାଟିଂ କରି କିଟ୍ ୨୧୮ ରନ୍ ସଂଗ୍ରହ କରିଥିବାବେଳେ ଭଦ୍ରକ ମାତ୍ର ୩୮ ଓଭର୍ ଖେଳି ୨୨୨ ରନ୍ ସଂଗ୍ରହ କରିଥିଲା । ଦଳ ତରଫରୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଆକାଶ ମହାପାତ୍ର ସର୍ବାଧିକ ୮୬ ରନ୍ ସଂଗ୍ରହ କରିଥିଲେ । ୧୨ ଏପ୍ରିଲ୍‌ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ବୌଦ୍ଧ ଜିଲ୍ଲାକୁ ୨ ୱିକେଟ୍‌ରେ ହରାଇଥିଲା ଭଦ୍ରକ । ବୌଦ୍ଧ ୫୦ ଓଭର୍ ଖେଳି ୮ ୱିକେଟ୍ ବିନିମୟରେ ୨୧୬ ରନ୍ ସଂଗ୍ରହ କରିଥିବାବେଳେ ଭଦ୍ରକ ୪୪ ଓଭର୍ ଓ ୮ ୱିକେଟ୍ ବିନିମୟରେ ୨୧୭ ରନ୍ ସଂଗ୍ରହ କରିନେଇଥିଲା । ଏହି ମ୍ୟାଚ୍‌ରେ ନୀହାର ରଂଜନ ଭୂୟାଁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଗ୍ରହଣ କରିଥିଲେ । ତୃତୀୟ ମ୍ୟାଚ୍‌ରେ ୧୩ ଏପ୍ରିଲ୍‌ରେ ଅନୁଷ୍ଠିତ ହୋଇଥିଲା । ଟିମ୍ ଭଦ୍ରକ ଏହି ମ୍ୟାଚ୍‌ରେ ବରଗଡ଼କୁ ୧୨୧ ରନ୍ ବ୍ୟବଧାନରେ ପରାସ୍ତ କରିଥିଲେ । ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ବିନିମୟରେ ଭଦ୍ରକ ୩୩୮ ରନ୍ ସଂଗ୍ରହ କରିଥିଲେ । ପ୍ରତିଉତ୍ତରରେ ବରଗଡ଼ ମାତ୍ର ୨୧୭ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଭଦ୍ରକର ଆକାଶ ମହାପାତ୍ର ଧୂଆଁଧାର ବ୍ୟାଟିଂ କରି ୧୬୬ ରନ୍ ସଂଗ୍ରହ କରିଥିଲେ । ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ଦିଆଯାଇଥିଲା । ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଏପ୍ରିଲ୍ ୧୫ରେ ଅନୁଷ୍ଠିତ ହୋଇଥିଲା ଓ ଏହି ମ୍ୟାଚ୍‌ରେ ଭଦ୍ରକ ପାରାଦ୍ୱୀପକୁ ୪୫ ରନ୍ ବ୍ୟବଧାନରେ ପରାସ୍ତ କରିଥିଲା । ଭଦ୍ରକ ପ୍ରଥମେ ବ୍ୟାଟିଂ କରି ୧୭୪ ରନ୍ ସଂଗ୍ରହ କରିଥିବାବେଳେ ପାରାଦ୍ୱୀପ ମାତ୍ର ୧୨୯ ରନ୍ ସଂଗ୍ରହ କରିପାରିଥିଲା । ଭଦ୍ରକର ଅଧିନାୟକ ହର୍ଷିତ୍ ରାଠୋର୍ ୭୩ ରନ୍ ସଂଗ୍ରହ କରି ବିଜୟ ପାଇଁ ଭିତ୍ତି ସ୍ଥାପନ କରିଥିବାରୁ ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା । ଗୋଲ୍ଡ-'ଏ' ଗ୍ରୁପ୍‌ର ଶେଷ ଲିଗ୍ ମ୍ୟାଚ୍ ୧୬ ଏପ୍ରିଲ୍ ଦିନ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଭଦ୍ରକ ବିଶାଳ ୧୮୬ ରନ୍ ବ୍ୟବଧାନରେ ଅନୁଗୁଳକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୯ ୱିକେଟ୍ ବିନିମୟରେ ୩୦୬ ରନ୍ ସଂଗ୍ରହ କରିଥିଲା ଏବଂ ଅନୁଗୁଳ ମାତ୍ର ୧୨୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା । ଭଦ୍ରକର ଇନିଂସ୍‌ରେ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' କ୍ଷମାସାଗର ବଳଙ୍କ ଭୂମିକା ପ୍ରଭାବୀ ଥିଲା । ସେ ଦଳ ପାଇଁ ୧୨୦ ରନ୍ ସଂଗ୍ରହ କରିବା ସହିତ ବୋଲିଂ କରି ୫ଟି ୱିକେଟ୍ ଅକ୍ତିଆର କରିଥିଲେ । ସାଥୀ କ୍ରିକେଟର୍ ଆକାଶ ମହାପାତ୍ର ଏହି ମ୍ୟାଚ୍‌ରେ ୮୧ ରନ୍ ସଂଗ୍ରହ କରିଥିଲେ । ଏହି ବିଜୟ ସହିତ ଗ୍ରୁପ୍-'ଏ'ର ମ୍ୟାଚ୍ ଗୁଡ଼ିକୁ ସହଜରେ ଜିଣିନେଇ ଭଦ୍ରକ ଗ୍ରୁପ୍ ଚମ୍ପିୟନ୍ ମର୍ଯ୍ୟାଦା ଅର୍ଜନ କରିଥିଲା । ପରବର୍ତ୍ତୀ ମ୍ୟାଚ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଏପ୍ରିଲ୍ ୧୭ ତାରିଖରେ ଭଦ୍ରକ ଗୋଲ୍ଡ- ଗ୍ରୁପ୍ 'ବି'ର ଚମ୍ପିୟନ୍ ନୟାଗଡ଼କୁ ଭେଟିଥିଲା । ପ୍ରଥମ ବ୍ୟାଟିଂ କରି ଭଦ୍ରକ ୩୧.୪ ଓଭର୍ ମଧ୍ୟରୁ ୨୩୬ ରନ୍ ସଂଗ୍ରହ କରିଥିଲାବେଳେ ନୟାଗଡ ମାତ୍ର ୨୭ ଓଭର୍ ଖେଳି ୧୦୩ ରନ୍‌ରେ ସମସ୍ତ ଖେଳାଳୀଙ୍କୁ ହରାଇଥିଲା । ଭଦ୍ରକର ସାହିଲ୍ ଏ. ଖାନ୍ ୭୨ ଓ ଅଂଶୁମାନ ମହାନ୍ତି ୫୦ ରନ୍ ସଂଗ୍ରହ କରିଥିବାବେଳେ ବୋଲର୍ କିଶନ୍ ମନୋହର୍ ମହାନ୍ତି ଘାତକ ବୋଲିଂ କରି ମାତ୍ର ୨୨ ରନ୍ ବିନିମୟରେ ପ୍ରତିପକ୍ଷ ଟିମ୍‌ର ୫ଟି ୱିକେଟ୍ ଅକ୍ତିଆର କରି ନେଇଥିଲେ । ଏଥିପାଇଁ ତାଙ୍କୁ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ କରାଯାଇଥିଲା ।

# ବଦଳିଲେ ଓସିଏ କୋଚ୍ : ମୋଙ୍ଗିଆଙ୍କ ସ୍ଥାନରେ ସୁରେନ୍ଦ୍ର

ଭୁବନେଶ୍ୱର, ୧୮।୪ (ସବ୍ୟୁ) : ରଣଜୀ ଋତୁ ସରିବା ସହ ଓଡ଼ିଶା ସିନିଅର କ୍ରିକେଟ ଦଳର କୋଚ ପରିବର୍ତ୍ତନ ହୋଇଛି । ମାତ୍ରେ ଗୋଟିଏ ସିଜନ ପରେ ଦିନେଶ ମୋଙ୍ଗିଆ କୋଚ ପଦ ଛାଡ଼ିଥିଲେ । ମହାରାଷ୍ଟ୍ରର ସୁରେନ୍ଦ୍ର ଭାବେ ଓଡ଼ିଶା କ୍ରିକେଟ ଦଳର ନୂଆ କୋଚ ହୋଇଛନ୍ତି । ଲକ୍ଷାଧିକ ଟଙ୍କା ବ୍ୟୟରେ ଦିନେଶ ମୋଙ୍ଗିଆଙ୍କୁ ଓସିଏ କୋଚ୍ କରିଥିଲା । ମୋଙ୍ଗିଆଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ଟି-୨୦, ଦିନିକିଆ ଓ ରଣଜୀରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ।

୨୭ ଏପ୍ରିଲ ୨୦୨୩ରେ ଦିନେଶ ମୋଙ୍ଗିଆ ଓଡ଼ିଶା ରଣଜୀ ଦଳର ମୁଖ୍ୟ କୋଚ ହୋଥିଲେ । ମୋଙ୍ଗିଆଙ୍କ ପ୍ରଦର୍ଶନକୁ ଦେଖି ତାଙ୍କ ସହ ହୋଇଥିବା ଚୁକ୍ତିକୁ ଆଉ ବୃଦ୍ଧି ନକରିବାକୁ ନିଷ୍ପତ୍ତି ନେଇଥିଲା ଓସିଏ ।

ପୂର୍ବତନ ଭାରତୀୟ କ୍ରିକେଟର ସୁରେନ୍ଦ୍ର ଭାବେଙ୍କୁ ମୁଖ୍ୟ କୋଚ ପଦରେ ଅବସ୍ଥାପିତ କରାଯାଇଛି । ତେଣୁ ସେ ୨୦୨୪-୨୫ ସିଜନରେ ବିସିସିଆଇର ଘରୋଇ ପ୍ରତିଯୋଗିତାଗୁଡ଼ିକରେ ଓଡ଼ିଶା ସିନିଅର ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନଜର ଆସିବେ ସୁରେନ୍ଦ୍ର । ପୂର୍ବରୁ ହରିୟାଣା, ମହାରାଷ୍ଟ୍ର ଭଳି କ୍ରିକେଟ ଆସୋସିଏସନର ପ୍ରଶିକ୍ଷକ ଦାୟିତ୍ୱ ସୁରେନ୍ଦ୍ର ଭାବେ ତୁଲାଇ ସାରିଛନ୍ତି ।

ଦିନେଶ ମୋଙ୍ଗିଆଙ୍କ ବର୍ଷକିଆ ଚୁକ୍ତି ଶେଷ ହେବାପରେ ଓସିଏର କ୍ରିକେଟ ପରାମର୍ଶ କମିଟି ନିର୍ଦ୍ଦେଶ କ୍ରମେ ଭାବେଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି । ଏହି ପଦ ନିମନ୍ତେ ୧୦ରୁ ଉର୍ଦ୍ଧ୍ୱ ଆବେଦନ ଆସିଥିଲା । ସେଗୁଡ଼ିକ ମଧ୍ୟରୁ ବହୁ ବିଚାରବିମର୍ଶ ପରେ ସୁରେନ୍ଦ୍ର ଭାବେଙ୍କ ଆବେଦନକୁ ଓସିଏ ଗ୍ରହଣ କରିଛି । ଦିନେଶଙ୍କ ପୂର୍ବରୁ ମାଇକେଲ ବେଭାନ, ଭେଙ୍କଟପତି ରାଜୁ, ବଲବିନ୍ଦର ସିଂ ସାନ୍ଧୁ, ସବା କରିମ, ୱାସିମ ଜାଫରଙ୍କ ଭଳି ଅନେକ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ ଓସିଏ କୋଚ କରିଥିଲା । ମାତ୍ର କିଛିଦିନ ରହିବା ପରେ ସେମାନେ କୋଚ ପଦ ଛାଡ଼ିଥିଲେ ।

ମୋଙ୍ଗିଆଙ୍କ ପୂର୍ବରୁ ଦୁଇବର୍ଷ ପାଇଁ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ନେଇଥିଲେ ୱାସନ ଜାଫର । କିନ୍ତୁ ବାଂଲାଦେଶ ଜାତୀୟ ଦଳର ମୁଖ୍ୟ କୋଚ ଦାୟିତ୍ୱ ମିଳିବାରୁ ସେ ଅଧାରୁ ଚାଲିଯାଇଥିଲେ । ୱାସିମ୍ ଜାଫରଙ୍କ ସହମତିରେ ଓସିଏର ୩ ଜଣିଆ କମିଟି ମୁଖ୍ୟ କୋଚ ଭାବେ ମୋଙ୍ଗିଆଙ୍କୁ ଦେଇଥିଲେ ।

ମୋଙ୍ଗିଆ ଓଡ଼ିଶା କ୍ରିକେଟ ପାଇଁ ଘରୋଇ ସିଜନରେ ସଫଳତା ଆଣିଦେବେ ବୋଲି ଓସିଆ ଆଶା ରଖିଥିଲେ । ହେଲେ ରଣଜୀ ସିଜନରେ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲା । ତେଣୁ ମୋଙ୍ଗିଆ ସହ ଆଉ ଚୁକ୍ତି ବୃଦ୍ଧି ନକରି ସରେନ୍ଦ୍ର ଭାବେଙ୍କ ଉପରେ ଓସିଏ ଭରସା ଦେଖାଯାଇଛି ।


ସୂଚନା

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।



Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି

## ଅବକାରୀ ଚଢାଉ ମଦ ସହିତ ପୋଚ ନଷ୍ଟ

ଆଠଗଡ଼ ,(ସବ୍ୟୁ) : ଖୁଣ୍ଟୁଣୀ ଅଞ୍ଚଳ ପାଲଟିଛି ଚୋରା ଦେଶୀ ମଦ ମାଫିଆ ମାନଙ୍କ ପେଣ୍ଠସ୍ଥଳୀ। ଯେଉଁଦିନ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥାଏ କେବଳ ମଦ ସହିତ ପୋଚ ନଷ୍ଟ କରା ଯାଉଛି।କିନ୍ତୁ ମାଫିଆ କେହି ବି ଧରା ପଡୁ ନାହାଁନ୍ତି।ଚଢାଉ ପୂର୍ବରୁ ସୂଚନା ପାଇ ମାଫିଆ ଫେରାର ହୋଇଯାଇ ଥାଆନ୍ତି। ଗୁରୁବାର ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭଗୁଆ ଏବଂ ସାନ ଭଗୁଆ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରେ ଚଢାଉ କରାଯାଇ ୫୩୨୦ ଲିଟର ଗୁଡ଼ ପୋଚ ଏବଂ ୪୩୪୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରା ଯାଇ ନଷ୍ଟ କରା ଯାଇଛି।ଏ ବାବଦରେ ଦୁଇ ଟି ପୃଥକ୍ ମୋକଦ୍ଦମା ରୁଜୁ କରାଯାଇଥିବା ବିଭାଗୀୟ ସୁତ୍ରରୁ ଜଣାପଡିଛି।ତେବେ ଜଙ୍ଗଲ ବିଭାଗ ଏବଂ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ଏହି ଭଳି ଜାଗା ମାନଙ୍କ ରେ କେବେ ବି ଚଢ଼ାଉ ହେଉ ନ ଥିବାରୁ ମଦ ମାଫିଆ ମାନଙ୍କ ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସଲାସୁତୁରା ରହିଥିବା ସାଧାରଣ ରେ ଅଭିଯୋଗ ହେଉଛି। ଚଢାଉ ରେ ଆଠଗଡ଼ ଅବକାରୀ ବିଭାଗ ଉପ ଅଧିକ୍ଷକ ନିମାଇଁ ଚରଣ ସିଂ ମୋବାଇଲ ସ୍କ୍ୱାଡ ନିରୀକ୍ଷକ ଅଭିରାମ ସାହୁ, ରଙ୍କନିଧି ମଲ୍ଲିକ, କମଲଲୋଚନ ପାଇକରାୟ, ଆଠଗଡ଼ ଅବକାରୀ ନିରୀକ୍ଷକ ହେମନ୍ତ କୁମାର ମହାନନ୍ଦିଆ , ସବ୍ ଇନ୍ସପେକ୍ଟର ଅରୁଣ କୁମାର ଭୋଇ ସୌମ୍ୟରଞ୍ଜନ ମାଝୀଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ।

## ବନ୍ଧୁ ସାଜିଲା ବଇରୀ : କାଟିଦେଲା ସାଙ୍ଗର ତଣ୍ଟି

ଟାଙ୍ଗୀ,(ସବ୍ୟୁ) :କୋଠ ଟଙ୍କା ଆଦାୟକୁ କେନ୍ଦ୍ର କରି ବନ୍ଧୁ ସାଜିଲା ବଇରୀ । ପ୍ରଥମେ କଲା ମରଣାନ୍ତକ ଆକ୍ରମଣ। ପରେ କାଟିଲା ବନ୍ଧୁର ତଣ୍ଟି । ଏହି ଘଟଣାରେ ବନ୍ଧୁ ଜଣକ ଗୁରୁତର ହୋଇ ଭୁବନେଶ୍ୱର ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବା ଜଣାପଡିଛି ।ଏହି ଘଟଣା ସମ୍ପର୍କରେ ଟାଙ୍ଗୀ ଥାନା ରେ ଲିଖିତ ଏତଲା ଦିଆଯାଇଛି ଦିଆଯାଇଥିବା ଲିଖିତ ଏତଲାରୁ ଜଣାଯାଏ ଯେ ଗତ ୧୭ ତାରିଖ ଦିନ ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡି କାରଟିଆ ସାହିର କାଶୀନାଥ ବେହେରାଙ୍କ ପୁଅ ସୁବାସ ସହିତ ସେହି ଗ୍ରାମର ଚୈତନ୍ୟ ବେହେରାଙ୍କ ପୁଅ ତ୍ରିନାଥ ସହିତ ଗ୍ରାମର କୋଠ ଟଙ୍କା ଆଦାୟକୁ ନେଇ ଯୁକ୍ତିତର୍କ ହୋଇଥିଲା ।୧୮ ତାରିଖ ସକାଳ ୯ଟାରେ କାଶୀନାଥଙ୍କ ସାନପୁଅ ସମୀର ଘରୁ ଖାଇସାରି ଦାଣ୍ଡ କୁ ବାହାରିବା ବେଳେ ତ୍ରିନାଥ ବେହେରା ଙ୍କ ପୁଅ ଗୋପାଳ (ଚନ୍ଦା )ହାତରେ ଧରିଥିବା ଦାଢୁଆ ଛୁରୀ ଦ୍ୱାରା ସମୀରର ବେକକୁ କାଟିଦେଇଥିଲା । ଘଟଣା ସ୍ଥଳରେ ସମୀର ପଡିଯାଇଥିଲା ରକ୍ତାକ୍ତ ଅବସ୍ଥା ରେ ଗ୍ରାମର କିଛି ବ୍ୟକ୍ତି ଙ୍କ ସହଯୋଗରେ ସମୀର କୁ ଟାଙ୍ଗୀ ମେଡିକାଲ ରେ ଭର୍ତ୍ତି କରାଯାଇଥିଲା ।ପରେ ଅବସ୍ଥା ସଂକଟପନ୍ନ ହେବାରୁ ସମୀର କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି ।ରକ୍ତାକ୍ତ କରିବା ପରେ ପୁନର୍ବାର ତ୍ରିନାଥ ବେହେରା ଓ ତାର ପୁଅ ତୁଷାର ବେହେରା, ତ୍ରିନାଥ ବେହେରାଙ୍କ ସ୍ତ୍ରୀ ତଅପୋଇ ବେହେରା ଅଶ୍ରାବ୍ୟ ଭାଷା ରେ ଗାଳିଗୁଲଜ କରିବା ସହିତ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ସମୀର ଙ୍କ ମା କଲ୍ୟାଣୀ ବେହେରା ଲିଖିତ ଏତଲା ରେ ଦର୍ଶାଇଥିବା ଜଣାପଡିଛି ।ଟାଙ୍ଗୀ ଥାନା ଆଇ ଆଇ ସି ସୁଶାନ୍ତ କୁମାର ବେହେରା ଙ୍କୁ ପଚରାଯିବାରେ ସମୀର ସ୍ୱାସ୍ଥ୍ୟବସ୍ଥା ନିୟନ୍ତ୍ରଣଧୀନ ରହିଥିବା ସୂଚନା ଦେବାସହ ଘଟଣାର ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।ଅପରପକ୍ଷେ ଉଭୟ ୨ଜଣ ସାଙ୍ଗ ବୋଲି ଜଣାଯାଇଛି।

## ଅସ୍ତରଙ୍ଗ ହତ୍ୟା ଘଟଣା : ରକ୍ତ ଭିଜା ମାଟି ଜବତ , ୪ ଅଟକ

ଅସ୍ତରଙ୍ଗ,(ସବ୍ୟୁ) :ବୁଧବାର ଅସ୍ତରଙ୍ଗ ସମୁଦ୍ର ତଟରୁ ମିଳିଥିବା ହତ୍ୟା ଜନିତ ମୃତ ଶରୀର ଗୁରୁବାର ଦିନ ଅଲଗା ମୋଡ ନେଇଛି। ସନ୍ଦେହ ଘରରେ ଥିବା ଆଖୁପଡ଼ିଆ ହରିଜନ ସାହିର ଚାରିଜଣ ଯୁବକଙ୍କ ନାମରେ ମୃତକଙ୍କ ପୁତ୍ରୀ ଉଲ୍ଲାସ ସ୍ୱାଇଁ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଏତଲା ବୁଧବାର ଦିନ ରାତ୍ରରେ ଅସ୍ତରଙ୍ଗ ଥାନା ଆଇ ଆଇ ସି ଙ୍କୁ ପ୍ରଦାନ କରିଛନ୍ତି।ଅପରପକ୍ଷେ ଫରେନ୍ସିକ୍ ଦଳ ଛାନଭିନ କରି ରକ୍ତଭିଜା ମାଟି ସଂଗ୍ରହ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ମୃର୍ତକ ଆଖୁପଡ଼ିଆ ହରିଜନ ସାହି ନିକଟରେ ମୁଗ ଚାଷ ତଥା ଅନ୍ୟାନ୍ୟ ଫସଲ କରି ସେଠାରେ ଏକ କୁଡ଼ିଆ କରି ପ୍ରାୟ ରହୁଥିଲେ । ହେଲେ,ମଙ୍ଗଳବାର ରାତ୍ର ରେ କୁରାଢି ଘରୁ ନେଇ ଜଙ୍ଗଲକୁ କାଠ କାଟିବା ପାଇଁ ଯାଇଥିବା ବେଳେ,ବୁଧବାର ଦିନ ସକାଳେ ସମୁଦ୍ର କୁଳରୁ ତାଙ୍କର ମୃତ ଶରୀର ଦେଖିବାକୁ ମିଳିଥିଲା ।ହେଲେ, ବୁଧବାର ଦିନ ସନ୍ଦେହ ହେବାରୁ ଘର ଲୋକ,ମୁଗ କିଆରୀ ପାଖକୁ ଯାଇ ଦେଖିଲେ ଯେ,ଆଖୁପଡିଆ ହରିଜନ ସାହିକୁ ଲାଗିଥିବା ରାସ୍ତା ଓ ତା ନିକଟରେ ଥିବା ପୋଖରୀ ନିକଟରେ କେତେକ ଜାଗାରେ ମାଟିକୁ ଲାଗି ରକ୍ତର ଛିଟା ପଡ଼ିଛି।ପରିବାର ଲୋକ ଦେଖି ପୋଲିସିକୁ ଜଣାଇଲା ପରେ , ପୋଲିସ ଗୁରୁବାର ଦିନ ଉକ୍ତ ସ୍ଥାନ ପର୍ଦଶନ କରି ମୁଗ କିଆରୀ ସହ,ଏହି ସବୁ ସ୍ଥାନରୁ ରକ୍ତ ଭିଜା ମାଟି ସଂଗ୍ରହ କରି ପରୀକ୍ଷା ପାଇଁ ନେଇଛି।

## ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ, ସହାୟତା ଦାବି



ବାଙ୍କୀ,(ସବ୍ୟୁ) : ଗୁରୁବାର ମଧାହ୍ନରେ ପୋଖରୀକୁ ଗାଧୋଇବା ପାଇଁ ଯାଇ ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ପାଣିରୁ ଉଦ୍ଧାର ହେଲା ବୃଦ୍ଧଙ୍କ ମୃତ ଦେହ। କଟକ ଜିଲ୍ଲା ବାଙ୍କୀ ବ୍ଲକ୍ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ହାଡିବନ୍ଧୁ ସାହୁ (୭୮ )ପ୍ରତିଦିନ ଭଳି ଗୁରୁବାର ଦିନ ଗାଧୋଇବା ପାଇଁ ନିକଟସ୍ଥ ଆଖୁ ପୋଖରୀକୁ ଚାଲି ଚାଲି ଯାଇଥିଲେ । ସେଠାରେ ତାଙ୍କର ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ିଯାଇଥିଲେ। ସେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ନ ଆସିବାରୁ ଗ୍ରାମବାସୀ ଓ ପରିବାର ଲୋକେ ଖୋଜିବାବେଳକୁ ପୋଖରୀ ରେ ଭାସୁଥିବାର ଦେଖାଯାଇଥିଲା। ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ବାଙ୍କୀ ଡ଼ାକ୍ତରଖାନାକୁ ନେଇ ଥିଲେ ।ମାତ୍ର ତାଙ୍କର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତକ ହାଡିବନ୍ଧୁ ସାହୁ ଜଣେ ଗରିବ ଅସହାୟ ଲୋକ ହେଇଥିବାରୁ ସରକାରୀ ସହାୟତାଯୋଗାଇ ଦେବାକୁ କେନ୍ଦୁପଲ୍ଲୀ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ନିବେଦନ କରିଛନ୍ତି।

## ନିଶା ବେପାରକୁ କେନ୍ଦ୍ର କରି ଖଣ୍ଡାରେ ଆକ୍ରମଣ

ବାଲିପାଟଣା,(ସବ୍ୟୁ) : ନିଶା ପାଉଡର ବିକ୍ରିକୁ କେନ୍ଦ୍ରକରି ଜଣକ ଖଣ୍ଡା ଆକ୍ରମଣ ହୋଇଛି। ଏଭଳି ଘଟଣା ଘଟିଛି ବାଲିପାଟଣା ଥାନା ଅନ୍ତର୍ଗତ ଆଳୋଇ ଗ୍ରାମରେ।ସୂଚନା ଅନୁସାରେ ଏହି ଗ୍ରାମର ସୁରେନ୍ଦ୍ର ଭୋଇଙ୍କ ପୁଅ ଦିପା ଭୋଇ ବେଆଇନ ନିଶା ବେପାର କରେ।ତେବେ କୈଣସି କାରଣରୁ କିମ୍ବା ନିଶା କାରବାରକୁ କେନ୍ଦ୍ରକରି ସେହି ଗ୍ରାମର ନିରଞ୍ଜନ କାଣ୍ଡିଙ୍କ ପୁଅ ରିପନ କାଣ୍ଡିଙ୍କ ସହିତ ଝଗଡା ହୋଇଥିଲା।ଏଥିରେ ଉତ୍ୟକ୍ତ ହୋଇ ଦିପା ଗତକାଲି ରାତି ପ୍ରାୟ ନଅଟା ସମୟରେ ଗାଁ ମୁଣ୍ଡ ଏକ କଳଘର ନିକଟରେ ରିପନକୁ ଏକ ଖଣ୍ଡାରେ ଆକ୍ରମଣ କରି ଗୁରୁତର କରିଥିଲା।ଏଠାରେ ଉଲ୍ଲେଖଯୋଗ୍ୟ ଆସାମୀ ଦୀପାର ଏକ ଭାଇ ପୋଲିସ ବିଭାଗରେ କାର୍ଯ୍ୟ କରୁଛି।ଗ୍ରାମଲୋକେ ରିପନକୁ ଚିକିତ୍ସା ପାଇଁ ପଠାଇ ଦୀପାକୁ ଅଟକ ରଖି ପୋଲିସ୍ କୁ ଖବର କରିଥିଲେ।ମାତ୍ର ଏପର୍ଯ୍ୟନ୍ତ ପୋଲିସ ଅଭିଯୁକ୍ତକୁ ଗିରଫ କରିନଥିବା ସୂଚନା ମିଳିଛି।

## ଅରଖପଲ୍ଲୀରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଭାପୁର, (ସବ୍ୟୁ) : ଗୁରୁବାର ସନ୍ଧ୍ୟାରେ ନୟାଗଡ ଜିଲ୍ଲା ଭାପୁର ବ୍ଲକ ନିମାଣୀ ପଞ୍ଚାୟତର ଅରଖପଲ୍ଲୀ ଗ୍ରାମରେ ଖଣ୍ଡପଡ଼ା ର୍ନିବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଅଧକ୍ଷତାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହିତ ସଚେତନତା ଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମାଜ ସେବୀ ସନ୍ତୋଷ କୁମାର ତ୍ରିପାଠୀ ଓ ବିଜୟ କୁମାର ପଟ୍ଟନାୟକ, ବିଜେଡ଼ି ନେତା ଚନ୍ଦ୍ରକାନ୍ତ ବଳିଆରସିଂହ, ବିଜେଡ଼ି ସଂଗଠକ ବସନ୍ତ କୁମାର ପଟ୍ଟନାୟକ, ବୈକୁଣ୍ଠ ପ୍ରଧାନ, ପ୍ରଫୁଲ୍ଲ ବାରିକ, ରାଜ କିଶୋର ବେହେରାଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ୍ୟୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଘରେ ଘରେ ଶଙ୍ଖ ଚିହ୍ନ ଥିବା ପୋଷ୍ଟର ଗୁଡିକୁ ଲଗାଇଥିଲେ। ଖଣ୍ଡପଡ଼ା ର୍ନିବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀ ପଟ୍ଟନାୟକ ଦଳୀୟ କର୍ମୀ, କର୍ମକର୍ତ୍ତା, ସଂଗଠକ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଶୋଭାଯାତ୍ରାରେ ବାହାରି ଉକ୍ତ ଗ୍ରାମ ପରିକ୍ରମା କରିବା ସହ ଘରେ ଘରେ ଶଙ୍ଖ ଚିହ୍ନ ପୋଷ୍ଟର ଗୁଡିକୁ ଲଗାଇଥିଲେ।

## ଗରା, ବାଲଟି ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା



ଆଠଗଡ , (ସବ୍ୟୁ) : ଅକଟକ ଜିଲ୍ଲା ଆଠଗଡ଼ ଅଞ୍ଚଳରେ ତାପମାତ୍ରା ୪୨ ଡିଗ୍ରୀକୁ ଛୁଇଁଲାଣି। ଏଭଳି ସମୟରେ ପାନୀୟଜଳ ଏକ ପ୍ରମୁଖ ସମସ୍ୟା ହୋଇପଡିଛି । ଗ୍ରାମବାସୀମାନେ ଲିଖିତ ଅଭିଯୋଗ କଲେ ମଧ ଅଧିକାରୀ ମାନଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏହି ସମସ୍ୟା ଆହୁରି ଜଟିଳ ହୋଇପଡୁଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଠଗଡ ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଟାଙ୍ଗିସାହି ଗ୍ରାମରେ ।ଏହା ଏକ ପାହାଡିଆ ଅଞ୍ଚଳ ଏବଂ ଏହାର ଜନସଂଖ୍ୟା ୩୦୦ ରୁ ଉର୍ଦ୍ଧ୍ୱ ହେବଛ ପାଇପ ପାଣି ବ୍ୟବସ୍ଥା ହୋଇଥିଲା ବେଳେ ମଧ ପାଣି ଆସୁନାହିଁ। ସେହିପରି ଆଖପାଖ ଅଞ୍ଚଳରେ ନଳକୂପ ନାହିଁଛ ପାନୀୟ ଜଳ ସମସ୍ୟା ନେଇ ଚଳିତ ମାସ ୨ ତାରିଖରେ ବିଡ଼ିଓ ଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନଥିଲା।ଛ ଏହାର ପ୍ରତିବାଦରେ ଗ୍ରାମର ପୁରୁଷ, ମହିଳା ହାତରେ ଗରା, ବାଲଟି ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ପାନୀୟଜଳ ବିଭାଗ ମଧରେ ସମନ୍ୱୟର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଥିବା କନ୍ଦରପୁର ଟାଙ୍ଗୀ ସାହିର ଶୁଶାନ୍ତ କୁମାର ସାହୁ, ଅମୀୟ ରଞ୍ଜନ ସାହୁ, ଅଲେଖ ସାହୁ, ସଂଯୁକ୍ତା ସାହୁ,ମାମା ରାଉତ, କିଶୋର ବେହେରା, ସୋମ୍ୟରଞ୍ଜନ ସାହୁ ପ୍ରମୁଖ ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି।ପ୍ରଶାସନର ହସ୍ତକ୍ଷେପ ତଥା ତହସିଲଦାର ଙ୍କ ପ୍ରତିଶ୍ରୁତି ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା।

## ବନାଖଣ୍ଡି ପଞ୍ଚାୟତର ଜଳଛତ୍ର ଶିବିର

କୋଣାର୍କ , (ସବ୍ୟୁ) : ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ବନାଖଣ୍ଡି ପଞ୍ଚାୟତ ପକ୍ଷରୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜଳଛତ୍ର ଶିବିର ଶୁଭାରମ୍ଭ ହୋଇଛି। ଖବରରୁ ପ୍ରକାଶ ଯେ ବନାଖଣ୍ଡି ପଞ୍ଚାୟତ ର ସରପଞ୍ଚ ପ୍ରଜ୍ଞା ପରମିତା ଙ୍କ ନେତୃତ୍ୱରେ କୁଣେଇ ବଜାର , ଦଶବଟିଆ ବଜାର ଓ ସାରଡ଼ା ବଜାର ଆଦି ତିନି ଗୋଟି ସ୍ଥାନରେ ଏହି ଜଳଛତ୍ର ଶୁଭାରମ୍ଭ କରାଯାଇଛି।ପଞ୍ଚାୟତ ପକ୍ଷରୁ ଏଭଳି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ସ୍ଥାନୀୟ ଗ୍ରାମ ବାସୀମାନେ ଭୂୟଂଶ ପ୍ରଶଂସା କରିଥିଲେ ।ଏହି ତିନି ଗୋଟି ବଜାର ରୋଡ଼ ଦେଇ କୋଣାର୍କ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକମାନେ ମାନେ ବନାଖଣ୍ଡି ପଞ୍ଚାୟତ ପକ୍ଷରୁ ଖୋଲା ଯାଇଥିବା ଜଳଛତ୍ର ଶିବିର ରୁ ପାନୀୟ ଜଳ ପିଇବା ସହ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବନାଖଣ୍ଡି ପଞ୍ଚାୟତର ସଭାପତି ବିଶ୍ୱଜି ବିଶ୍ୱାଳ ଓ ଅନ୍ୟ ମାନଙ୍କ ମଧରେ ବନମାଳୀ ମୁରୁଡି , ବିରଞ୍ଚି ପାତ୍ର , ରାଜୀବ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ଦଶପଲ୍ଲା,(ସବ୍ୟୁ) : ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସକାଳୁ ତିଳ ତର୍ପଣ ସହ ବିଜୁ ବାବୁଙ୍କ ପ୍ରତର୍ମୁତି ରେ ମାଲ୍ୟାର୍ପଣ କରାଯାଇଥିଲା ।ଏ ଅବସରରେ ବିଜେଡି ପକ୍ଷରୁ ଏକ ବାଇକ ଶୋଭାଯାତ୍ରା ବାହାରି ବିଜେଡି କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏନ ଏ ସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ପଂଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁଙ୍କ ସମେତ ଗଣିଆ ଓ ନୂଆଗାଉଁ ର ଅଧକ୍ଷା ଯୋଗ ଦେଇ ସ୍ୱର୍ଗତ ବିଜୁ ପଟ ନାୟକ ଙ୍କ ସ୍ମୃତି ଚାରଣ କରିଥିଲେ । ଏଥିରେ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ ।

## କମାଗୁରୁ ଓ ଡମଣଭୂମିରେ ଜଳିଗଲା ୩୦ ଏକରରୁ ଅଧିକ ଜଙ୍ଗଲ



ନିରାକାରପୁର,(ସବ୍ୟୁ) : ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହିତ ତାତି ବଢୁଥିବା ବେଳେ ବହୁ ଜାଗାରେ ଜଙ୍ଗଲରେ ନିଆଁ ଲାଗି ହୁ ହୁ ହୋଇ ଜଳୁଥିବା ର ଦୃଶ୍ୟ ଦେଖିବାକୁ ମିଳୁଛି। ଗୁରୁବାର ଦିନ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଦୁଇଟି ସ୍ଥାନରେ ନିଆଁ ଲାଗି ପ୍ରାୟେ ୩୦ ଏକରରୁ ଅଧିକ ଜଙ୍ଗଲ ପୋଡିଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ କି ଜଙ୍ଗଲ ମଧରେ ୩୩ କେଭି ବିଦ୍ୟୁ ତାର ଯାଇଥିବାବେଳେ ଆଜି ଦିନ ବେଳା ପ୍ରଥମେ କମାଗୁରୁ ଆକାସିଆ ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ନିଆଁ ଦୃତଗତିରେ ବ୍ୟାପି ଯାଇଥିଲା। ଖବର ପାଇଁ ଟାଙ୍ଗୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁ କୁ ଆୟତ କରିଥିଲେ।ତଥାପି ଏହି ଅଗ୍ନିକାଣ୍ଡରେ ପ୍ରାୟ ପାଖାପାଖି ଏକର ଜଙ୍ଗଲ ପଟାସିଆ ଗଛ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ସେହିପରି ଦିନ ୧୨ ଟା ବେଳେ ଡମଣଭୂମି ପଟାଖାଲ ଟାଙ୍ଗୀ ସାହି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟି ନିଆଁ ସଙ୍ଗେ ସଙ୍ଗେ ବ୍ୟାପି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଗ୍ରାମର ଲୋକନାଥ ଭୋଳ, ଗଦାଧର ଭୋଳ, କପିଳ ଭୋଳ, ରାଧାକାନ୍ତ ଭୋଳ, ନବକିଶୋର ଭୋଳ ଓ ତାଙ୍କ ଭାଇ ମାନଙ୍କର, ଦାମୋଦର ଭୋଳ, ଜନ୍ମେଶ୍ୱର ଭୋଳ, ରାଘବ ଭୋଳ, ନିରଞ୍ଜନ ଭୋଳ, ଦୁଃଶାସନ ଭୋଳ, ଜୟଦେବ ଭୋଳ ଓ ଅର୍ଜୁନ ଭୋଳ ସମେତ ଆଉ କିଛି ବ୍ୟକ୍ତିଙ୍କର ଆମ୍ବ,ପଣସ, ପଟାସ, କାଜୁ ଓ ଅକସିଆ ଭଳିବିଭିନ୍ନ ମୂଲ୍ୟବାନ ଗଛ ପୋଡିଯାଇଛି। ଖବରପାଇ ଟାଙ୍ଗୀ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିବାବେଳେ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ବୋଲି ଦମକଳ ବାହିନୀ ଅଧିକାରୀ ବି କେ ଦାସ ଜଣାଇଛନ୍ତିଛ ଜଙ୍ଗଲରେ ଯାଇଥିଲା ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ତଳେ ଥିବା ଗଛ ଡାଳ କରିବା ଦାୟିତ୍ୱ ବିଦ୍ୟୁତ ବିଭାଗ ବିଭାଗ ନେବା କଥା ବୋଲି ଲୋକେ ଦାବି କରିଛନ୍ତି।

## ସତ୍ୟବାଦୀ ବ୍ଲକ ଦିବ୍ୟାଙ୍ଗ ସଂଘ କାର୍ଯ୍ୟକାରିଣୀ ବୈଠକ

ସାକ୍ଷୀଗୋପାଳ, (ସବ୍ୟୁ) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପେଣ୍ଠପଡା ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ସତ୍ୟବାଦୀ ବ୍ଲକ ଦିବ୍ୟାଙ୍ଗ ସଙ୍ଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ଦିବ୍ୟାଙ୍ଗ ସଙ୍ଘ ଓ ଶ୍ରଦ୍ଧା ଫାଉଣ୍ଡେସନ ଟ୍ରଷ୍ଟର ମିଳିତ ସହଯୋଗରେ ସଙ୍ଘ ସଭାପତି ତଥା ଶ୍ରଦ୍ଧା ଫାଉଣ୍ଡେସନ ଟ୍ରଷ୍ଟ ସମ୍ପାଦକ ପ୍ରଭାତ ଚନ୍ଦ୍ର ସାମନ୍ତରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦିବ୍ୟାଙ୍ଗ ମାନଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଏକ ବାର୍ଷିକ ଖସଡ଼ା ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟରେ ୫ ଦଫା ଦାବିପତ୍ର ଉପସ୍ଥାପନ ନିମନ୍ତେ ସ୍ଥିର କରାଯାଇଥିଲା। ଦାବୀ ଗୁଡିକ ମଧ୍ୟରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ସମସ୍ତ ଦିବ୍ୟାଙ୍ଗଜନଙ୍କୁ ସରକାରଙ୍କ ଅନ୍ନପୂର୍ଣ୍ଣା ଅନ୍ତୋଦୟ ଯୋଜନାରେ ସାମିଲ କରାଯାଉଛି। ସେହିପରି ଦିବ୍ୟାଙ୍ଗଜନଙ୍କ ନିମିତ୍ତ ରାତ୍ରୀ ଆଶ୍ରୟସ୍ଥଳୀ ସ୍ଥାପନ କରାଯିବା ସହିତ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଯାତାୟାତ କରୁଥିବା ସମସ୍ତ ମୋ ବସ୍‌ଗୁଡ଼ିକ ପ୍ରତିଦିନ ଓଭର ବ୍ରିଜ୍ ଉପରେ ଯାତାୟତ କରୁଛି। ଯାହାଫଳରେ ଦିବ୍ୟାଙ୍ଗ ମାନେ ଏହି ସେବା ପାଇବାରୁ ବଞ୍ଚିତ ରହୁଛନ୍ତି। ସେଥିପାଇଁ ସମସ୍ତ ମୋ ବସ୍‌ଗୁଡିକୁ ସାକ୍ଷୀଗୋପାଳ ବସଷ୍ଟାଣ୍ଡରେ ନିୟମିତ ରହଣି ପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଥି ସହିତ ଆତ୍ମର୍ନିଭରଶୀଳ ହେବା ପାଇଁ ବ୍ୟବସାୟ କରୁଥିବା ସମସ୍ତ ଦିବ୍ୟାଙ୍ଗଜନଙ୍କୁ 'ବିନା ସୁଧ'ରେ 'ଋଣ ପ୍ରଦାନ'ର ବ୍ୟବସ୍ଥା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦିବ୍ୟାଙ୍ଗଜନଙ୍କ ପାଇଁ ସଂରକ୍ଷିତ ରହିଥିବା ୫ ପ୍ରତିଶତ ବାସଗୃହ ପ୍ରଦାନ ବ୍ୟବସ୍ଥାକୁ କଡ଼ାକଡି କାର୍ଯ୍ୟକାରୀ କରିବାର ବିଧିବଦ୍ଧ ବ୍ୟବସ୍ଥା କରାଯାଉ।ଏହି କାର୍ଯ୍ୟକାରିଣୀ ବୈଠକରେ ଯୁଥ ଫର ଜବସ ଅନୁଷ୍ଠାନ ଓ ଓଲଟ ପୁର ସରକାରୀ ଚିକିତ୍ସାଳୟ ର ମିଳିତ ସହଯୋଗରେ ପ୍ରତିଷ୍ଠିତ ଏକ ପ୍ରଶିକ୍ଷଣ କେନ୍ଦ୍ରରେ ୧୮ରୁ ୩୫ ବର୍ଷ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ପାଇଁ ନିଶୁଳ୍କ ପ୍ରଶିକ୍ଷଣ ସହିତ ନିଯୁକ୍ତି ସୁଯୋଗ ଯୋଗାଇଦେବା ନିମନ୍ତେ ସଂସ୍ଥାର ଅଧିକାରୀ ଦୁଷ୍ମନ୍ତ ବାରିକ, ପ୍ରତ୍ୟୁଷ କୁମାର ରଥ ଙ୍କ ସହିତ ମୋବିଲାଇଜର ଶୀତେନ୍ଦୁ ରଥ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ସଦସ୍ୟ ପ୍ରଭାକର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବୀଦତ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେଛ ନଟବର ବରାଳ ସୁକାନ୍ତି ପୃଷ୍ଟି ଧନେଶ୍ୱର ବରାଳ, ପ୍ରଫୁଲ୍ଲ ରଥ ଓ ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡ଼ି ଆଶୀର୍ବାଦ ସମାରୋହ

ଦଶପଲ୍ଲା ,(ସବ୍ୟୁ) : ଦଶପଲ୍ଲା ବିଜେଡି ପକ୍ଷରୁ ଆଶୀର୍ବାଦ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଏନ ଏ ସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶନୀ , ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ, ଗଣିଆ ପଂଚାୟତ ସମିତି ଅଧକ୍ଷା ଝୁନୁବାଳା ପ୍ରଧାନ , ନୂଆଗାଉଁ ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟ ବେହେରାଙ୍କ ସମେତ ବିଜେଡି ର ବହୁ କର୍ମୀ ଯୋଗ ଦେଇଥିଲେ ଛ ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ସାଂସଦ ଡଃ ଅଚ୍ୟୁତ ସାମନ୍ତ ଙ୍କୁ ପୁନଃ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ ନାୟକ ଆଶୀର୍ବାଦ ଓ ବିଶ୍ୱାସ କରି ବିଜେଡି ଟିକେଟ ପ୍ରଦାନ




କରିଥିବାରୁ ଉଭୟ ନେତା କୃତଜ୍ଞତା ଜଣାଇଥିବା ବେଳେ ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ଏହାସହ ନୂତନ ଭାବେ ବିଜେଡି ରେ ଯୋଗ ଦେଇଥିବା ଶ୍ରୀହରି ନାୟକଙ୍କୁ ନୟାଗଡ଼ ଜିଲ୍ଲା ବିଜେଡି ସମ୍ପାଦକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ ନାୟକ ଘୋଷଣା କରିଥିବାରୁ ସାଂସଦ ଅଚ୍ୟୁତ ସାମନ୍ତ ଓ ବିଧାୟକ ରମେଶ ବେହେରା ତାଙ୍କୁ ଫୁଲ ତୋଡା ଦେଇ ଅଭିନନ୍ଦନ ଜଣାଇଥିଲେ ।

## ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ତିଳ ତର୍ପଣ

ବାଲିପାଟଣା ,(ସବ୍ୟୁ) :ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧ ଦିବସ ରେ ଜୟଦେବ ର୍ନିବାଚନ ମଣ୍ଡଳୀ ବିଜେଡି ଦଳ ତରଫରୁ ସେହି ଅମର ଆତ୍ମା କୁ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ବୁଧବାର ସକାଳେ ବାଲିପାଟଣା ବ୍ଲକ ସଭାପତି କିଶୋର ଜେନା ଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ପଦାଧିକାରୀ ମାନେ ପ୍ରାଚୀ ନଦୀରେ ତିଳ ତର୍ପଣ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ କରିଥିଲେ।କାର୍ଯ୍ୟକ୍ରମରେ ବିଜେଡ଼ି ବିଧାୟକ ପ୍ରାର୍ଥୀ ନବକିଶୋର ମଲିକ,ପୂର୍ବତନ ଜିଲ୍ଲା ପରିଷଦ ଉପାଦ୍ଧକ୍ଷ ଶରତ ପଟ୍ଟନାୟକ,ପୂର୍ବତନ ବ୍ଲକ ଅଧକ୍ଷ ତ୍ରିବିକ୍ରମ ଦାଶ,ବାଲିଅନ୍ତା ବ୍ଲକ ଅଧକ୍ଷ୍ୟା ବାସନ୍ତୀ ଖଟୁଆ,ବାଲିପାଟଣା ବ୍ଲକ ଅଧକ୍ଷା ହରପ୍ରିୟା ଦାସ,ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ପଟେଲ, ଗଙ୍ଗାଧର ମଲ୍ଲିକ,ସୁକନ୍ୟା ସେଠୀ, କୁନମୁନ ଲେଙ୍କା ମହେଶ୍ୱର ଦାସ,ସମସ୍ତ ପଞ୍ଚାୟତ ସଭାପତି,ସରପଞ୍ଚ,ସମିତି ସଭ୍ୟଙ୍କ ସହିତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଘରପୋଡି ବିପନ୍ନଙ୍କୁ ଭେଟିଲେ ରାଜନେତା

ଟାଙ୍ଗୀ ,(ସବ୍ୟୁ) :ଚିଲିକା ବ୍ଲକ ଅଧିନସ୍ଥ ସୋରଣ ଗ୍ରାମ ପଞ୍ଚାୟତ ର ହଁସାରାଡିହ ଗ୍ରାମରେ ଅଗ୍ନିକାଣ୍ଡ ଘଟି ତିନୋଟି ପରିବାରର ୧୦ ବଖରା ଚାଳ ଘର ସମେତ ସମସ୍ତ ଧନସଂପତି ସଂପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଥିଲା । ପାଖ ପଡୋଶୀ ଲୋକଙ୍କର ମଧ୍ୟ ଆଂଶିକ କ୍ଷୟକ୍ଷତି ହୋଇଥିଲା । ସୋରଣ ରାଜସ ନିରୀକ୍ଷକ କୈଳାସ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଁଚି ବିପନ୍ନ ପରିବାରକୁ ପଲିଥିନ ଦେବା ସହ ୨୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ହୋଇଥିବା ଆକଳନ କରିଥିଲେ । ସୋରଣ ସରପଞ୍ଚ ଶେଷଦେବ ବେହେରା ବିପନ୍ନମାନଙ୍କୁ ଖାଦ୍ୟ ପଦାର୍ଥ ଇତ୍ୟାଦି ପ୍ରଦାନ କରିଥିଲେ । ଏହି ଖବର ପାଇ ଚିଲିକାର ପୂର୍ବତନ ବିଧାୟକ ରଘୁନାଥ ସାହୁ ବିପନ୍ନ ମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ପୁରୀ ଲୋକସଭା ବିଜେପି ପ୍ରାର୍ଥୀ ଡାଃ ସମ୍ବିତ ପାତ୍ର ଦଳୀୟ କର୍ମୀଙ୍କ ସହିତ ବିପନ୍ନଙ୍କ ପାଖରେ ପହଁଚି ସେମାନଙ୍କୁ ସହାୟତା ପ୍ରଦାନ କରିବା ସହିତ ସମବେଦନା ପ୍ରଦାନ କରିଥିବା ଜଣାପଡିଛି।

## ଅଶୋକାଷ୍ଟମୀ ରଥଯାତ୍ରା : ଅଭିମାନୀ ମା' ନାରାୟଣୀ ଭାଙ୍ଗିଲେ ରଥ ଚକ



ନିରାକାରପୁର,(ସବ୍ୟୁ) : ନବମୀ ରାତି ସାଢ଼େ ୯ଟା ବେଳକୁ ଠାକୁର ମାନଙ୍କୁ ରଥରୁ ଗୁଣ୍ଡିଚା ମନ୍ଦିରକୁ ନିଆ ଯାଇଛି। ସକାଳୁ ଠାକୁର ମାନଙ୍କୁ ରଥରେ ବାଲ ଭୋଗ ଲାଗି କରାଯାଇଥିଲା। ରାତିରେ ବିରାଟ ପଟୁଆର ରେ ଠାକୁର ମାନଙ୍କୁ ପାଣି ପହଣ୍ଡିରେ ନେଇ ଗୁଣ୍ଡିଚା ମନ୍ଦିର ରାଧାକାନ୍ତ ମନ୍ଦିରରେ ଅବସ୍ଥାନ କରାଯାଇଛି। ରାତିରେ ଶ୍ରୀ ଜୀଉ ମାନଙ୍କୁ ସ୍ନାନ କରାଯାଇ ପୂଜାର୍ଚ୍ଚନା କରିବା ପରେ ଶକ୍ଳୁଡ଼ି ଭୋଗ ଲାଗି କରାଯାଇଛି। ଠାକୁର୍ ମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସଙ୍ଗୀତ , ନାଟକ ଗାଁ ଦାଣ୍ଡରେ ପ୍ରଦର୍ଶନ କରାଯାଉଛି।ଦଶମୀରେ ଚାରି ଭଉଣୀ ମା ସରସ୍ୱତୀ, ଲକ୍ଷ୍ମୀ,କାଳୀ, ନାରାୟଣୀ ଆସି ଗୁଣ୍ଡିଚା ମନ୍ଦିରରେ ପହଞ୍ଚି ଅଭିମାନ ରେ ରଥର ଏକ ଅଂଶ କୁ ଭାଙ୍ଗି ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏକାଦଶୀ ରେ ରଥର ଦିଗ ପରିବର୍ତ୍ତନ କରାଯିବ। ଦ୍ୱାଦଶୀ ରେ ଠାକୁର ମାନେ ଗୁଣ୍ଡିଚା ମନ୍ଦିରରୁ ବାହାରି ଗ୍ରାମ ରେ ଭୋଗ ଖାଇ ରଥାରୂଢ଼ ହେବେ।ଏହାପରେ ପରିଚାଳନା କମିଟି ତରଫରୁ ଠାକୁରମାନଙ୍କ ପାଖରେ ସ୍ୱତନ୍ତ୍ର ପଣା ଲାଗି କରାଯିବଛ ନିଶାର୍ଦ୍ଧ ସମୟରେ ଗହୀର ବିଲରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ନେଇ ଭେଟବାଲି ନିକଟରେ ପହଞ୍ଚାଇବେ। ଏଠାରେ ସ୍ଥାନୀୟ ଗୋପାଳ ଙ୍କ ଦ୍ୱାରା ସ୍ୱତନ୍ତ୍ର ପଣା ଲାଗି କରାଯିବ। ଏହାପରେ ପୁଣିଥରେ ରଥକୁ ଟାଣି ଟାଣି ମନ୍ଦିର ପର୍ଯ୍ୟନ୍ତ ନିଆଯିବଛ ଅପରାହ୍ନ ରେ ଠାକୁର ମାନେ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଅବସରରେ ପୁରୀ ଗଜପତିଙ୍କ ଦ୍ୱାରା ନିୟୋଜିତ ଦଳବେହେରା ଙ୍କୁ ଶିରପା ପ୍ରଦାନ କରାଯିବ।

## ସଇନ୍ଧାରେ ଭାଗବତ ମେଳା

ତେଲେଙ୍ଗାପେଣ୍ଠ , (ସବ୍ୟୁ) :ଉରାଳୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସଇନ୍ଧା ହରିଜନ ସାହିରେ ୩୮ ତମ ବାର୍ଷିକ ଭାଗବତ ମେଳା ଅନୁଷ୍ଠିତ ହୋଇଯାଇଛି । ଭାଗବତ ଗାଦି ଗୋସାଇଁ ଙ୍କୁ ଏକ ବିମାନ ରେ ଅବସ୍ଥାନ କରାଯାଇ ତାଙ୍କୁ ଷୋଡଶୋପଚାର ରେ ପୂଜା କରାଯାଇ ହୋମ କାର୍ଯ୍ୟ ଆଦି କରାଯାଇଥିଲା । ଏହି ଉପଲକ୍ଷେ ଓଡିଶୀ ସଂକୀର୍ତ୍ତନ ଗାୟକ ମାନସ ରଞ୍ଜନ ପ୍ରଧାନ ଏବଂ ମିଟୁ ଦାସଙ୍କ ଦ୍ୱାରା ଦିବସ ବ୍ୟାପୀ ଶରୀର ତତ୍ତ୍ୱ ଭଜନ ପରିବେଷଣ ହୋଇଥିଲା । ଅତିଥି ଭାବେ କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା, ଆଧାତ୍ମିକ



ପ୍ରସ୍ତକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ, ଉତ୍କଳ ବିକାଶ ପରିଷଦ ର ଅଧକ୍ଷ ଇଂ. ପ୍ରକାଶ ଚନ୍ଦ୍ର ସେଠି, ସରପଞ୍ଚ ଅଭିଷେକ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମିତି ସଭ୍ୟ ଶୁକଦେବ ବେହେରା, ସଂକୀର୍ତନ ପ୍ରେମୀ ଶୁକଦେବ ସ୍ୱାଇଁ,ପ୍ରଦୀପ କୁମାର ସାହୁ, ତ୍ରିଲୋଚନ ପଣ୍ଡା, ମୁରଲୀଧର ନାୟକ, ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଆତ୍ମହତ୍ୟା ଉଦ୍ୟମ, ମହିଳାଙ୍କ ସହ ପୁଅ-ଝିଅ ଉଦ୍ଧାର

ପାଣିକୋଇଲି, (ସବ୍ୟୁ) : ସ୍ୱାମୀଙ୍କ ନିର୍ଯ୍ୟାତନା ଅସହ୍ୟ ହେବାରୁ ନିଜର ଦୁଇ ସନ୍ତାନଙ୍କ ସହ ଆତ୍ମହତ୍ୟା କରିବାକୁ ଯାଉଥିବା ମହିଳାଙ୍କୁ ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମାନଙ୍କ ଦ୍ୱାରା ଉଦ୍ଧାର କରାଯାଇ ପାଣିକୋଇଲି ପୁଲିସ ସହାୟତାରେ ଆପୋଷ ସମାଧାନ କରାଯାଇଛି। ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଂଚାୟତର ମତାବାଜ ଗ୍ରାମର ରସାନନ୍ଦ ସାହୁଙ୍କ ପତ୍ନୀ ପ୍ରମିଳା ନିଜର ଗୋଟିଏ ଝିଅ (୧୧) ଓ ପୁଅ ନିରଂଜନ(୬)କୁ ସାଙ୍ଗରେ ଧରି ପାଣିକୋଇଲିର ଏକ ସାର ଓ କୀଟନାଶକ ଦୋକାନକୁ ଆସି ବିଷ ମାଗିଥିଲେ। ତେବେ ଦୋକାନର ମାଲିକ ବିରଂଚି କୁମାର ବିଶ୍ୱାଳଙ୍କ ସନ୍ଦେହ ହେବାରୁ ସେ ତାଙ୍କୁ ସମସ୍ତ ବିଷୟ ପଚାରି ବୁଝିଥିଲେ। ପରେ ତାଙ୍କୁ କୀଟନାଶକ ନ ଦେଇ ହେଲପିଙ୍ଗ ଗ୍ରୁପର ସଭାପତି ଅଶୋକ କୁମାର ଦାସଙ୍କୁ ଜଣାଇଥିଲେ। ପରେ ଅଶୋକ ନିଜ ସହକର୍ମୀ ମାନଙ୍କୁ ଜଣାଇବା ପରେ ଉକ୍ତ ମହିଳାଙ୍କୁ ଉଦ୍ଧାର କରି ପାଣିକୋଇଲି ପୁଲିସ ମାଧ୍ୟମରେ ନେଇ ତା ପରିବାର ନିକଟରେ ପହଂଚାଇବା ସହିତ ପରିବାର ଲୋକଙ୍କ ସହିତ ଆପୋଷ ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ହେଲପିଙ୍ଗ ଗ୍ରୁପର ଅଶୋକ ବଳ, କୋଷାଧ୍ୟକ୍ଷ ହରେକୃଷ୍ଣ ସାହୁ, କୁନା ମହୀ, ପ୍ରିୟାଂଶୁ ଦାସ, ରଶ୍ମୀରଂଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ଭିନ୍ନ ଅବତାରରେ ନେତା




ପାରାଦୀପ, (ଜି.ପ୍ର): ଭୋଟର ବାପୁଡାଙ୍କୁ ଆପଣେଇବାକୁ ଭିନ୍ନ ପ୍ରୟାସ ନେତା କିଭଳି ଜିତି ହେବ ଭୋଟର ଙ୍କ ମନ ତାକୁ ନେଇ ନେତାଏ ଆପଣେଇଛନ୍ତି ଅଭିନବ ଉପାୟ । ପ୍ରଚାର ସହିତ ମନୋରଞ୍ଜନ କରିବାର ଏକ ନିଆରା ଅବତାର ରେ ଅନେକ ନେତା ନିର୍ବାଚନର ଅବ୍ୟବହିତ ପୂର୍ବରୁ କିଏ ଲଉଡ଼ି ଖେଳୁଛି ତ କିଏ ମଂଚ ଉପରେ ଆଣ୍ଠେଇ ଭୋଟ ଭିକ୍ଷା କରିବା ସହିତ ଭୋଟରଙ୍କୁ ମୁଣ୍ଡିଆ ମାରୁଛନ୍ତି, କିଏ ଅଷ୍ଟମପ୍ରହରୀ ନାମ ଯଜ୍ଞ ରେ ଯାଇ ଝାଞ୍ଜ ବଜାଇବା ସହ କୀର୍ତ୍ତନ ମଧ୍ୟ କରୁଛନ୍ତି। ହରିନାମ କୀର୍ତ୍ତନ ରେ ଝାଞ୍ଜ ମୃଦଙ୍ଗ ର ତାଳେ ତାଳେ ଗାଁ ଦାଣ୍ଡ ଦୁଲୁକାଇ ଦେଉଛନ୍ତି । ଏଭଳି ଭିନ୍ନ ଭିନ୍ନ ରୂପ ରେ ଦେଖିବାକୁ ମିଳିଛି ଜଗତସିଂପୁର ଜିଲ୍ଲାର କେତେକ ନେତାମାନଙ୍କୁ । ପାରାଦୀପ ବିଧାୟକ ସମ୍ବିତ ରାଉତରାଏ ନିଜ ଧର୍ମପତ୍ନୀ ଗୀତାଞ୍ଜଳି ରାଉତରାୟଙ୍କ ସହ ସ୍ଥାନୀୟ ଭୂତମୁଣ୍ଡାଇ ଜଗତି ଗ୍ରାମରେ ଏକ ଉତ୍ସବରେ ଯୋଗଦେଇ ସ୍ୱାମୀ ସ୍ତ୍ରୀ ମିଶି ସାଧାରଣ ଲୋକଙ୍କ ସହ ଲଉଡ଼ି ଖେଳୁଥିବା ଦେଖିବାକୁ ମିଳିଛି । ଦୁଇ ହାତରେ ଲଉଡ଼ି କାଠି ଧରି ଅତି ଆନନ୍ଦ ରେ ପାଦକୁ ପାଦ ମିଶାଇ ଗୀତର ତାଳେ ତାଳେ ଲଉଡ଼ି ନୃତ୍ୟ ପରିବେଷଣ କରିଛନ୍ତି । ସେହିଭଳି ଜଗତସିଂହପୁର ବିଜେଡି ଲୋକସଭା ପ୍ରାର୍ଥୀ ଡଃ ରାଜଶ୍ରୀ ମଲ୍ଲିକ ର୍ତିର୍ତୋଲ ର ଏକ ଅଷ୍ଟମପ୍ରହରୀ ନାମ ଯଜ୍ଞ ରେ ଯୋଗ ଦେଇ ନିଜ ହାତରେ ଝାଞ୍ଜ ବଜାଇ ନାମକୀର୍ତ୍ତନ ମଧ୍ୟ କରିଛନ୍ତି । କେବଳ ସେତିକି ନୁହ ଜିଲ୍ଲାର ରଘୁନାଥପୁର ମାଘୀ ପଡିଆରେ ସଂସଦ ପ୍ରାର୍ଥୀ ଡଃ ରାଜଶ୍ରୀ ମଲ୍ଲିକ ଓ ର୍ତିତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ର ବିଜେଡି ବିଧାୟକ ପ୍ରାର୍ଥୀ ମଂଚ ଉପରେ ଥାଇ ଭୋଟର ମାନଙ୍କୁ ନିଜ ସପକ୍ଷରେ ଭୋଟ ଭିକ୍ଷା କରିବାକୁ ଯାଇ ମଂଚ ଉପରେ ସର୍ବସମ୍ମୁଖରେ ଆଣ୍ଠୁ ମାଡି ଦୁଇ ହସ୍ତ ଯୋଡି ଭୋଟ ଭିକ୍ଷା କରିବା ସହ ଭୋଟରଙ୍କୁ ମୁଣ୍ଡିଆ ମଧ୍ୟ ମାରିଛନ୍ତି । ଚଳିତ ନିର୍ବାଚନ କୁ ଦୃଷ୍ଟି ରେ ରଖି ନେତାଏ ଭୋଟର ଙ୍କୁ ପ୍ରଭାବିତ କରିବା ଉଦ୍ଦେଷ୍ୟରେ ଏଭଳି ଅଭିନବ ପ୍ରୟାସ ଆପଣେଇବା ସମସ୍ତଙ୍କୁ ବେଶ ରୋଚକ ଲାଗିଥିବା ବେଳେ ନେତାଙ୍କ ଏତାଦୃଶ୍ୟ କାର୍ଯ୍ୟରେ ଭରପୁର ମନୋରଞ୍ଜନ କରିଛନ୍ତି ସ୍ଥାନୀୟ ଭୋଟର । କେହି କେହି ନିର୍ବାଚନ ସମୟ ଆସିଲେ ନେତାଏ ଏଭଳି ପନ୍ଥା ଅବଲମ୍ବନ କରନ୍ତି ବୋଲି ଚର୍ଚ୍ଚା କରୁଥିବା ବେଳେ କେହି କେହି ନେତାଙ୍କ ଠାରେ ଥିବା କଳାକାରୀ ଗୁଣ ଲୋକଙ୍କ ଆଗରେ ପରିସ୍ଫୁଟିତ ହେଲା ବୋଲି କହିବାକୁ ମଧ୍ୟ ପଛାଉ ନାହାନ୍ତି । ସେ ଯାହା ହେଉନା କାହିଁକି ଭୋଟ ସମୟରେ ଭୋଟରମାନଙ୍କ ପାଖରେ ନେତା ମାନଙ୍କ ଏହି ଭିନ୍ନ ରୂପ ନିର୍ବାଚନମଣ୍ଡଳୀ ରେ ଚର୍ଚ୍ଚାର ପରିଧିକୁ ବେଶ୍ ଖୋରାକ ଯୋଗାଉଛି ବୋଲି କୁହାଯାଉଛି ।

## ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ଜଗତସିଂହପୁର, (ସବ୍ୟୁ): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ନେଇ ଆଜି ଜଗତସିଂହପୁର ପୋଲିସ ପକ୍ଷରୁ ୨ଟି ପର୍ଯ୍ୟାୟରେ ଫ୍ଲାର୍ଗ ମାର୍ଚ୍ଚ କରାଯାଇଥିଲା ।ପୋଲିସ ପ୍ରଶାସନ ପକ୍ଷରୁ ନିର୍ବାଚନକୁ ଅବାଧ,ନିରପେକ୍ଷ ଓ ଭୟମୁକ୍ତ କରିବା ପାଇଁ ପୋଲିସ ବଳ ସାଧାରଣ ଭୋଟରମାନଙ୍କୁ ଫ୍ଲାର୍ଗ ମାର୍ଚ୍ଚ ଜରିଆରେ ଅଭୟ ପ୍ରଦାନ କରୁଛି ।ଏହି ଫ୍ଲାର୍ଗ ମାର୍ଚ୍ଚ ଆଳିପିଙ୍ଗଳ ପଞ୍ଚାୟତରୁ ବାହାରି ପଟସରା ଦେଇ ଏକସୁଧା ପର୍ଯ୍ୟନ୍ତ ଯାଇଥିଲା ।ସେହପରି ଦ୍ୱିତୀୟ ପର୍ଯ୍ୟାୟରେ କୁଳମୁଣ୍ଡିଲୋ ଠାରୁ ଆରମ୍ଭ ହୋଇ ଧନିପୁର ଦେଇ ତରିକୁନ୍ଦ ଛକ ନିକଟରେ ପହଞ୍ଚିଥିଲା ।ଏହି ଫ୍ଲାଗ ମାର୍ଚ୍ଚରେ ଏସଡିପିଓ ରଶ୍ମୀ ରଞ୍ଜନ ସାହୁ,ଜଗତସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ହୋଇଥିଲେ ।

## ଶ୍ରୀରାମ ନବମୀ

ଉଦୟଗିରି, (ସବ୍ୟୁ) : ବଡଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ଶ୍ରୀରାମ ନବମୀ ଉତ୍ସବ ଏକ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ସୁସଜ୍ଜିତ ଫଟୋଚିତ୍ରକୁ ବୈଦ୍ଧିକ ମଣ୍ଡପରେ ଆସିନ କରାଯାଇ ଆନୁଷ୍ଠାନିକ ଭାବେ ଯଜ୍ଞ କାର୍ଯ୍ୟ ସହିତ ପୂଜାର୍ଚ୍ଚନା କରାଯାଇଥିଲା । ବରିଷ୍ଠ ଆଚାର୍ଯ୍ୟ ଦେବେନ୍ଦ୍ର ନାଥ ପଣ୍ଡା ପୂଜା କାର୍ଯ୍ୟ ସଞ୍ଚାଳନ କରିଥିବାବେଳେ ଯଜ୍ଞ କର୍ତ୍ତାଭାବେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ରାଉତ ଯୋଗଦେଇଥିଲେ ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, (ସବ୍ୟୁ) : ଆସନ୍ତା ଜୁନ୍ ମାସ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ପୂର୍ବ ନିର୍ବାଚନ ଅପେକ୍ଷା ଏଥର ଭୋଟ୍ଦାନ ହାରରେ ବୃଦ୍ଧି ଓ ଶୂନ୍ୟ ରି-ପୋଲ୍ ଲକ୍ଷ୍ୟରେ ବୁଥ୍‌ସ୍ତରୀୟ ଅଧିକାରୀ ମାନଙ୍କର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ବ୍ଲକ୍ ଏବଂ କେନ୍ଦ୍ରପଡ଼ା ମୁନିସିପାଲିଟିର ୯୦୦ରୁ ଅଧିକ ବୁଥ୍‌ସ୍ତରୀୟ ଅଧିକାରୀ ଅଂଶ ଗ୍ରହଣ କରି ଜିଲ୍ଲା ପ୍ରଶାସନର ଏହି ଲକ୍ଷ୍ୟକୁ ସାକାର କରିବେ ବୋଲି ନିଜ ନିଜର ପ୍ରତିକ୍ରିୟାରେ କହିଥିଲେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଶ୍ରୀ ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା ଯୋଗ ଦେଇ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରତ୍ୟେକ ମତଦାନ କେନ୍ଦ୍ରର ପରିସରରେ ଥିବା ଭୋଟର ସହାୟତା କେନ୍ଦ୍ର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସଂସ୍ଥାପତି ଓ ପରିଚାଳିତ ହୋଇଥାଏ। ଶତ ପ୍ରତିଶତ ଭୋଟଦାନ ପାଇଁ ନିର୍ବାଚନ ଆୟୋଗଙ୍କ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଏସ୍‌ଭିଇଇପିକୁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ତ୍ୱରାନ୍ୱିତ କରିବେ। ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା, ମାର୍ଶାଘାଇ, ଗରଦପୁର, ଡେରାବିଶ ଓ କେନ୍ଦ୍ରାପଡ଼ା ତହସିଲ୍‌ର ତହସିଲ୍‌ଦାର ଏବଂ ବ୍ଲକ୍‌ର ବିଡିଓ, କେନ୍ଦ୍ରାପଡ଼ା ମୁନିସିପାଲିଟି ର କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିକାଶ କେନ୍ଦ୍ରର ଜଳଦାନ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ପବିତ୍ର ରାମନବମୀ ଅବସରରେ ଅସୁରେଶ୍ୱରର ପ୍ରସିଦ୍ଧ ଶ୍ରୀରାମନବମୀ ଯାତ୍ରା ଉପଲକ୍ଷେ କେଣ୍ଡୋଳୋ ପଞ୍ଚାୟତ ମଲ୍ଲୀପୁର ସ୍ଥିତ ସରସ୍ୱତୀ ଶିକ୍ଷା ବିକାଶ କେନ୍ଦ୍ର ପକ୍ଷରୁ ସାରା ଦିନ ବ୍ୟାପୀ ଜଳଦାନ କାର୍ଯ୍ୟକ୍ରମ କରାଯାଇଛି । ଗ୍ରୀଷ୍ମର ପ୍ରକୋପରେ ହଜାର ହଜାର ସଂଖ୍ୟାରେ ଭକ୍ତ ଦହି,ଲେମ୍ବୁ ଓ ଲୁଣ ମିଶ୍ରିତ ସରବତ ପିଇ ତୃର୍ଷା ମେଣ୍ଟାଇଥିଲେ । ଶିକ୍ଷା କେନ୍ଦ୍ରର ସମ୍ପାଦକ ପରିବେଶବିତ୍ ନିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମକୁ ପ୍ରବଚକ ପଣ୍ଡିତ ଶ୍ରୀକାନ୍ତ ପଣ୍ଡା, ଜୟପ୍ରକାଶ ସାହୁ, ଜ୍ୟୋତିପ୍ରକାଶ ସାହୁ, ଉମାକାନ୍ତ ଦାସ,ରମାକାନ୍ତ ଦାସ,ରାମନାଥ ଦାସ ଓ ବିଜୟ କୁମାର କୁଅଁର ପ୍ରମୁଖ ପରିଚାଳନା କରିଥିଲେ ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ବାଲିଟୁଠ, (ସବ୍ୟୁ): ଏରସମା ବ୍ଲକ ନୂଆଗାଁ ଗ୍ରାମର ସିଦ୍ଧ ଗୁମ୍ଫା ନିକଟରେ ଏକ ଅଜଣା ଗାଡି ଧକ୍କା ରେ ଯୁବକ ଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ଗତ ବୁଧବାର ବିଳମ୍ବିତ ରାତ୍ରିରେ ନୂଆଗାଁ ଗ୍ରାମର ମକର ଜେନା ଙ୍କ ପୁଅ ଆଶିଷ ରଞ୍ଜନ ଜେନା ୨୮ (ରିଙ୍କୁ ) ଡ଼ାଲୁଅ ଧାନ ବିଲରୁ ଫେରୁଥିବା ବେଳେ ସିଦ୍ଧ ଗୁମ୍ଫା ନିକଟ ରାସ୍ତାରେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲି ଯାଇଥିଲା । ଫଳରେ ସେ ଗୁରୁତର ଅବସ୍ଥାରେ ପଡିଥିବା ବେଳେ ପଡୋଶୀ ମାନେ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ପରିବାର ଲୋକ ଙ୍କ ଦ୍ୱାରା ସ୍ଥାନୀୟ କୁଜଙ୍ଗ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା । କଟକରେ ଚିକିତ୍ସିତ ଅବସ୍ଥାରେ ଡାକ୍ତର ଗୁରୁବାର ଦିନ ମୃତ ଘୋଷଣା କରିଥିଲେ । ଆଶିଷଙ୍କର ଏକମାତ୍ର ଦଶ ବର୍ଷର ଝିଅ ,ମାନସିକ ବିକୃତ ଭଉଣୀ,ବୃଦ୍ଧ ବାପା ଓ ସ୍ତ୍ରୀ ରହିଛନ୍ତି । ଶବ ବେବଛେଦ ପରେ ଗୁରୁବାର ସନ୍ଧ୍ୟାରେ ଗାଁ ମଶାଣିରେ ଏକ ଶୋକକୂଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ୱର୍ଗତ ଆଶିଷ ଙ୍କୁ ଶେଷ ଦର୍ଶନ ପାଇଁ ନୂଆଗାଁ ରୁ ହଜାର ହଜାର ଲୋକ ପହଁଚିଥିବା ଦେଖିବାକୁ ମିଳିଛି ।

## ୨ ପରିବାରର ଜଳିଗଲା ୪ ବଖରା

ରାଜନଗର, (ସବ୍ୟୁ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଗତ ୩ଦିନ ହେଲା ଜାରି ରହିଥିବା ବେଳେ ଆଜି ରାଜନଗର ବ୍ଲକ ଡାଙ୍ଗମାଳ ପଂଚାୟତ ଡାଙ୍ଗମାଳ ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ୪ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଡାଙ୍ଗମାଳ ଗାଁର ଶଶାଙ୍କ ଦଳପତି ଓ ବିକାଶ ଦଳପତିଙ୍କ ଦିନ ସାଢେ ୧୧ଟା ବେଳେ ଅକସ୍ମାତ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି । ଶଶାଙ୍କ ଓ ବିକାଶଙ୍କ ଘରେ ଥିବା ଟଙ୍କା, ସୁନା, ଟିଭି, ଫ୍ରିଜ, ଧାନ, ଚାଉଳ ସମେତ ଆସବାସ ପତ୍ର ପୋଡି ପାଉଶ ହୋଇଯାଇଛି । ଖବରପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଛି ନିଆଁକୁ ଆୟତ କରିଥିଲେ । ଦୁଖଦ ଖବର ପାଇବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ବିପନ୍ନ ପରିବାର ବର୍ଗ ଙ୍କ ନିକଟରେ ପହଁଚି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ତହସିଲ ପକ୍ଷରୁ ବିପନ୍ନ ପରିବାରକୁ ପାଲ ଯୋଗାଇ ଦିଆଯାଇଛି । ପଂଚାୟତ ପକ୍ଷରୁ ୭ଦିନ ରନ୍ଧାଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ବିପନ୍ନ ପରିବାର ଏବେ ପଡିଶା ଘରେ ଆଶ୍ରୟ ନେଇଛନ୍ତି।

## କଳା ପଲସର ଆତଙ୍କ, ଝାମ୍ପିନେଲେ ମୋବାଇଲ

ପାଣିକୋଇଲି, (ସବ୍ୟୁ): କିଛି ଦିନ ବ୍ୟବଧାନରେ ପୁଣି କଳା ପଲସର ଆତଙ୍କ ଆରମ୍ଭ ହୋଇଛି। ଜଣେ ବାଇକ ଆରୋହୀଙ୍କ ମୋବାଇଲ ଫୋନକୁ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି ଦୁର୍ବୃତ ମାନେ। ଏପରି ଘଟଣା ଘଟିଛି ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ନିକଟରେ। ସୁଚନାନୁସାରେ କୋରାଇ ଥାନା ବନ୍ଧାଳୋ ପଂଚାୟତ ଅନ୍ତର୍ଗତ ଦୁଲାଖାପାଟଣା ଗ୍ରାମର ଦେବେନ୍ଦ୍ର ମହାରଣା ବୁଧବାର ରାତି ୯ଟା ସମୟରେ ବାଇକରେ ପାଣିକୋଇଲି ବଜାର ଆଡକୁ ଯାଉଥିବା ବେଳେ ଦୁଇ ଜଣ ଦୁର୍ବୃତ ଏକ ନମ୍ବର ବିହୀନ କଳା ପଲସର ବାଇକରେ ଆସି ତାଙ୍କର ସ୍ମାର୍ଟ ମୋବାଇଲ ଫୋନକୁ ଝାମ୍ପି ନେଇଥିଲେ। ପରେ ଦେବେନ୍ଦ୍ର ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି।

## ହନୁମାନଜୀଉ ମନ୍ଦିର ବାର୍ଷିକୋତ୍ସବ

ସାଲେପୁର, (ସବ୍ୟୁ): ସାରଦା ଗ୍ରାମରେ ଥିବା ସଙ୍କଟ ମୋଚନ ହନୁମାନଜିଉଙ୍କର ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଅଛି । ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପରମ ପୂଜ୍ୟ ଆଚାର୍ଯ୍ୟ ପ୍ରେମ ସାଗର ବାବା ଅରକ୍ଷିତ ଦାସଜି ମହାରାଜ ଯୋଗଦେଇ ହନୁମାନ ମନ୍ଦିରକୁ ଜମି ଦାନ କରିଥିବା ସାରଦା ଗ୍ରାମର ସ୍ୱର୍ଗତ ଭାସ୍କର ନାୟକ, ସ୍ୱର୍ଗତ ଶ୍ରୀଧର ନାୟକ, ସ୍ୱର୍ଗତ ପ୍ରଭାକର ନାୟକ, ସ୍ୱର୍ଗତ ଗଯେନ୍ଦ୍ର ନାୟକ, ସ୍ୱର୍ଗତ ମିଛୁ ନାୟକଙ୍କ ଉତ୍ତରାଧିକାରୀ ମାନଙ୍କୁ ଓ ସିଦ୍ଧ ମହାବୀର ଚାଳିଶା ମଣ୍ଡଳୀର ଗାୟକ ଗାଇକା ଓ ତବଲା ବାଦକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ସମ୍ମାନିତ ଅତିଥି ରୂପେ ଡାକ୍ତର ରମେଶ ଚନ୍ଦ୍ର ପଣ୍ଡା, ଡ଼ ଉମେଶ ଚନ୍ଦ୍ର ପତି,ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ଯୋଗ ଦେଇ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବାବା ଆରିକ୍ଷିତ ଦାସଜି ମହାରାଜ ଶ୍ରୋତା ମାନଙ୍କୁ ହନୁମାନ କଥାମୃତ ମାଧମରେ ପ୍ରବଚନ ଦେଇଥିଲେ । ଶେଷରେ ଅନୁଷ୍ଠାନର ସମ୍ପାଦକ ସୁନୀଲ କୁମାର ରାଉତରାୟ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

## ମୁଗୁପାଳ ରଘୁନାଥଜୀଉଙ୍କ ବାର୍ଷିକ ଯଜ୍ଞ



କୁଆଖିଆ,(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ରଘୁନାଥ ସାହିରେ ବିଜେ କରିଥିବା ରଘୁନାଥ ଜୀୟୁଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୧୭ ତାରିଖରୁ ଆରମ୍ଭ ହୋଇଛି । ଅଙ୍କୁରା ରୋପଣ ପରେ କଳଶ ଶୋଭା ଯାତ୍ରା ଏବଂ ପ୍ରତୀଦିନ ଗୋ ପୂଜା ଓ ସୂର୍ଯ୍ୟ ପୂଜା ରଘୁନାଥ ଜୀୟୁଙ୍କ ପାରମ୍ପରିକ ପୂଜା ଆଧାତ୍ମିକ ଭାବ ଭଙ୍ଗିରେ ପାଳିତ ହେଉ ଅଛି । କର୍ତ୍ତା ଶ୍ୟାମସୁନ୍ଦର ପଣ୍ଡା, ପୂଜକ ଗିରିଜା ଶଙ୍କର ରଥ, କମିଟି ସଭାପତି ନିରଞ୍ଜନ ରଥ, ସମ୍ପାଦକ ପଦ୍ମଲୋଚନ ସାହୁ, ସମିତି ସଭ୍ୟ ନରୋତମ ସାହୁ, ବିଶ୍ୱନାଥ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ଆନନ୍ଦ ଚନ୍ଦ୍ର ପତି, ବରଦା ପ୍ରସନ୍ନ ପତି, ସୁକାନ୍ତ ପଣ୍ଡା, ମନୋରଞ୍ଜନ ପାଣି, ଶରତକାନ୍ତ ପଣ୍ଡା, ସ୍ଥାୟୀ ପୂଜକ ଦେବେନ୍ଦ୍ର ପଣ୍ଡା, ସୁଶାନ୍ତ ପଣ୍ଡା ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ମିଳିତ ଉଦ୍ୟମରେ ଶହେ ବର୍ଷ ହେବ ରଘୁନାଥ ଜୀୟୁଙ୍କ ପୂଜାର୍ଚ୍ଚନା ଜାରି ରଖିଛନ୍ତି । ପ୍ରତିଦିନ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଜନଗଣଙ୍କୁ ବିମୁଗ୍ଧ କରିଛି, ପ୍ରତିଦିନ ବାଲ୍ୟଲିଳା ଉତ୍ସବ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ପାଳିତ ହେଉଛି । ଆଜି ଅନେକ ଗ୍ରାମର କୀର୍ତନ ମଣ୍ଡଳୀ ଯୋଗ ଦେଇ ଆଧାତ୍ମିକ ପରିବେଶ ସୃଷ୍ଟି କରି ଜନଗଣଙ୍କୁ ଧର୍ମ ମାର୍ଗରେ ଚାଲିବା ପାଇଁ ମାର୍ଗ ଦର୍ଶନ ଦେବେ।

## ବାରବାଟୀ ବସ୍ ଦୁର୍ଘଟଣାସ୍ଥଳରେ କେନ୍ଦ୍ରୀୟ ଟିମ୍

ଧର୍ମଶାଳା, (ସ.ବ୍ୟୁ): ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ବାରବାଟୀ ଛକ ନିକଟରେ ଯାତ୍ରୀ ବାହୀ ବସ ଦୁର୍ଘଟଣା ମାମଲା।

ଘଟଣାସ୍ଥଳରେ କେନ୍ଦ୍ରୀୟ ଅନୁଧାନକାରୀ ଦଳର ପହଁଚି ସରଜମିନ ତଦନ୍ତ କରିଛନ୍ତି । ଆଜି ଅପରାହ୍ନରେ ୨ଜଣିଆ କେନ୍ଦ୍ରୀୟ ଅନୁଧାନକାରୀ ଦଳ ବାରବାଟୀ ଛକ ନିକଟ ଦୁର୍ଘଟଣା ସ୍ଥଳରେ ପହଁଚି ଅନୁଧାନ କରିଥିଲେ। ଓଭର ବ୍ରିଜ ଉପରେ ରହି ଦୁର୍ଘଟଣା ସମ୍ପର୍କରେ ପଚାରି ବୁଝିବା ସହ ଏହାର ବୈଜ୍ଞାନିକ କାରଣ ଖୋଜିଥିଲେ। ପରେ ଜାରକା ବିଟ ହାଉସ ପରିସରରେ ଥିବା ଦୁର୍ଘଟଣା ଗ୍ରସ୍ତ ବସ ଟିର ଅନୁଧାନ କରିବା ସହ ଫଟୋ ଉଠାଇଥିଲେ।

ଏହି ସମୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, କଟକ ଏମଭିଆଇ ବିଶ୍ୱଜିତ ଦାସ, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଏସଆଇ ଅସିତ କୁମାର ସମ୍ପରାୟଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଗତ ୧୫ତାରିଖ ରାତି ସମୟରେ ପୁରୀରୁ ପଶ୍ଚିମବଙ୍ଗ ହଳଦିଆ ଅଭିମୁଖେ ଯାଉଥିବା କାଳିଆନନା ବସ ବାରବାଟୀ ଛକ ନିକଟରେ ରାତି ୮ଟା ୪୫ ମିନିଟରେ ଭାରସାମ୍ୟ ହରାଇ ଓଭର ବ୍ରିଜ ଉପରୁ ତଳକୁ ଓଲଟି ପଡିଥିଲା। ଫଳରେ ୫ଜଣ ବସ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ତେବେ ଏହି ଦୁର୍ଘଟଣା କାହିଁକି ଓ କିପରି ଘଟିଲା ଏନେଇ କାରଣ ଖୋଜା ଚାଲିଛି ।

ତେବେ କେନ୍ଦ୍ରର ସେଭ ଲାଇଭ ଫାଉଣ୍ଡେସନର ୨ ଜଣିଆ ତଦନ୍ତକାରୀ ଦଳ ଆସି ଦୁର୍ଘଟଣା ଘଟିବାର ବୈଜ୍ଞାନିକ କାରନ ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି ବୋଲି ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ବିତ କହିଛନ୍ତି ।

## ଜେଏସ୍‌ଏଲ୍ ପକ୍ଷରୁ ଅଗ୍ନି ନିରାପତ୍ତା ସପ୍ତାହ



ବ୍ୟାସନଗର, (ଜି.ପ୍ର): ଜିନ୍ଦଲ ଷ୍ଟେନଲେସ ଲିମିଟେଡର, ସାମାଜିକ ଦାୟୀତ୍ୱବୋଧ ବିଭାଗ ମାଧମରେ ମାନତିରା ଓ ବୁଦ୍ଧରାଜା ବିଦ୍ୟାପୀଠ ପରିସରରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନେଇ ଦୁଇଦିନ ଧରି ଅଗ୍ନି ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ଅଗ୍ନି ନିରାପତା ସମ୍ବନ୍ଧୀୟ ସଚେତନତା ପ୍ରଦାନ କରିବାର ଲକ୍ଷ୍ୟ ନେଇ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ଅଗ୍ନି ସୁରକ୍ଷା ବିଭାଗ ଓ ସିଏସଆର ବିଭାଗର ମିଳିତ ଉଦ୍ୟମରେ ଅଗ୍ନି ସୁରକ୍ଷା ସପ୍ତାହ ପାଳନ ଅବସରରେ ଏକ ସଚେତନତା ଭିତିକ କାର୍ଯକ୍ରମ ଆୟୋଜନ କରଯାଇଥିଲା।। ଜେଏସଏଲର ଅଗ୍ନି ନିରାପତା ବିଭାଗର ଅଧିକାରୀ ଛାତ୍ରଛାତ୍ରୀ ମାନଙ୍କୁ ନିଆଁ ଲାଗିବାର ବିଭିନ୍ନ କାରଣ ଏବଂ ଏହାକୁ ନିର୍ବାପନ କରିବା ପାଇଁ ବିଭିନ୍ନ ପଦ୍ଧତି ସମ୍ବନ୍ଧରେ ପ୍ରଦର୍ଶନ ମାଧମରେ ଅବଗତ କରାଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ଉପଯୋଗୀତା ଓ ବ୍ୟବହାର ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡର ସିଏସଆର ବିଭାଗର ଅଧିକାରୀମାନେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଏହି ଶିବିରର ଉପାଦେୟତା ସମ୍ବନ୍ଧରେ ଅବଗତ କରିଥିଲେ। ମାଣତିରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଓ ବୁଦ୍ଧରାଜା ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ଜେଏସଏଲର କର୍ମକର୍ତା ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ର କର୍ମଚାରୀବୃନ୍ଦ ଯଥା ରୋଲଣ୍ଡ ଦଳେଇ, ସସ୍ମିତା ସାମଲ, ଲବଣୀ ତରାଇ, ପ୍ରିୟଙ୍କା ପଣ୍ଡା, ସସ୍ମିତା ପରିଜା ଓ ମଧୁସ୍ମିତା ମହାନ୍ତି ପ୍ରମୁଖ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ।

## ଜଙ୍ଗଲ ସୁରକ୍ଷା ସଚେତନତା

ବାଲିଟୁଠ, (ସବ୍ୟୁ): କୁଜଙ୍ଗ ବନଖଣ୍ଡ ଅଞ୍ଚଳ ରେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ଜଙ୍ଗଲ ର ସୁରକ୍ଷା ପାଇଁ ଲୁଣା ଜଙ୍ଗଲ ବନ୍ୟପ୍ରାଣୀ ରାଜ ନଗର ବନଖଣ୍ଡ ପକ୍ଷରୁ ନୂଆଗାଁ,ଗଡକୁଜଙ୍ଗ ଅଞ୍ଚଳ ରେ ସଚେତନତା ବାର୍ତ୍ତା ଜାରି କରାଯାଇଛି ।ଗଡକୁଜଙ୍ଗ ର ନୋଳିଆ ସାହି, ନୂଆଗାଁ ଫରେଷ୍ଟ କାର୍ଯ୍ୟାଳୟ, ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ରେ ସଚେତନତା ବାର୍ତ୍ତା ଦିଆଯାଇଛି ।ଜଙ୍ଗଲରେ ନିଆଁ ଲଗାଇବା ଏକ ଆଇନି ଗତ ଅପରାଧ ବୋଲି ସୂଚିତ କରାଯାଇଛି ।ଏଠି ସହିତ ଜଙ୍ଗଲରେ ନିଆଁ ଲଗାଇଲେ ସାତ ବର୍ଷ ଜେଲ ଦଣ୍ଡ ସହିତ ଦଶ ହଜାର ଟଙ୍କା ଜୋରିମାନା ଦେବାକୁ ପଡିବ ।ବଡ ତଣ୍ଡା ର ଜଟାଧାର ଜଙ୍ଗଲ ଓ ନିକଟ ଜଙ୍ଗଲ ପାର୍ଷ ବର୍ତ୍ତି ଅଧିବାସୀ ମାନେ ଜଙ୍ଗଲ କାଟିବ,ପଶୁ ଜନ୍ତୁ ଙ୍କୁ ଆକ୍ରମଣ ସମ୍ପର୍କରେ ସୂଚନା ପାଇଲେ ସ୍ଥାନୀୟ ଫରେଷ୍ଟର, ରେଞ୍ଜର, ଗାର୍ଡ ମାନଙ୍କୁ ତୁରନ୍ତ ଖବର ଦେବାକୁ ଅନୁରୋଧ କରାଯାଇଛି ।

## ତେଜ ହୋଣ୍ଡା ପ୍ରିମିୟର ଲିଗ୍ ଉଦ୍‌ଘାଟିତ: ବ୍ୟାସ ଟାଇଗର୍ସ ବିଜୟୀ




ବ୍ୟାସନଗର, (ସବ୍ୟୁ): କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀ ଆନୁକୁଲ୍ୟରେ ତେଜ ହୋଣ୍ଡା କଳିଙ୍ଗନଗର ପ୍ରିମିୟର ଲିଗ୍ ଦିବା ରାତ୍ରି କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମ ଠାରେ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ସଭା କେ.ପି.ଏଲର କାର୍ଯ୍ୟକାରୀ ସଭାପତି ଆଲୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ପୌରପରିଷଦର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଯୋଗଦେଇ ଟ୍ରଫି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ତେଜ ହୋଣ୍ଡାର ପରିଚାଳନା ନିର୍ଦ୍ଦେଶକ ରାକେଶ ରାଉତ ଯୋଗ ଦେଇଥିଲେ। କେ.ପି.ଏଲ ପରିଚାଳନାର ମୁଖ୍ୟ ନିରଞ୍ଜନ ପୃଷ୍ଟି ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୫ଜଣ ପୂର୍ବତନ କ୍ରୀଡ଼ାବିତ୍ ଉମାକାନ୍ତ ରାଉତ, ଉତ୍କଳ ଜେନା, ସଂଜୟ ମହାନ୍ତି, ପ୍ରକାଶ ପରିଡ଼ା ଓ ଦିପଙ୍କର ସେନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ଅଭିଷେକ ସାହୁ, ପ୍ରିୟବ୍ରତ ରାଉତ, ଜିତେନ୍ଦ୍ର ବେହୁରା, ପ୍ରଦ୍ୟୁମ୍ନ ନାୟକ, ଜିତେନ୍ଦ୍ର ପରିଡ଼ା, ମନୋଜ ନାୟକ, ସନ୍ତୋଷ ମହନ୍ତ, ସରୋଜ ବିଶ୍ୱାଳ, ରମେଶ ପଣ୍ଡା, ସଂଜିବ ବେହେରା, ଆକାଶ ମହାନ୍ତି, ହାପେନ୍ଦ୍ର ବଳ, ମନୋଜ ଗୁପ୍ତା, ସଂଗ୍ରାମ ଦେଓ, ପ୍ରମୁଖ ସହଯୋଗ କରିଥିଲେ। ଉଦଘାଟନୀ ମ୍ୟାଚ୍ ବ୍ୟାସ ଟାଇଗର୍ସ, ଯୋଡ଼ାବର ଓ ଏ ଏଣ୍ଡ ଏସ୍ ରୟାଲ୍ ଚ୍ୟାଲେଞ୍ଜର୍ସ ମରେ ହୋଇଥିଲା। ଟସ୍‌ରେ ବିଜୟୀ ହୋଇ ବ୍ୟାସ ଟାଇଗର୍ସ ପ୍ରଥମେ ଫିଲଡ଼ିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଏଣ୍ଡଏସ୍ ରୟାଲ୍ ଚ୍ୟାଲେଞ୍ଜର୍ସ ୧୯ ଓଭରରେ ସମସ୍ତ ଇଉକେଟ ହରାଇ ୧୪୩ ରନ୍ କରିଥିଲେ। ଦଳ ତରଫରୁ ସରୁଳ କନଓ୍ୱର ୩୨ ଓ ଆଇ.ପି.ଏଲ୍. ଖେଳାଳୀ ଦୀପକ ପୁନିଆ ୨୭ ରନ୍ କରିଥିଲେ। ବ୍ୟାସ ଟାଇଗର୍ସର ଅମର ଚୌଧୁରୀ ୩ଟି ଓ ବିପିନ ଚନ୍ଦ୍ରା ୪ଟି ଉଇକେଟ ନେଇଥିଲେ। ଏହାର ଜବାବରେ ବ୍ୟାସ ଟାଇଗର୍ସ ୧୭.୫ ଓଭରରେ ୬ଉଇକେଟ ହରାଇ ୧୪୪ ରନ୍ କରିଥିଲେ। ଦଳ ତରଫରୁ ଅମର ଚୌଧୁରୀ ୪୨ ରନ୍ ଓ ରବିନ୍ ସିଂହ ୩୫ ରନ୍ କରିଥିଲେ। ରୟାଲ୍ ଚ୍ୟାଲେଞ୍ଜର୍ସର ମନିପ ସେରଓ୍ୱତ ୨ଟି ଓ ଆଶିକ ସୁହାଗ ୨ ଉଇକେଟ ନେଇଥିଲେ । ୪ ଉଇକେଟରେ ବ୍ୟାସ ଟାଇଗର୍ସ ବିଜୟୀ ହୋଇଥିଲା। ଓମ୍ ଟ୍ରେଡ଼ର୍ସ ମାଲିକ ସନ୍ଦିପ ସ୍ୱାଇଁଙ୍କ ଦ୍ୱାରା ଅମର ଚୌଧୁରୀ ଯେ କି ଅଲରାଉଣ୍ଡ ସଫଳତା ହାସଲ କରିଛନ୍ତି ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ସର୍ବଭାରତୀୟ ଅମ୍ପେୟାର ଅସିତ୍ ପଟ୍ଟନାୟକ, ଆଶୁତୋଷ ପାଣି ପରିଚାଳନା କରିଥିବାବେଳେ ଅସିମ ଦାସ ସ୍କୋରର ଓ ଭାଷ୍ୟକାର ଭାବେ ବୁବୁ ସିହ୍ନା ଓ ଏ.କେ ରସିଦ୍ ଉଲ୍ ଯୋଗ ଦେଇଥିଲେ।

## ଅଭିନେତା ସଚ୍ଚି ଦାସଙ୍କ ପରଲୋକ



ରତ୍ନଗିରି, (ସବ୍ୟୁ): ଓଡିଆ ଚଳଚିତ୍ର ଧାରାବହିକ ଜଗତର ପ୍ରଖ୍ୟାତ ଅଭିନେତା ଓ ଯାତ୍ରା ଜଗତର କିମ୍ବଦନ୍ତୀ ନିର୍ଦ୍ଦେଶକ ସଚ୍ଚି ଦାସଙ୍କର ଆଜି ଦିନ ପ୍ରାୟ ସାଢେ ୯ ଟାରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। ଏହି ଖବର ଜଣା ପଡିବା ପରେ ତାଙ୍କ ଜନ୍ମ ସ୍ଥାନ ବରୀ ସହିତ ସମଗ୍ର ରାଜ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ବିଶେଷ କରି ରାଜ୍ୟର ସମସ୍ତ କଳାକାର ଓ ଅଗଣିତ ଦର୍ଶକଙ୍କୁ ଏହି ଖବର ବ୍ୟଥିତ କରିଛି। ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ ମଧ୍ୟ ପିଲା ବେଳୁ କଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ରହିଥିଲା। ବୟସ ବଢିବା ସହିତ ସେ କଳା ଜଗତରେ ନିଜକୁ ବେଶ ପ୍ରତିଷ୍ଠିତ କରିଥିଲେ। ରାଜ୍ୟର କଳାକାରଙ୍କ ମଧ୍ୟରେ ତାଙ୍କ ପ୍ରତି ଗଭିର ଶ୍ରଦ୍ଧା ଓ ସମ୍ମାନ ରହିଥିଲା। ସେ ବିଭିନ୍ନ ଚଳଚିତ୍ର , ମେଗା ଧାରାବାହିକରେ ଅଭିନୟ କରିବା ସହିତ ଜଣେ ନିର୍ଦ୍ଦେଶକ ଭାବେ ମଧ୍ୟ ବେଶ ସୁନାମ ଅର୍ଜନ କରିଥିଲେ। ବିଶେଷ କରି ଯାତ୍ରା ଜଗତରେ ଜଣେ ନିର୍ଦ୍ଦେଶକ ଭାବେ ସେ ବେଶ୍ ସୁନାମ ଓ ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କ ନିର୍ଦ୍ଦେଶନା ରେ ଅନେକ ଯାତ୍ରା ବିଶେଷ ଲୋକପ୍ରିୟତା ହୋଇ ପ୍ରଶଂସା ସାଉଁଟି ଥିଲା। ବେଳେ ତାଙ୍କ ନିର୍ଦ୍ଦେଶନାରେ ଶାଗୁଣା ବସିଛି ଡେଣା ମେଲାଇ ନାଟକ ବେଶ୍ ସଫଳ ଓ ଲୋକପ୍ରିୟ ହୋଇଥିଲା। କଟକ ରୁ ତାଙ୍କ ମର ଶରୀର ବରୀ ଅନନ୍ଦପୁର ସ୍ଥିତ ବାସ ଭବନକୁ ଅଣାଯାଇ ନିଜ ପୈତୃକ ସ୍ମସାନରେ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ସୁତ୍ରରୁ ଜଣା ଯାଇଛି। ମୃତ୍ୟୁ ଖବର ପାଇ ବିଜେଡି ରାଜ୍ୟ ସମ୍ପାଦକ ବିଶ୍ୱ ରଞ୍ଜନ ମଲ୍ଲିକ, ଯାଜପୁର ଲୋକସଭା ବିଜେପି ପ୍ରାର୍ଥୀ ଡଃ ରବିନ୍ଦ୍ର ନାରାୟଣ ବେହେରା ,ଡଃ ରାଜକିଶୋର ପଣ୍ଡା ସ୍ଥାନୀୟ ସରପଂଚ ମାନସ ଜେନା ପ୍ରାକ୍ତନ ସରପଂଚ ବିଜୟ କୁମାର ସାହାଣୀ, ଫକିର ଚରଣ ସିଂ ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ।